# SEETA BIBAHA

*(A Pauranic drama)*

COMPOSED BY

KAMPAL MISRA B. A.

PUBLISHED

WITH AN INTRODUCTION

by

*ABHIRAM BHANJ M. A.*

*First Edition*

CUTTACK.

PRINTED BY B. P. DAN

AT THE ARUNODOY PRESS.

1899.

Digitized by srujanika@gmail.com

ସାହିତ୍ୟାନୁରାଗିଣୀ

ସ୍ୱଧର୍ମପରାୟଣା

କରୁଣାର୍ଦ୍ର ହୃଦୟା

ଢେଙ୍କାନାଳ ଅଧୀଶ୍ୱରୀ

ଶ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କର

କରସରୋଜରେ

ଏହି 'ଗୀତାଚବାଦ' ନାମକ

ଦୃଶ୍ୟକାବ୍ୟଟି

ପରମ ଶ୍ରଦ୍ଧାରେ

ସମର୍ପିତ ହେଲା ।

Digitized by srujanika@gmail.com

# ଅନୁକ୍ରମଣିକା ।

ଓଡ଼ିଆ ଭାଷାରେ ନାଟକର ସଂଖ୍ୟା ଅତି ଅଳ୍ପ । ଶ୍ରୀଯୁକ୍ତ ରାମଶଙ୍କର ରାୟ ଓ ଶ୍ରୀଯୁକ୍ତ ଜଗମୋହନ ଲାଲା ମହାଶୟମାନେ ଅସ୍ମଦ୍ଦେଶରେ ନାଟକ ରଚନାର ସୂତ୍ରପାତ କରିଅଛନ୍ତି । ଦୁଃଖର ବିଷୟ ଓଡ଼ିଷ୍ୟାରେ ରଙ୍ଗମଞ୍ଚର ଅନାଦର ଓ ଅଭାବ ବଶତଃ ଅନେକଙ୍କର ନାଟକରଚନାଭିଳାଷ ଅଙ୍କୁରିତ ହୋଇ ଅକାଳରେ ବିନଷ୍ଟ ହୋଇଯାଏ । କିନ୍ତୁ ଉତ୍କଳସାହିତ୍ୟ ଯେଉଁରେ ପ୍ରକୃତ ନାଟକପଦବାଚ୍ୟପ୍ରବନ୍ଧର ଶୋଚନୀୟ ଅଭାବ କେବଳ ରଙ୍ଗମଞ୍ଚର ଅଭାବଜନିତ ନୁହେ । ଅବଶ୍ୟ ଆମ୍ଭେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁ ଯେ ନାଟକର ଶୋଭା ଓ ଉତ୍କର୍ଷ ଅଭିନୟରେ ପ୍ରକଟିତ ହୁଏ, ପୁନଶ୍ଚ ଅନେକ ସ୍ଥଳରେ ମହାକବି ଲେଖନୀପ୍ରସୂତ ନାଟକର ଅନନୁଭୂତ ଚିତ୍ତାମୋଦବିଧାୟିନୀ ଅପରିଲକ୍ଷିତଶକ୍ତିସଞ୍ଚାରଣୀ-ଶୋଭା ଅଭିନୟରେ ଖର୍ବୀକୃତ ହୁଏ । ଔଦାର୍ଯ୍ୟଗୁଣାଲଙ୍କୃତ ଶିକ୍ଷିତ ସମାଲୋଚକମାନଙ୍କ ହୃଦୟପଟରେ ଅତୁଲ୍ୟ ନାଟକର ସୌନ୍ଦର୍ଯ୍ୟ ଉଜ୍ଜ୍ୱଳ ଭାବରେ ଅଙ୍କିତ ହୋଇଥାଏ । ଦୃଶ୍ୟକାବ୍ୟର ସାରବତ୍ତା ଓ ମହିମା ଏକା କଳ୍ପନା କଳନା କରିପାରେ, ଅଭିନୟଦ୍ୱାରା ତାହାର ଷୋଡ଼ଶାଂଶର ପ୍ରକାଶ ସୁଦୂରପରାହତ । ଯାହା ହେଉ ରଙ୍ଗମଞ୍ଚର ଅଭାବ ସଙ୍ଗେ ଉତ୍କଳରେ ଆଶାନୁରୂପ ନାଟକର ଅଳ୍ପସଂଖ୍ୟକତାର ନିତ୍ୟନୈମିତ୍ତିକ ସମ୍ବନ୍ଧ ନାହିଁ । ତାହାର ପ୍ରକୃତ କାରଣ ମାନବଚରିତ୍ରର ଅନଭିଜ୍ଞତା ଓ ତନ୍ନିବନ୍ଧନ ନାଟକରଚନାର କ୍ଲେଶସାଧ୍ୟତା । ଦୃଶ୍ୟମାନ ପ୍ରକୃତିର ବାହ୍ୟଶୋଭା ବର୍ଣ୍ଣନ କରିବାଠାରୁ ନୟନାତୀତ ଜଟିଳ ମାନବଚରିତ୍ରର ଚିତ୍ରଣ ଅଧିକତର କଷ୍ଟସାଧ୍ୟ ବା ଶକ୍ତି ସାପେକ୍ଷ ବୋଲି ସକଳ ଦେଶର ସମାଲୋଚକମାନେ ବୋଲନ୍ତି "କାବ୍ୟେଷୁ ନାଟକଂ ଶ୍ରେଷ୍ଠଂ" ।

Digitized by srujanika@gmail.com

ଏତାଦୃଶ କ୍ଲେଶସାଧ୍ୟ କାର୍ଯ୍ୟରେ ପ୍ରିୟବନ୍ଧୁ ରାମପାଲ ମିଶ୍ର ମହାଶୟଙ୍କର ଉଦ୍ୟମ ଦେଖି ବିଶେଷ ପ୍ରୀତିଲାଭ କଲି । ସ୍ୱରଚିତ 'ସୀତାବିବାହ' ନାଟକର କିୟଦଂଶ ସେ ମତେ ଶୁଣାଇଥିଲେ ଓ ତାହା ମନୋହର ହେବାରୁ ମୁଁ ପ୍ରୋକ୍ତ ପୁସ୍ତକ ନେଇ ଆଦ୍ୟୋପାନ୍ତ ଦୁଇଥର ପାଠ କରିଥିଲି । ସୁପାଠ୍ୟତା ଓ ଉପକାରିତା ଅନୁମାନରେ ଅଦ୍ୟ ତାହା ପ୍ରକାଶିତ କରିବାକୁ ସାହସୀ ହେଲି । ନିମ୍ନରେ ପ୍ରୟୋଜନାନୁସାରେ ଗ୍ରନ୍ଥର ସମାଲୋଚନା କରାଗଲା ।

ନାଟକ ଖଣ୍ଡି ଏକ ପୌରାଣିକ ସନ୍ଦର୍ଭ ଘେନି ରଚିତ । ଋଷିପ୍ରବଣସ୍ୱ ରାମଚନ୍ଦ୍ରଙ୍କର ଶୈଶବକାଳୀନ ବନପ୍ରୟାଣ, ତାଡ଼କାବଧ ନରମାଂସଲୋଲୁପା ପାପାତ୍ମା ରାକ୍ଷସମାନଙ୍କ ଅନୁଷ୍ଠିତ ଯାଗଯଜ୍ଞର ଘୋର ଅନିଷ୍ଟ କାରିଣୀ ରାକ୍ଷସୀମାନଙ୍କର ସମୂଳବିନାଶସାଧନ, ସ୍ୱାମୀଶାପଜନିତ ନିଦାରୁଣ ଯାତନା ଭୋଗିନୀ ଦେବବାଳା ଅହଲ୍ୟାଙ୍କର ଉଦ୍ଧାର ସାଧନ, ମିଥିଳାନଗରରେ ଜନକନନ୍ଦିନୀ ଅନବଦ୍ୟାଙ୍ଗୀ ମାନୁଷରୂପଧାରିଣୀ ସ୍ୱୟଂ ନାରାୟଣୀ ସୀତାଦେବୀଙ୍କ ସଙ୍ଗରେ ଶୁଭପରିଣୟ, କ୍ଷତ୍ରିୟକୁଳବିଧ୍ୱଂସୀ ପର୍ଶୁରାମଙ୍କର ଗର୍ବଗଞ୍ଜନ ଓ ଅଯୋଧ୍ୟା ପ୍ରତ୍ୟାଗମନ ବୃତ୍ତାନ୍ତ ବର୍ଣ୍ଣିତ ହୋଇଅଛି । କିନ୍ତୁ ଇଂରେଜୀ ଭାଷାର ବିସ୍ତାର ସଙ୍ଗେ କେବଳ କଳ୍ପନାପାର ତାବତୀୟ ପ୍ରବନ୍ଧର ପ୍ରସାର ହ୍ରାସପ୍ରାପ୍ତ ହୋଇଅଛି । ଐତିହାସିକ ବିଷୟ ଘଟିତ ନାଟକହିଁ ଆଧୁନିକ ରୁଚିର ଉପଯୋଗୀ । ଓଡ଼ିଶ୍ୟା ଇତିବୃତ୍ତର ଅନେକ ଅଂଶ ଦେଶବାସିଙ୍କୁ ଅପରିଜ୍ଞାତ । ପ୍ରୋକ୍ତ ପ୍ରକାରର ବିଷୟ କିଞ୍ଚିତ୍ କଳ୍ପନାଦ୍ୱାରା ଅନୁପ୍ରାଣିତ ହେଲେ ବିଶେଷ ଆଦରଣୀୟ ହୁଏ । ଦୁଇଶତ ବା ତତୋଧିକ ବର୍ଷ ପୂର୍ବେ ଦେଶର ଲୋକଙ୍କର ଓ ସମାଜର ଅବସ୍ଥା କିପରି ଥିଲା ତାହାର ମନୋହର ଜୀବନ୍ତଛବି ପ୍ରଦର୍ଶନ ନାଟକ ରଚୟିତାଙ୍କର ଯଥାର୍ଥ କୃତିତ୍ୱ ଅଟେ । ଏଥିଦ୍ୱାରା ଆମ୍ଭମାନେ କିନ୍ତୁକାହିଁ ଯେ ପୌରାଣିକ ଉପାଖ୍ୟାନରେ ଉପକାର ଓ ଚିତ୍ତାମୋଦ ଦୁଷ୍ପ୍ରାପ୍ୟ ! ସନ୍ଦିଗ୍ଧ

ପ୍ରକୃତିର ସୁମଧୁର ଆଲୋକ ତଥା ନାଟ୍ୟକାର ସଞ୍ଜୀବନୀଶକ୍ତିବଶରୁ ଦର୍ଶକ ମନରେ ଅନୂତ୍କର୍ଷୀ ଜାତକର ଉନ୍ନତ ମାର୍ଗକୁ ଆକର୍ଷଣ କରେ । ବୋଲିବାର ଉଦ୍ଦେଶ୍ୟ ଏହି ଯେ ଶ୍ରୀଯୁକ୍ତ କାମପାଳ ମିଶ୍ର ମହାଶୟଙ୍କପରି ଭକ୍ତିବାଦ୍ୟ ଲୋକ ଦେଶର ଛିନ୍ନସ୍ଖଳିତ ଇତିହାସକୁ ଗବେଷଣା ଏବଂ କଳ୍ପନା ସାହାଯ୍ୟରେ ଆଲୋକିତ କରିବାକୁ ଇଚ୍ଛୁକ ହେବେ ।

ସ୍ୱଭାବୋକ୍ତି; ଉଦାହରଣ

ବର୍ଣ୍ଣନୀୟ ବିଷୟ ନାଟକରେ ଯେପରି ଅଭିବ୍ୟକ୍ତି ଲାଭ କରେ ଅନ୍ୟ କୌଣସି ପ୍ରକାର ରଚନାରେ ସେପରି ନୁହେ । ଉପନ୍ୟାସରେ ଯାହା ଅନେକ ପୃଷ୍ଠାବ୍ୟାପିନୀ ବିସ୍ତୃତ ବର୍ଣ୍ଣନାଦ୍ୱାରା ଅସ୍ଫୁଟଭାବରେ ପ୍ରକାଶିତ ହୁଏ ତାହା ନାଟକରେ ଅତିସାମାନ୍ୟ ଉକ୍ତିଦ୍ୱାରା ସ୍ପଷ୍ଟରୂପେ ନିଷ୍ପନ୍ନ ହୁଏ । କିନ୍ତୁ ସ୍ୱଭାବୋକ୍ତିର ଉଦ୍ଭାବନା ଓ ଯଥାଯୁକ୍ତ ସନ୍ନିବେଶ ଅସାମାନ୍ୟ ଶକ୍ତି ଓ ଚାତୁର୍ଯ୍ୟ ପ୍ରୟୋଜନ କରେ । ନାଟକର ବହୁଜନମନୋରଞ୍ଜନତ୍ୱ ଅନେକାଂଶ ତାହାରି ଉପରେ ନିର୍ଭର କରେ । ଆଲୋଚ୍ୟ ଗ୍ରନ୍ଥର କେତେକସ୍ଥଳରେ ତଦନୁରୂପ ସ୍ୱଭାବୋକ୍ତି ଲକ୍ଷିତ ହୋଇଅଛି । ତାହାର ଗୋଟିଏ ଦୃଷ୍ଟାନ୍ତ ନିମ୍ନରେ ପ୍ରକଟିତ ହେଲା । ପ୍ରଥମଅଙ୍କ ଚତୁର୍ଥ ଦୃଶ୍ୟରେ ଜନକରାଜମହିଷୀ ପରମସ୍ନେହପରିପାଳିତା ପ୍ରିୟତମା ଆତ୍ମଜାଙ୍କର ବିବାହ ସମୟ ଉପସ୍ଥିତ ହେବାରୁ ବିଶେଷ ଦୁଃଖିତା ହୋଇ ଏକାକିନୀ ଅଛନ୍ତି । "ବିବାହ ହେବ ସେତ ବିଧାତାର ବିଧାନ, ସେଥିରେତ ହାତ ଦେଇ ହେବ ନାହିଁ ? ହାୟ ! ମୋ କୋଳରୁ ଯାଇ ପରଘରେ ରହିବୁ ଏକଥା ମନକୁ ଆଣିଲେ ହୃଦୟ ବିଦୀର୍ଣ୍ଣ ହୁଏ" । ଏମନ୍ତ ସମୟରେ ସୀତା ସ୍ୱହସ୍ତ ରଚିତ ପୁଷ୍ପମାଳାଟିଏ ଘେନି ପ୍ରବେଶ କରି କହିଲେ "ମା, ଏମାଳିଟି କିପରି ହୋଇଛି ?" ମନୋହର ରଚନା ମାଳା ଦେଖି ରାଣୀ କୌତୂହଳାନ୍ୱିତା ହୋଇ ଜିଜ୍ଞାସା କଲେ "ବାଃ ବେଶ୍ ହୋଇଛି, ଏମାଳଟି କିଏ ଗୁନ୍ଥିଛି ?" ସୀତା ସ୍ୱହସ୍ତେ ରଚିଅଛନ୍ତି ଶୁଣି ସମସ୍ତ ଭୁଲିଯାଇ

Digitized by srujanika@gmail.com

ଜନନୀ ପଚାରିଲେ "ହାତ ତ ପୋଡ଼ିନାହିଁ ?" ଏହିକ ଜଥାରେ ଯେତେଗୁଡ଼ିଏ ଭାବ ପ୍ରକାଶିତ ହେଲା ତାହା ଅନ୍ୟ ଲେଖାରେ ଏକାଧିକ ପୃଷ୍ଠାରେ ବର୍ଣ୍ଣନା କରି ପ୍ରତ୍ୟକ୍ଷୀଭୂତ କରିବା କଠିନ ଅଟେ । ଜନକ-ରାଜପତ୍ନୀ ମହାରାଣୀଙ୍କର ବିଳାସ ଦ୍ରବ୍ୟ ଲାଭର ଅଭିଳାଷତୃପ୍ତି ନିମିତ୍ତ କେତେ ବା ପରିଶ୍ରମ ଓ ଅଙ୍ଗକ୍ଲମ ପ୍ରଯୁକ୍ତ ହୋଇ ନ ଥିବ । କେତେ ବା ଧନ ବ୍ୟୟିତ ନ ହୋଇଥିବ । କିନ୍ତୁ କେବେ କ ସେ ଉଦ୍ଦିଷ୍ଟ କଥା କହି ଥିଲେ—ଭାବିଥିଲେ ? ଅତି ପୁଷ୍ପମାଳାର ସୁଷମା ଦେଖି ବିମୋହିତା ହୋଇ ଯେତେବେଳେ ଶୁଣିଲେ ଯେ ସ୍ୱକନ୍ୟାଙ୍କର ଶିରୀଷ କୁସୁମଠାରୁ ଅଧିକତର ସୁକୁମାର ହସ୍ତରେ ତାହା କିରଚିତ ସେତେବେଳେ ସମସ୍ତ ପାସୋରି କହିଲେ "ହାତ ତ ପୋଡ଼ିନାହିଁ ?" ସୀତାଙ୍କର ସୁକୋମଳ ହସ୍ତ କୁସୁମମାଳା ରଚନାରେ କାଳେ କ୍ଷତ ହୋଇଥିବ ଏହି ଭୟ ଜନନୀ ହୃଦୟରେ ସର୍ବପ୍ରଥମ ଉଦିତ ହେଲା । ମାତୃସ୍ନେହ, ସୁଦୀର୍ଘ ବିବାହ ସମୟ ଉପସ୍ଥିତ ହେବାରୁ ସଙ୍କୁଚିତ ମାତୃ-ସ୍ନେହ କେବଳ ଏହି ପ୍ରଶ୍ନର ପ୍ରଯୋଜକ ହୋଇପାରେ । ଅନ୍ୟ କିଛି ଏହି ସ୍ନେହମୟ ଉକ୍ତିର କାରଣ ହୋଇ ପାରେ ନାହିଁ । ମୁହୂର୍ତ୍ତେକ ଉତ୍ତାରୁ ରାଜର୍ଷିଜନକ ପ୍ରବେଶ କରି ମାଳାର ସୌନ୍ଦର୍ଯ୍ୟ ଦେଖି ପଚାରିଲେ "ଏ ମାଳ କହାର ?" "ବାବା ଏ ମାଳ ମୁଁ ଗୁନ୍ଥିଚି" । ସୀତାଙ୍କ ମୁଖରୁ ଏହି ଉତ୍ତର ଶ୍ରବଣ କରି ଗମ୍ଭୀରପ୍ରକୃତିଜନକଙ୍କର ହୃଦୟରେ ସେପରି କିଛି ଭାବର ଉଦୟ ହେଲାନାହିଁ । ସେ ପଚାରିଲେ "ଏ ଫୁଲ କଣ ଆମ ବଗିଚାରେ ବେଶି ଫୁଟୁଚି ?" ଏ ସ୍ଥଳରେ ପିତୃସ୍ନେହ ଏବଂ ମାତୃସ୍ନେହ ତୁଳିତ ହୋଇ ଅଛି । ସାମାନ୍ୟ ପ୍ରଶ୍ନ ଉଭୟେ ପଚାରି ଯେଉଁ ଉତ୍ତର ଲଭିଲେ ତଦ୍ୱାରା ଉଭୟଙ୍କର ମନୋଗତି ଏ ଉପାୟରେ ବ୍ୟକ୍ତକରି ଲେଖକ ମହାଶୟ ମାତୃସ୍ନେହ କେତେଦୂର ଅଧିକ ତାହା ଦେଖାଇ ଅଛନ୍ତି । ତୁଳନାରେହିଁ ଅଧିକ୍ୟର ବିଶେଷ ଜ୍ଞାନ ଜନ୍ମେ । ଏହି ସ୍ଥାନରେ ରଚନା ଚାତୁର୍ଯ୍ୟ ଯଥାର୍ଥ ପ୍ରଶଂସନୀୟ ଅଟେ । ସହୃଦୟ

Digitized by srujanika@gmail.com

ପାଠକେ ସମାଲୋଚକଚକ୍ଷୁରେ ଅନ୍ୟାନ୍ୟ ସ୍ଥଳରେ ଏହିପରି ଉଦାହରଣ ଦେଖି ପାଇବେ । ତାହାସବୁ ଉଲ୍ଲେଖ କରିବାକୁ ସ୍ଥାନ ନାହିଁ ।

ଅନ୍ୟ ଏକକଥା ଏ ସ୍ଥଳରେ ବକ୍ତବ୍ୟ । ଚରିତ୍ର ଚିତ୍ରଣ ନାଟକର ଏକ ପ୍ରଧାନ ଅଙ୍ଗ । ଲେଖକଙ୍କର କୃତିତ୍ୱ ଲୋକ ଚରିତ୍ର ଚିତ୍ରିତ କରିବାରେ ଯେତେ ଅଧିକ ପ୍ରକଟିତ ହୁଏ ଅନ୍ୟ କେଉଁଥିରେ ସେପରି ନୁହେ । ନାଟ୍ୟୋଲ୍ଲିଖିତ ସମସ୍ତ ବ୍ୟକ୍ତିଙ୍କର ଚରିତ୍ର କିପରି ଚିତ୍ରିତ ହୋଇଅଛି ତାହା ପରୀକ୍ଷା କରି ଦେଖିବାପାଇଁ ସ୍ଥାନାଭାବ । ଅତଏବ ଦୁଇ ତିନୋଟି ପ୍ରଧାନ ବ୍ୟକ୍ତିଙ୍କର ଚରିତ୍ରଚିତ୍ରଣ ପରୀକ୍ଷା କରି ଦେଖିବାର ବାଞ୍ଛା ।

ଜନକ ।—ମହାରାଜାଙ୍କର ଗମ୍ଭୀରସ୍ୱଭାବ । ସେ ଜଣେ ପ୍ରଧାନ ଦାର୍ଶନିକ ପଣ୍ଡିତ । ସଂସାର ମଧ୍ୟରେ ଥାଇ ମଧ୍ୟ ବଦର୍ଭିଜ୍ଞା ପ୍ରଧାନ ଯୋଗୀ ଅଟନ୍ତି ଏଥିନିମନ୍ତେ ପୁରାଣରେ ସେ ରାଜର୍ଷି ବୋଲି ଅଭିହିତ । ଚତୁର୍ଥ ଅଙ୍କ ପ୍ରଥମ ଦୃଶ୍ୟରେ ସ୍ୱପତ୍ନୀ ନିକଟରେ ରାଜର୍ଷି ନିଜର ଦାର୍ଶନିକ ମତ ପ୍ରକାଶ କରୁ ଅଛନ୍ତି । ଜନକ ମହାରାଜା ପଦ୍ମପତ୍ରରେ ଜଳପରି ସଂସାରରେ ନିର୍ଲିପ୍ତ ଥିଲେ । କିନ୍ତୁ ସୀତାଦେବୀ ତାହାଙ୍କର ମନକୁ ବିଚଳିତ କରି ଅଛନ୍ତି । କନ୍ୟାପ୍ରତି ପିତାଙ୍କର ପ୍ରଗାଢ଼ ସ୍ନେହ, ହୃଦୟରେ ପୁବା ମମତା ରଖିଥାଅନ୍ତି । କିନ୍ତୁ ଏହି ମାନସିକ ପରିବର୍ତ୍ତନ ବିଷୟ ମହାରାଜଙ୍କୁ ଅଜ୍ଞାତ ନ ଥିଲା । ସ୍ୱଗତ କହୁଛନ୍ତି—

" ମୃଣାଳ-ସୂତ୍ରରୁ ବଳି ସ୍ନେହପାଶ ସୃଷ୍ଟି,
କି ଆଶ୍ଚର୍ଯ୍ୟଶକ୍ତି ! ଯଣେ ପଡ଼ି ସେ ପାଶରେ,
ବଳୀୟାନ ମହାଜନ ନିଶ୍ଚେଷ୍ଟ ହୁଅଇ "—

ପଞ୍ଚମ ଅଙ୍କ ପ୍ରଥମଦୃଶ୍ୟରେ ସୀତା ଯେତେବେଳେ ମିଥିଳା ବିହାର ସମାପ୍ତ କରି ଶ୍ୱଶୁରାଳୟକୁ ଗମନ କଲେ ତେତେବେଳେ ରାଜର୍ଷିଙ୍କ

Digitized by srujanika@gmail.com

ସ୍ୱଗତ ଉକ୍ତିରୁ ତାହାଙ୍କର ସ୍ନେହ, ମମତା ଅଥଚ ସଂସାର ପ୍ରତି ଔଦାସୀନ୍ୟ, ଜ୍ଞାନ ପ୍ରଭୃତି ଲକ୍ଷିତ ହେଉଅଛି ।

(ଶୋକସ୍ୱରେ) "ଋଷି ମହର୍ଷି ପଣ୍ଡିତ ବହୁବ୍ୟକ୍ତିସହ
କହୁଛ ଅନେକ ତର୍କ; ନାନାବିଷୟରେ
ଯାହା ଉପଦେଶ ଦେଏଁ, ସ୍ୱୟଂ କାର୍ଯ୍ୟକରି
ପଥ ପ୍ରଦର୍ଶକ ହୁଏଁ; କିନ୍ତୁ କି ହୋଇଲା
ଆଜ ! ସାମାନ୍ୟ ମମତାସୂତ୍ର ନ ପାରିଲି
ଛେଦି ! ଅହା ! ସ୍ୱର୍ଣସିନ୍ଧୁ-ସୁଧାକର ସୀତା—
ଜୀବନ ମୋହର, ଯିବ ଅଯୋଧ୍ୟାକୁ
ବୋଲି କିଏ ନ ଜାଣିଲି ? * *

* * * * *

ଆଶ୍ୱାସବଚନେ ବାରି ପୋଛୁବା କାଳରେ
ସୀତା ନେତ୍ରୁଁ, ନିଜେ ମୁହିଁ ଧୈର୍ଯ୍ୟଶୂନ୍ୟ ହେଲି !

* * * * *

ପଡ଼ୁଅଛି ମନେ ସୀତା ଶୈଶବ ଅବସ୍ଥା;
ପଡ଼ୁଅଛି ମନେ, ତାର ଅସ୍ପଷ୍ଟ ବଚନ
ଭଙ୍ଗୀସ୍ୱରବଶେ ; ମନେ ପଡ଼େ କି ଉଲ୍ଲାସେ
ପ୍ରଫୁଲ୍ଲନୟନେ, ମା ମା ବୋଲି ଧାଇଁ ଯାଏ ,
ଜନନୀ କୋଳକୁ ; ମନେ ପଡ଼େ କି ମଧୁରେ ,
ବସି ମୋ କୋଳରେ, ପରିହାସ କଥା ପ୍ରାୟେ
କରଇ ଅନୁକରଣ , ଉଦ୍ୟାନ କୋକିଳ
ଗୀତ , * * * *

Digitized by srujanika@gmail.com

( ଅନ୍ଧକାରେ କବି କାନ୍ତକାନ୍ତ ମୈତ୍ର )

ଓଃ ତ୍ରିକଣ୍ଠ ବୁଆରେ

ଅଛି ପିଞ୍ଜର ପଞ୍ଜର । କଏ ବା କାହାର ?
ସଂସାର ନିର୍ଜନ । ଜନ୍ମକାଳୁ ମୃତ୍ୟୁଯାଏଁ
ମନୁଷ୍ୟ ଏକାକୀ ଏକା ଆସିଅଛୁ , ପୁଣି
ଏକାକୀ ଅଦୃଶ୍ୟ ହେବ ଦେଖିଲିତ ମୁହିଁ ,
ମୋର ବୋଲି ଯେଉଁ ଜନେ ଧରିଥିଲି ହୃଦେ ,
ନୁହେଁ ସେ ମୋହର '' — ଇତ୍ୟାଦି

ରାମଚନ୍ଦ୍ର।—ବିଷ୍ଣୁଙ୍କର ଅବତାର ! ଶିଷ୍ଟର ପାଳନ ଓ ଦୁଷ୍ଟର ଦମନହିଁ ତାହାଙ୍କର ଉଦ୍ଦେଶ୍ୟ । ତାହାଙ୍କ ହୃଦୟ ଯେପରି ବୀରରସରେ ପୂର୍ଣ୍ଣ ସେହିପରି ଧୈର୍ଯ୍ୟ, ସହିଷ୍ଣୁତା ଏବଂ ବିନୟର ଆଧାର ।

''ମୁନିଶ୍ରେଷ୍ଠ ! ଯେଉଁଦିନ ସଜୀବ ଶରୀର
ଦେଇ, ଜନ୍ମାଇଲ୍ ବିଧି ଏ ଦୀନ ଦାସଙ୍କୁ,
ସେହିଦିନ ସମର୍ପିଛି ଏମନ୍ତ ଶରୀର,
ସହିବାକୁ ଯୁଦ୍ଧକାଳେ ଅସି ବାଣପୀଡ଼ା,
କରିବାକୁ ପୁଣି ପୂଜ୍ୟ ବିପ୍ରପଦ ସେବା ।''

ପୁନଶ୍ଚ କୀଦୃଶ ଦୟାଳୁ ! ଯେତେବେଳେ ଶୁଣିଲେ ଅହଲ୍ୟାଦେବୀ ତାହାଙ୍କୁ ଅପେକ୍ଷା କରି ସହସ୍ର ବର୍ଷ ପର୍ଯ୍ୟନ୍ତ ଦାରୁଣ ଯାତନା ଭୋଗ କରି ଅଛନ୍ତି ସେତେବେଳେ ନିଜକୁ ନିଷ୍ଠୁର ଜ୍ଞାନ କରି କହିଲେ ।

''ମୁନିଗୁରେ ! ବଳୀୟାନ ଶୋକଅଗ୍ନି ହୃଦେ
ଦୋହୁଅଛି; ଯଦି ମୋର ସମତାରେ ଦେବୀ,
ମୁକ୍ତା ହୋଇବେ, ଶୀଘ୍ର ବୋଲନ୍ତୁ ଉପାୟ;
ପାଦସ୍ପର୍ଶେ ଯଦି ଆଜି ଅହଲ୍ୟା ସୁନ୍ଦରୀ,

Digitized by srujanika@gmail.com

ନ ହେବେ ଜୀବତା, ହେଉଥିବ ଏହିବେଶ,
ସେ ଭକ୍ତ ଲେପନେ ପ୍ରଭୋ ! ବଞ୍ଚିବେ କି ଦେବୀ !

ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ହେଲେ ମଧ୍ୟ ମନୁଷ୍ୟ । ତେଣୁ ମନୁଷ୍ୟ ସ୍ୱଭାବୋଚିତ ଯୁବା କାଳୀନ ରସିକତା ମଧ୍ୟ ତାହାଙ୍କଠାରେ ଲକ୍ଷିତ ହୁଏ । ମଧୁଶଯ୍ୟା ସ୍ଥଳରେ ସୀତାଙ୍କ ଅଞ୍ଚଳ ଧରି କହୁଅଛନ୍ତି ମନୋଭବତାପ ଅସ୍ୱେଗ୍ୟ ବିଷୟରେ

"ପ୍ରିୟେ ତୁମ୍ଭେ ବୈଦ୍ୟରାଜ
ଔଷଧ ଅଧରମଧୁ ହୃଦୟ ଛନ୍ଦନ"

ଯଦି କାହାରି ମତରେ ନିର୍ଜନ ସ୍ତ୍ରୀତାପ୍ରିୟା ନିକଟରେ ଏପରି ଭାଷା ସ୍ୱାଭାବିକ ନୁହେ ( ବା ହେବା ଉଚିତ ନୁହେ ! ) ତାହାହେଲେ ଏହା ଚରିତ୍ର ଦୂଷକ । କିନ୍ତୁ ମନରେ ରଖିବାକୁ ହେବ ରାମଚନ୍ଦ୍ର ପ୍ରିୟା ବ୍ୟତୀତ ଅନ୍ୟ କାହାରିଠାରେ ରସିକତାର ପରିଚୟ ଦେଇ ନାହାନ୍ତି । ରାମଚନ୍ଦ୍ରଙ୍କର ସମସ୍ତ ଗୁଣ ଐଶ୍ୱରିକ ଏବଂ ଅସାଧାରଣ । ଧନୁଃ ସଭାରେ ରାବଣଦୂତ କର୍ତ୍ତୃକ ପରିହସିତ ହୋଇ ମଧ୍ୟ ଧୀର, ବିନୀତ ଏ ଅନୁଦ୍ଧତ । ପର୍ଶୁରାମଙ୍କର କଟୂକ୍ତି ( ବଟର ! ଭୂଷାରରକ୍ତ ରଦ୍‌କୁଳକୀଟ ! ବୃଥା ଅହଙ୍କାର ! ) ଏବଂ ପଦାଘାତ ସହ୍ୟ କରି ରାମଚନ୍ଦ୍ର ଧୀର ଅବିଚଳିତ ପ୍ରଶାନ୍ତ ଏବଂ ବିନମ୍ର ହୋଇ କହିଲେ

"ମୁହିଁ ପ୍ରଭୋ ! ସୂର୍ଯ୍ୟବଂଶେ ନିର୍ଜୀବ ସନ୍ତାନ,
ତବ ଦାସ ବୋଲି ମୋର ଅଛି ଯାହା ଗର୍ବ"

ଧୀରୋଦାତ୍ତ ଗୁଣ ସମନ୍ୱିତ ରାମଚନ୍ଦ୍ର ଅବତାର ମନୁଷ୍ୟର ଆଦର୍ଶ ସ୍ୱରୂପ ବର୍ଣ୍ଣିତ ହୋଇଅଛି ।

ସୀତା ।—ଯୁବତୀ ହେଲେ ମଧ୍ୟ ପିତା ମାତାଙ୍କ ନିକଟରେ ପଞ୍ଚମ ବୟସ୍କା ବାଳିକା ତୁଲ୍ୟ ଆଚରଣ କରନ୍ତି । ପୌରାଣିକ ଗାଥା ଶ୍ରବଣରେ ବିଶେଷ ପ୍ରୀତିବତୀ । କଠିନ ବିଷୟମାନ ବୁଝିବା ବିଷୟରେ

Digitized by srujanika@gmail.com

ତୀକ୍ଷ୍ଣବୁଦ୍ଧିସମନ୍ୱିତା ।

ସାହାଯ୍ୟ କାରଣୀ, ... ପୂଜା ଅଭିବାଦ କାର୍ଯ୍ୟରେ ସ୍ୱଇଚ୍ଛାରୁ ... ବୋଧହୁଏ ଅଶିଷ୍ଟ ... ଙ୍କ ମଧ୍ୟରେ ସ୍ନେହଲତା ପ୍ରୀତିପ୍ରବଣା, ... ପିକା ଏବଂ ... ଯୌବନମତ୍ତା । ତାହାର ସହିତ ସୀତା ... ଷିତୋଚିତ ... ଶ୍ଳୀଳ ନୁହନ୍ତି କିନ୍ତୁ ସେମାନଙ୍କୁ ... ନବଦ୍ଧବାହୁତ ... । ଚତୁର୍ଥଅଙ୍କ ଦ୍ୱିତୀୟ ଦୃଶ୍ୟରେ ... ରେ ସୀତା ... ତ ହୋଇଅଛୁ । ପତିଙ୍କ ନିକ- ... ଠକେ ନଜେ ସତ ... ପତିପ୍ରିୟା ଏବଂ ମିଷ୍ଟଭାଷିଣୀ ... ସେ ନିଜେ ବସ୍ତ୍ରପ୍ରିୟା ... ବେ । ସୀତା ସ୍ୱଗତ ଜାଣିଥିଲେ ... ହାନ୍ତି । ମାନବଲୀଳାରେ ... ରେ ଏକଥା ପ୍ରକାଶ କର ... ନିଜେ ନାରୀପ୍ରଣୀ " ... । " ମୁଁ ନିଜେ ପ୍ରକୃତିଦେବୀ, ନାଟକ ସ୍ୱଗତ କହିଅଛନ୍ତି ।

... : ... ଂଶ ଅମିତ୍ରାକ୍ଷର ଛନ୍ଦରେ — ଅମିତ୍ରାକ୍ଷରଛନ୍ଦ

... କାର୍ଯ୍ୟ ହୋଇପାରେ ... ଚିତ୍ତିଅବଶ୍ୟ- ଅଛୁ ସତ୍ୟ କିନ୍ତୁ ତାହା ନାଟକରେ ମାଙ୍କ ... ଯିଷ୍ଟି- ଅମ୍ଭମାନଙ୍କ ଦେଶରେ ନୂତନ । ଏହି ଛନ୍ଦରେ ... କବି ସାଧାରଣତଃ ବୀରରସରେ ରଞ୍ଜିତ । ମହାକବି ସେକ୍ସପୀୟର ପ୍ରଭୃତି ଏହି ଛନ୍ଦ ସର୍ବରସରେ ବ୍ୟବହାର କରୁଥିଲେ । ବଙ୍ଗଦେଶରେ ମଧ ବଙ୍ଗ କବିମାନେ ଶୃଙ୍ଗାର, କରୁଣ, ଭୟାନକ, ଶାନ୍ତରସ ପ୍ରଭୃତିରେ ଏହି ଛନ୍ଦ ବ୍ୟବହାର କରି ଇତ୍ତ ହୋଇଅଛନ୍ତି । ଉତ୍କଳଭାଷାରେ ଏହି ଛନ୍ଦ ସର୍ବରସରେ ବ୍ୟବହୃତ ହୋଇ ପାରିବ ତ ନାହିଁ ଲୋକ- ମାନେ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । ପ୍ରକୃତ ସତ୍ତ୍ୱସାମାନ୍ୟ ପଦ୍ୟ ଏହି ସମସ୍ତ ରସରେ ରଞ୍ଜିତ ବୋଲି ଅନୁମିତ ହେଉଅଛୁ ତାହା ମଧ ଉତ୍କଳର ଅଧିକାଂଶ ଶିକ୍ଷିତ ବ୍ୟକ୍ତି କେବଳ ବୀରରସରେ ପାଠ କରନ୍ତି । ବୀରରସ ପୂର୍ଣ୍ଣ ଅମିତ୍ରାକ୍ଷର ଛନ୍ଦ ଯୁକ୍ତାକ୍ଷରବିଶିଷ୍ଟ କଠୋର ଶବ୍ଦଯୁକ୍ତ

Digitized by srujanika@gmail.com

ନ ହେବେ ଜୀବିତା, ନିଦାଘିତ ଏହିବର୍ଷ,
ସେ ରକ୍ତ ଲେପନେ ପ୍ରଭୋ ! ବଞ୍ଚିବେ କି ବୈଦେହୀ ?

ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ହେଲେ ମଧ୍ୟ ମନୁଷ୍ୟ । ତେଣୁ ମନୁଷ୍ୟ ସ୍ୱଭାବୋଚିତ ଯୁବା କାଳୀନ ରସିକତା ମଧ୍ୟ ତାହାଙ୍କଠାରେ ଲକ୍ଷିତ ହୁଏ । ମଧୁଶଯ୍ୟା ସମୟରେ ସୀତାଙ୍କ ଅଞ୍ଚଳ ଧରି କହୁଅଛନ୍ତି ମନୋ-ଭବତାପ ଅବୈଦ୍ୟ ବିଷୟରେ

" ପ୍ରିୟେ ତୁମ୍ଭେ ବୈଦ୍ୟରାଜ
ଔଷଧ ଅଧରମଧୁ ହୃଦୟ ଛନ୍ଦନ "

ଯଦି କାହାର ମତରେ ନବ ପରିଣୀତା ପ୍ରିୟା ନିକଟରେ ଏପରି ଭାଷା ସ୍ୱାଭାବିକ ନୁହେ ( ବା ହେବା ଉଚିତ ନୁହେ ! ) ତାହାହେଲେ ଏହା ତାଙ୍କ ଦୂଷଣ । କିନ୍ତୁ ମନରେ ରଖିବାକୁ ହେବ ରାମଚନ୍ଦ୍ର ପ୍ରିୟା ବ୍ୟତୀତ ଅନ୍ୟ କାହାରିଠାରେ ରସିକତାର ପରିଚୟ ଦେଇ ନାହାନ୍ତି । ରାମଚନ୍ଦ୍ରଙ୍କର ସମସ୍ତ ଗୁଣ ଐଶ୍ୱରିକ ଏବଂ ଅସାଧାରଣ। ଧନୁଃ ସଭାରେ ରାବଣଦୂତ କର୍ତ୍ତୃକ ପରିହସିତ ହୋଇ ମଧ୍ୟ ଧୀର, ବିନୀତ ଏ ଅନୁଦ୍ଧତ । ଶୈସ୍ୱାନଙ୍କର କଟୂକ୍ତି ( ବର୍ବର ! ଭୂଷାରକ୍ତ ରେ ଦ୍ୱିଜକୁଳକୀଟ ! ବୃଥା ଅହଙ୍କାର ! ) ଏବଂ ପଦାଘାତ ସହ୍ୟ କରି ରା ଚନ୍ଦ୍ର ଧୀର ଅବିଚଳିତ ପ୍ରଶାନ୍ତ ଏବଂ ବିନୟୀ ହୋଇ କହିଲେ

" ମୁହିଁ ପ୍ରଭୋ ! ସୂର୍ଯ୍ୟବଂଶେ ଜନ୍ମିବି ସନ୍ତାନ,
ତବ ଦାସ ବୋଲି ମୋରଅଛି ଯାହାଗର୍ବ "

ଧୀରୋଦାତ୍ତ ଗୁଣ ସମନ୍ୱିତ ରାମଚନ୍ଦ୍ର ଅବତାର ମନୁଷ୍ୟର ଆଦର୍ଶ ସ୍ୱରୂପ ବର୍ଣ୍ଣିତ ହୋଇଅଛି ।

ସୀତା ।—ଯୁବତୀ ହେଲେ ମଧ୍ୟ ପିତା ମାତାଙ୍କ ନିକଟରେ ପଞ୍ଚମ ବର୍ଷୀୟା ବାଳିକା ତୁଲ୍ୟ ଆଚରଣ କରନ୍ତି । ପୌରାଣିକ ଗାଥା ଶ୍ରବଣରେ ବିଶେଷ ସ୍ପୃହାବତୀ । କଠିନ ବିଷୟମାନ ବୁଝିବା ବିଷୟରେ

Digitized by srujanika@gmail.com

ତୀକ୍ଷ୍ଣବୁଦ୍ଧିସମନ୍ୱିତା । ପିତାଙ୍କ ପୂଜା ଅତିଥିବାଦ କାର୍ଯ୍ୟରେ ସ୍ୱେଚ୍ଛାରୁ ସାହାଯ୍ୟ କାରିଣୀ । ସର୍ଗଙ୍କ ମଧ୍ୟରେ ସ୍ନେହଲତା ପ୍ରୀତିପ୍ରବଣା, ବୋଧହୁଏ ଅଶିକ୍ଷିତା ଏ ଯୌବନମତ୍ତା । ତାହାର ସହିତ ସୀତା ‌ୃପିକା ଏବ କୌତୁକପ୍ରି ତ୍ରି ଥିଲା ନ ହେବ ବରଂ ସେମାନଙ୍କୁ ‌ୀକ୍ଷିତୋଚିତ ବଚନରେ ଅନ୍ତି । ଚତୁର୍ଥଅଙ୍କ ଦ୍ୱିତୀୟ ଦୃଶ୍ୟରେ ‌ନବଢବାହିତ ଦର୍ପଣର । ବର୍ଣ୍ଣିତ ହୋଇଅଛି । ପତିଙ୍କ ଜକ- ‌ୋରେ ସୀତା ବପତୁ ତ ‌ୂ୍ଗୀଲା, ପତିପ୍ରିୟା ଏବ ମିଷ୍ଟଭାଷିଣୀ ‌ାଠକେ ନକେ ସହଜ ‌ିଂ ପାରେବ । ସୀତା ସ୍ୱଗତ ଜାଣିଥିଲେ ‌ସ ନନେ କଷ୍ଟ ପ୍ରିୟୀ ଦାରଠାରେ ଏକଥା ପ୍ରକାଶ କର ‌ାହାନ୍ତି । ମାନବଲୀଲା ନ୍ତି ଥିଲେ । "ମୂର୍ଚ୍ଛକେ ପ୍ରବୃତ୍ତଦେବୀ, ‌ୂ ନଚେ ନାସ୍ପୃଣୀ" ସ୍ୱଗତ କହୁଅଛନ୍ତି ।

ନାଟକ ଖଣ୍ଡି ୧ ‌ାଂଶ ଅମିତ୍ରାକ୍ଷର ଛନ୍ଦରେ ଅମିତ୍ରାକ୍ଷରଛନ୍ଦ ଅଚିଭ । ‌ଅଭିପ୍ର ‌କଥିବୃଦ୍ଧିରେ ଚିନ୍ତିଥିବଶ୍ୟ- ହୋଇପାରେ । କେତେକ ସ୍ଥଳରେ ଛନ୍ଦର ଦୋଷ ଘଟି- ଅଛି ସତ୍ୟ କିନ୍ତୁ ତାହା ନାଟକରେ ମାର୍ଜନୀୟ । ଅମିତ୍ରାକ୍ଷରଛନ୍ଦ ଅସ୍ମାନଙ୍କ ଦେଶରେ ନୂତନ । ଏହି ଛନ୍ଦରେ ଲିଖିତ ପଦ୍ୟାବଳି ସାଧାରଣତଃ ବୀରରସରେ ରଞ୍ଜିତ । ମହାକବି ସେକ୍‌ସ୍‌ପୀୟର ପ୍ରଭୃତି ଏହି ଛନ୍ଦ ସବୀରସରେ ବ୍ୟବହାର କରୁଥିଲେ । ବଙ୍ଗଦେଶରେ ମଧ୍ୟ ବଙ୍ଗ କବିମାନେ ଶୃଙ୍ଗାର, କରୁଣ, ଭୟାନକ, ଶାନ୍ତରସ ପ୍ରଭୃତିରେ ଏହି ଛନ୍ଦ ବ୍ୟବହାର କର ଭୂରି ହୋଇଅଛନ୍ତି । ଉତ୍କଳଭାଷାରେ ଏହି ଛନ୍ଦ ସବୀରସରେ ବ୍ୟବହୃତ ହୋଇ ପାରିବ କି ନାହିଁ ଲୋକ- ମାନେ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । ପ୍ରାୟ ସର୍ବସାମାନ୍ୟ ପଦ୍ୟ ଏହି ସମସ୍ତ ରସରେ ରଞ୍ଜିତ ବୋଲି ଅନୁମିତ ହେଉଅଛି ତାହା ମଧ୍ୟ ଉତ୍କଳର ଅଧିକାଂଶ ଶିକ୍ଷିତ ବ୍ୟକ୍ତି କେବଳ ବୀରରସରେ ପାଠକରନ୍ତି । ବୀରରସ ପୂର୍ଣ୍ଣ ଅମିତ୍ରାକ୍ଷର ଛନ୍ଦ ଯୁକ୍ତାକ୍ଷରବହିଷ୍ଟ କଠୋର ଶବ୍ଦଯୁକ୍ତ

Digitized by srujanika@gmail.com

ହେଲେ ସୁଶ୍ରାବ୍ୟ ହୁଏ । କିନ୍ତୁ ଶକ୍ତି
ପଦର ପ୍ରୟୋଜନ । ପୁନଶ୍ଚ କୋମଳ
ରୌଦ୍ରରସୋଚିତ ଶବ୍ଦ ଏବଂ ବର୍ଣ୍ଣନା ଅ
ନଷ୍ଟ ହୁଏ । ପାଠକର ଜାଣିଲେ ଅମିତ୍ରା
ଏବଂ ମାର୍ଦ୍ଦବ ବୃଦ୍ଧିକରେ, ଉଚ୍ଚଭାବର
ତାବତୀୟ ଭାବ ଭଙ୍ଗୀକୁ ସ୍ଫୁଟରେ ବର୍ଣ୍ଣ
ଗଦ୍ୟ ବା ମିତ୍ରାକ୍ଷର ଛନ୍ଦ ନିୟୁକ୍ତ
ବ୍ୟବହାର କେବଳ କବିତ୍ୱ ପ୍ରକାଶ
ମାଧୁର୍ଯ୍ୟ ରକ୍ଷା କରିବା ନିମିତ୍ତ ।

ଶୋକ ରସରେ କୋମଳ
ବୀରରସରେ ପାଠ କଲେ
କୁ କୋମଳ ରସର ମାର୍ଦ୍ଦବ
ଛନ୍ଦ ମୃଦୁଭାବର ମାଧୁ
ର୍ଯ୍ୟ ପ୍ରକାଶକରେ, ଏ
ହି ନାଟକରେ ସ୍ଥାନେ
ହାଇ ଅମିତ୍ରାକ୍ଷର ଛ
ହ, ରସୋଦ୍ଦୀପକ ଭା

ନାଟକରେ ଯେ ସମସ୍ତ ଗୀତ ଏ ହୋଇଅଛି । ଗୀତ
ତାହାର ସ୍ୱର ସମସ୍ତ ଆଧୁନିକ ଥିଏଟର ରାଗିଣୀରେ ରଚିତ । ସଙ୍ଗୀତ
ବିଦ୍ୟାରେ ଅନଭିଜ୍ଞତା ହେତୁ ଅସ୍ମାନଙ୍କ ମତାମତ ଗ୍ରହଣୀୟ
ହୋଇପାରେ, କିନ୍ତୁ ଗୀତଗୁଡ଼ିକ ସୁମଧୁର ସ୍ୱର ଏବଂ ସୁକୋମଳ
ଶବ୍ଦ ଚତୁର୍ଦ୍ଦିଗ ଭିପିଯୁକ୍ତ ଭାବଗର୍ଭକ ଏବଂ ଉପଯୁକ୍ତ ସ୍ଥଳରେ ସନ୍ନିବେଶିତ
ହେବାରୁ ଚିତ୍ତାକର୍ଷକ ହୋଇଅଛି ସନ୍ଦେହ ନାହିଁ ।

ଏତିକି ଅସ୍ମାନଙ୍କର ସମାଲୋଚନା । ଉତ୍କଳସାହିତ୍ୟରେ ସମା
ଲୋଚିତ ନାଟକତୁଲ୍ୟ ଗ୍ରନ୍ଥ ସର୍ବପ୍ରଥମ ଲକ୍ଷିତ ହେଲା । ଯଥା ଯୋଗ୍ୟ
ଆଦର ପ୍ରାପ୍ତ ହେଲେ ନିଜର ସୌଭାଗ୍ୟ ମଣିବୁଁ । ଗ୍ରନ୍ଥଖଣ୍ଡି ପାଠ
କଲେ ଯେ ପ୍ରକୃତ ପବିତ୍ର ହୃଦୟାନନ୍ଦ ଉପଲବ୍ଧ ହେବ, ସମାଲୋଚନା
ଦ୍ୱାରାରୁ ତାହା ବୋଲିବା ବାହୁଲ୍ୟ ମାତ୍ର । ନାଟକରଚୟିତାଙ୍କର ମତ
ଓ ଉପଦେଶ ଅନୁସାରେ ରଙ୍ଗମଞ୍ଚରେ ଅଭିନୀତ ହେଲେ ଦର୍ଶକ
ମନୋରଞ୍ଜନ ଏହାପକ୍ଷରେ ସୁନିଶ୍ଚିତ । ଯଥନେଛୁ ଗ୍ରନ୍ଥ ଓ ସାହିତ୍ୟ
ସେବକବୃନ୍ଦ ଏହା ପାଠକରି ଉପକୃତ ହେଉନ୍ତୁ ଅସ୍ମାନଙ୍କର
ଆନ୍ତରିକ ଇଚ୍ଛା ।

ଶ୍ରୀ ଅଭିରାମ ଭଞ୍ଜ ।

Digitized by srujanika@gmail.com

# ନାଟ୍ୟୋଲ୍ଲିଖିତବ୍ୟକ୍ତିଗଣ ।

| | |
|---|---|
| ଜନକ | ବିଦର୍ଭରାଜା |
| ୧ ମନ୍ତ୍ରୀ | |
| ୨ ମନ୍ତ୍ରୀ | |
| ଚୂଡ଼ାରତ୍ନ | ବିଦୂଷକ |
| ବାମଦେବ | ଜନକ ପୁରୋହିତ, ଅହଲ୍ୟାପୁତ୍ର । |
| ନାରଦ | ଦେବର୍ଷି |
| ବିଶ୍ୱାମିତ୍ର | ମହର୍ଷି |
| ରାମ | ଅଯୋଧ୍ୟାରାଜକୁମାର |
| ଲକ୍ଷ୍ମଣ | ,, |
| ପରଶୁରାମ | ଜମଦଗ୍ନି ପୁତ୍ର |

ନୃପଗଣ, ରାବଣଦୂତ, କେଉଟ, ଦ୍ୱାରୀ, ଦୂତ, ସୈନିକଗଣ, ବାଳକ, ଅନୁଚରଗଣ ଇତ୍ୟାଦି ।

| | |
|---|---|
| ରାଣୀ | ଜନକ ପତ୍ନୀ |
| ସୀତା | ଜନକ କନ୍ୟା |
| ସ୍ନେହଲତା, ଶଶିକଳା, ଦାମିନୀ, କୁଞ୍ଜଲତା | ସୀତାଙ୍କର ସଖୀଗଣ |
| ଅହଲ୍ୟା | ଗୌତମ ପତ୍ନୀ |

କେଉଟୁଣୀ, ମାଳୁଣୀ, ବେଣକାରଣୀଦ୍ୱୟ, ନଟୀବୃନ୍ଦ, ବନଦେବୀଗଣ, ଅପ୍ସରାଗଣ, ଭିକାରୁଣୀ, ଦାସୀବୃନ୍ଦ ଇତ୍ୟାଦି ।

Digitized by srujanika@gmail.com

# ପ୍ରଥମ ଅଙ୍କ ।

## ପ୍ରଥମ ଦୃଶ୍ୟ

### ଅନ୍ତଃପୁର

ଜନକ ଓ ସୀତା ଆସୀନ ।

ସୀତା ।— ଏ କଥାଟି ମତେ ବଡ଼ ଭଲ ଲାଗୁଛି । ବାବା, ଶୀଘ୍ର ଭୃଗୁ
ସେଠୁଁ କଣ କଲେ ?

ଜନକ ।—ସେଠୁଁ ଶ୍ରୀବତ୍ସ ବୈକୁଣ୍ଠକୁ ଯାଇ ଦେଖିଲେ ବିଷ୍ଣୁ ଲକ୍ଷ୍ମୀଙ୍କ
କୋଳରେ ମସ୍ତକ ରଖି ଶୟନ କରିଅଛନ୍ତି । ଛଳରେ କ୍ରୋଧ
ପ୍ରକାଶ କରି ଶ୍ରୀବତ୍ସ ନାରାୟଣଙ୍କ ବକ୍ଷଦେଶରେ ପଦା-
ଘାତ କଲେ । ଆଘାତ ପାଇ ବିଷ୍ଣୁ ତତ୍‌କ୍ଷଣାତ୍ ଉଠିଲେ
ଏବଂ ଶ୍ରୀବତ୍ସଙ୍କର ପାଦଧରି କ୍ଷମାପ୍ରାର୍ଥନା କଲେ । କହିଲେ
ପ୍ରଭୋ ! ମୁଁ ଅପରାଧ କରିଅଛି, ମୋର କଠିନ ବକ୍ଷରେ
ଆଘାତ କରି ଆପଣଙ୍କ କୋମଳ ପାଦରେ ବ୍ୟଥା ହୋଇ-
ଥିବ । ଏହିପରି ବିନମ୍ର ବଚନ ଶୁଣି ଶ୍ରୀବତ୍ସ ଜାଣିଲେ
ବିଷ୍ଣୁଙ୍କଠାରେ ସତ୍ତ୍ୱଗୁଣ ଅଛି ।

ସୀତା ।— ବିଷ୍ଣୁଙ୍କର କି ଅସାଧାରଣ ସହିଷ୍ଣୁତା ! ଅଚ୍ଛା, ଯେ ସହିପାରେ
ତାର କିଣ୍ ସତ୍ତ୍ୱଗୁଣ ଅଛି ?

ଜନକ ।—ସତ୍ତ୍ୱଗୁଣ ଥିଲେ ମନୁଷ୍ୟ ଦୟାଳୁ, ସହିଷ୍ଣୁ, ଉଦାର ଓ
ନିଃସ୍ୱାର୍ଥପର ହୋଇଥାଏ ।

ସୀତା ।— ଅଚ୍ଛା, ହରିଙ୍କି ପ୍ରେମମୟ କହନ୍ତି କାହିଁକି ? ପ୍ରେମ କଣ ?

ଜନକ ।—ସେ ବଡ଼ କଠିନ କଥା । ମନୁଷ୍ୟ ଈଶ୍ୱରଙ୍କର ଅଂଶମାତ୍ର
ସେଥିଲାଗି ତାହାଠାରେ ଅନେକ ସଦ୍‌ଗୁଣ ମଧ୍ୟ ଥାଏ
ଅତଏବ ସଂସାର ମୋହରେ ଯେଉଁ ପ୍ରେମ ଦେଖାଯାଏ
ତାହା ସେହି ପ୍ରେମମୟ ଈଶ୍ୱରଙ୍କ କଣା ମାତ୍ର । ଅଚ୍ଛା
କହିଲୁ ମା ସଂସାରମଧ୍ୟରେ କି ପ୍ରେମ ଦେଖିଛୁ ।

Digitized by srujanika@gmail.com

ସୀତା ।— ମୁଁ କିଛି ଦେଖିନାହିଁ । ଯେବେ ପ୍ରେମ ବନ୍ଧୁତା ହୁଏ, ତାହା ହେଲେ ମନେ ଦାସୀ, ଚନ୍ଦ୍ରପଲତା ପ୍ରଭୃତି ସ୍ନେହ କରନ୍ତି ।

ଜନକ— ପ୍ରେମ ମଧ୍ୟରେ ଥାଇ ନିର୍ମଳ ପ୍ରେମ ବୁଝି ନାହୁଁ । ମାତାର ସନ୍ତାନ ପ୍ରତି ଯେ ସ୍ନେହ ତାହାଠାରୁ ବଳି ଆଉ ପବିତ୍ର ସ୍ନେହ ଜଗତରେ ଦୁର୍ଲଭ । ବନ୍ଧୁତା ଅନୁରାଗ, ଅନୁକମ୍ପା, ପ୍ରୀତି ପ୍ରେମର ବିକାର ସତ୍ୟ, କିନ୍ତୁ ମନୁଷ୍ୟର କୁଟିଳତା ସେ ସବୁକୁ ଅନେକ ସମୟ ଦୂଷିତ କରେ । ଜନନୀର ପ୍ରେମ ସର୍ବଦା ନିର୍ମଳ ଓ ପବିତ୍ର । ଜଗଦୀଶ୍ୱରଙ୍କ ହୃଦୟରେ ଯେଉଁ ପ୍ରେମସାଗର ଖେଳୁଛି, ଏହି ସଂସାରିକ ପ୍ରେମ ତାହାର ଏକବିନ୍ଦୁ ମାତ୍ର ।

ସୀତା ।— ( କିଛିକ୍ଷଣ ଅନ୍ୟଦିଗକୁ ଚାହିଁ ) ଶାସ୍ତ୍ରବଚନ ଶୁଣିଲେ ବୋଧ ହୁଏ ଯେପରି ସେ ମନେ ସ୍ନେହକରେ, ନୁହେ ? ଅନେକ ଅନୁରାଗରେ ସ୍ୱାର୍ଥପରତା ଥାଏ—ସହାୟ, ଧନଲାଭ—କିନ୍ତୁ ମା ସନ୍ତାନକୁ ସ୍ନେହକରେ ସ୍ନେହଲାଗି । ପୁତ୍ର ଗରିବ ହେଉ ବା ଧନୀ ହେଉ, ସୁନ୍ଦର ହେଉ ବା ଅସୁନ୍ଦର ହେଉ ମାକୁ ସେ ଚନ୍ଦନପରି, ନୁହେଁ ବାବା ? ଅଚ୍ଛା, ମା କେବଳ ନିଜ ସନ୍ତାନକୁ ସ୍ନେହକରେ କିନ୍ତୁ ବିଷ୍ଣୁ ପ୍ରେମମୟ, ସେତ କୁଷ୍ଠାଙ୍କାଠି ଠାରୁ ଋଷି ମହର୍ଷି ପର୍ଯ୍ୟନ୍ତ ସମସ୍ତଙ୍କୁ ସ୍ନେହ ଚକ୍ଷୁରେ ଦେଖୁଥିବେ ?

ଜନକ ।—ହଁ ମା ଠିକ୍ ବୁଝିଛୁ । (ମୃଦୁହାସ୍ୟ ପୂର୍ବକ ସୀତାଙ୍କ ମସ୍ତକରେ ହସ୍ତ ଦେଇ) ଓଃ ଝିଅର କେତେ ବୁଦ୍ଧିଅଛି !

ସୀତା ।— ଆଜ ମୁଁ କେତେକଥା ଶୁଣିଲି, ଅହଲ୍ୟାଙ୍କ କଥା, ପରଶୁରାମଙ୍କ କଥା, ଶ୍ରୀବତ୍ସଙ୍କ କଥା । ବାବା, ଫେର କାଲି ଆଉ ଶୁଣିବି । ବର୍ତ୍ତମାନ ଯାଉଚି ମନେ ଉର୍ମିଳା ଖୋଜୁଥିବ ।

[ ପ୍ରସ୍ଥାନ ପ୍ରାପ୍ତ

ଜନକ ।—ଅଚ୍ଛା ଯା । ମୁଁ ମଧ୍ୟ ବର୍ତ୍ତମାନ ଅହ୍ନିକ କରିବି । ଯା ମା
କହିବୁ ପୂଜାଗୃହ ପରିଷ୍କାର କରି ଗଙ୍ଗୋଦକ ଓ ଅନ୍ୟାନ୍ୟ
ପୂଜା ସାମଗ୍ରି ପ୍ରସ୍ତୁତ କରିଥିବେ ।

ସୀତା ।— ( ଫେରିଥିବି ) ନା ବାବା ନା । ମୁଁ ପ୍ରସ୍ତୁତ କରିବି ।
ମୁଁ ଯେ ଆଜ ଏକା ସବୁ ପୂଜା ବାସନ ମାଜିଥିଲି ?

ଜନକ ।—ବେଶ୍ ତେବେ ଯା [ ସୀତା ପ୍ରସ୍ଥାନ

( ଆସନରୁ ଉଠି )

ରାଜକାର୍ଯ୍ୟ ଅନ୍ତେ, ଚିତ୍ତ କ୍ଳାନ୍ତ ହୋଇଥିଲେ,
ସୀତା ସୁମଧୁର ବାଣୀ, ସୁଧା ସିଞ୍ଚେ ତହିଁ;
ହୃଦୟ ତରୁଟି ମୋର, ସୁପର୍ଣ୍ଣ ହୋଇଲେ,
ସୀତା କଳକଣ୍ଠ ସ୍ୱର, ଅଙ୍କୁରିଏ ପର୍ଣ୍ଣ;
ଭ୍ରମି ଭ୍ରମି ବହୁକ୍ଷଣ ନିବିଡ଼ କାନନେ,
ତୃଷ୍ଣା-କଣ୍ଠ ପଥିକ, ଅସ୍ତବେ ଆନନ୍ଦେ
ଶୁଣେ ନିର୍ଝରିଣୀ ଗୀତ, ସେହିପରି ଚିତ୍ତ
ମୋର ଶୁଣେ ତା ବଚନ;—କିନ୍ତୁ ହାୟ ! ସୀତା—
ମଧୁର ଗାମିନୀ ମୋର ନିର୍ଝରିଣୀ ସେହି—
କେଉଁ ଗିରିବର ସ୍କନ୍ଧେ ବହିବ ସୁଖରେ !
ଅମୂଲ୍ୟ କାଞ୍ଚନ ଲତା କେ ତରୁ ଆଶ୍ରୟ
ନେବ ? କେତେଦିନ ଏହିପରି ପାଳିବି ମୁଁ ?
ଏ ନୁହେଁ ବିଶ୍ରାମ; ବିବିଧ ଚିନ୍ତା ତରଙ୍ଗ—
ସ୍ଥିରର୍ଯ୍ୟ କେବଳ ପିତା ମନୁଷ୍ୟ ବିଶ୍ରାମ !
କନ୍ୟାଦାନ ଭାବୁଛି ମୁଁ ପରିଣୟ କଥା,
ସ୍ଥିର କରି ନାହିଁ କିଛି; ହୃଦୟର ଚିନ୍ତା
ଆଜ ଫେଡ଼ିବି ସଭାରେ; ବୁଦ୍ଧିମନ୍ତ ଜନେ

Digitized by srujanika@gmail.com

ଯେଉଁ ସିଦ୍ଧାନ୍ତରେ ଏକମତ, ନଷ୍ଟେ ତାହା
ସୂର୍ଯ୍ୟକାନ୍ତ-ବିନିର୍ଗତ-ଅଗ୍ନି-ବିନ୍ଦୁ ପରି ।

୨　　[ ପ୍ରସ୍ଥାନ

---

## ଦ୍ୱିତୀୟ ଦୃଶ୍ୟ ।

### ସଭାଗୃହ ।

ମନ୍ତ୍ରୀଦ୍ୱୟ ପ୍ରବେଶ ।

୧ ମନ୍ତ୍ରୀ ।—ଆଜି ମହାରାଜାଙ୍କ ବକ୍ତୃତାରେ ସମସ୍ତେ ପ୍ରୀତ ହୋଇ'ଛନ୍ତି

୨ ମନ୍ତ୍ରୀ ।—ଯୁକ୍ତି ଯୁକ୍ତ କଥା ସମସ୍ତଙ୍କୁ ଭଲ ଲାଗେ । ଦେଖିଲତ କପରି ବିନା କ୍ରୋଧରେ କାର୍ଯ୍ୟଟି ନିଷ୍ପନ୍ନ ହେଲା ।

୧ ମନ୍ତ୍ରୀ ।—ମୁଁ ତ ମନା କରୁନାହିଁ ! ମୁଁ କହୁଥିଲି ରାଜଦଣ୍ଡ ଧାରଣ କରି ନିଶ୍ଚୟ କ୍ରୋଧ ପ୍ରକାଶ କରିବାକୁ ହୁଏ । ସବୁବେଳେ ସହିଷ୍ଣୁତା କାର୍ଯ୍ୟକାରୀ ନୁହେ । ସ୍ଥଳ ବିଶେଷରେ କ୍ରୋଧ ନିତାନ୍ତ ପ୍ରୟୋଜନ ।

ମନ୍ତ୍ରୀ ।—ଆପଣଙ୍କର ସେଠା ଭ୍ରମ ( ଆସନରେ ଉପବେଶନ )

୧ ମନ୍ତ୍ରୀ ।—ମୋର ଭ୍ରମ କି ଆପଣଙ୍କର ଭ୍ରମ କାର୍ଯ୍ୟବିଧିରୁ ବୁଝିପାରୁଥିବେ । ମୁଁ ଏକା କହୁନାହିଁ ଅନେକ ରାଜନୀତିଜ୍ଞ ପଣ୍ଡିତମାନେ ମୋ ସହିତ ଏକମତ । ( ଆସନରେ ଉପବେଶନ ) ଯୁକ୍ତି କରନ୍ତୁ ବୁଝି ପାରିବେ ସହିଷ୍ଣୁତା ସବୁବେଳେ ପ୍ରଜାମାନଙ୍କର ମଙ୍ଗଳ ସାଧକ ନୁହେ ।

[ ବିଦୂଷକ ଅଙ୍ଗବେଦନା ଚିହ୍ନ ଦେଖାଇ ପ୍ରବେଶ ]

ବିଦୂ ।—ତୁମ ରାଜନୀତି ମୁଣ୍ଡରେ ପୂଁଅ । ଖାଇସାରି ଗୋଟାଏ ହାଲୁଟି ମାରିବ ନାହିଁ ?

୨ ମନ୍ତ୍ରୀ ।—ଯୁକ୍ତିର ଆବଶ୍ୟକ ନାହିଁ । ପାଖରେ ଦେଖୁ'ଛନ୍ତି ଜନକ

Digitized by srujanika@gmail.com

୧ ମନ୍ତ୍ରୀ ।—ଆପଣଙ୍କ ହାତ ଗୋଡ଼ ଭାଙ୍ଗିଲା କିଏ ?

ବଟୁ ।—ଆଉ କହନା ବାବୁ ଗୋଟାଏ ୨, ଦଶ ଯେ, ଯୋଗ ସେ , କି ଅବସ୍ଥା ମଣଷ ପାଇଲା । କାଲି ରାତିରେ ସେନାପତିଙ୍କ ଘରୁ ନିମନ୍ତ୍ରଣ ଖାଇ ଅସୁ ୨ ଅନ୍ଧାରଠାରେ ବଡ଼ କଚଡ଼ାଏ ପଡ଼ିଲି, ପେଟରେ ଏତା ଟିକିଏ ଯାଗା ନ ଥିଲା ।

୧ ମନ୍ତ୍ରୀ ।—ଏଥୁ ନା ଆଉ କିଛୁ ?

ବଟୁ ।—ନା ଆଉ ଫେର କଣ ?

[ ଜନକ ରାଜା ଏବଂ ବାମଦେବ ପ୍ରବେଶ ସମସ୍ତେ ଦଣ୍ଡାୟମାନ ]

ବଟୁ ।—( କଷ୍ଟେ ୨ ଠିଆ ହୋଇ ) ସର୍ବାରିଷ୍ଟ ଶାନ୍ତିର୍ଭବତୁ । ନମୋ ନମସ୍କାର ।

ରାଜା ।—ଚୂଡ଼ାମଣେ, ଆପଣ କିଛି ମୋର ଉପକାର କରିବେ ।

ବଟୁ ।—ଆପଣଙ୍କ ପାଖରେ ତେବେ ଶୁଣ ପର ମୁଁ ସର୍ବଦା ଅବନତ । ପୂଜାନନ୍ଦର ବେଳେ ୨ କଦଳୀ ରସଗୋଲ୍ଲା, ମୋହନଭୋଗ ପ୍ରଭୃତିରେ ଅପରିଷ୍କାର ହୋଇଥିଲେ ସ୍ୱାର୍ଥତ୍ୟାଗ ପୂର୍ବକ ସେ ଗୁଡ଼ାକ ମୁଁ ପେଟ ସାରି କରି ଘରଟି ପରିଷ୍କାର କରେଁ । ବରାବର ଉପକାର କରି ଅସୁଛି ଆଜ ମନା କରିବି ନା ?

ରାଜା ।— ସୀତାର କୌଣସି ଅରିଷ୍ଟ ଖଣ୍ଡନ ନିମିତ୍ତ ଆଜ ରାଣୀ ଚନ୍ଦ୍ର ପୂଜା କରି ଅନ୍ନବସ୍ତ୍ରଦାନ କରିଥିଲେ । ଦାନକାର୍ଯ୍ୟ ପ୍ରାୟ ଶେଷ ହୋଇଛି, କେବଳ ଲଡ଼ୁସବୁ ବାକିଅଛି । ଆପଣ ଯାଇ ଅନୁଗ୍ରହପୂର୍ବକ ସେ ସବୁ ଗରିବ ଲୋକମାନଙ୍କୁ ପ୍ରଦାନ କରିବେ ।

ବଟୁ ।— ( ସ୍ୱଗତ ) ମିଠେଇ କହିଥିଲେ ସିନା ଯାଇଥାନ୍ତି ( ପ୍ରକାଶେ ) ଭୋଜନ କାର୍ଯ୍ୟ ଶେଷ ହୋଇଛିତ ?

ରାଜା ।— ହିଁ ଆପଣ ଆଜି ଆସିଲେ କାହିଁ ?

Digitized by srujanika@gmail.com

ଚନ୍ଦ୍ର ।— ସେଥିଲାଗି ମନ ମୋର ଘାଣ୍ଟି ହେଉଛି । କିନ୍ତୁ କଣ କରିବ, ଗୋଡ଼ ଉଠିବାକୁ ଇଚ୍ଛା ହେଉ ନାହିଁ ।

ରାଜା ।— କାହିଁକି ?

ବାମ ।— ମହାରାଜ ! କାଲି ସେନାପତିଙ୍କ ଘରେ ଖାଇ ଘରୁ ବାହାରିଲା ବେଳେ ଗୋଟିଏ ମୟୂର ଚୂଡ଼ାରତ୍ନଙ୍କ ପାଖଦେଇ ଦୌଡ଼ିଗଲା ତାହା ଦେଖି ଚୂଡ଼ାରତ୍ନ ଅସ୍ଥିର ହୋଇ ପାହାଚ ଉପରେ କଚାଡ଼ି ପଡ଼ିଲେ । ଆମ୍ଭେମାନେ ଧରାଧରି କରି ତାଙ୍କୁ ଘରେ ଛାଡ଼ିଲୁଁ ।

ଚନ୍ଦ୍ର ।— ମହାରାଜ ! ସେ ସେନାପତିଙ୍କ ମୟୂର ଅନ୍ତତଃ ଜାମୁଡ଼ି ଶିଖି ନ ଥିବ ? (ସ୍ୱଗତ) ବଡ଼ ଲଜ୍ଜାର କଥା ଏଠୁ ପଳେଇଗଲେ ଭଲ୍ (ପ୍ରକାଶ୍ୟେ) ମହାରାଜ ! ଆମ୍ଭେ ବିଦାୟ ହେଉଁ ।

[ ପ୍ରସ୍ଥାନ

ରାଜା ।— (ଆସନରେ ବସି ଚିନ୍ତାଗତ) ।

୧ମନ୍ତ୍ରୀ ।— (ପୁରୋହିତଙ୍କ ପ୍ରତି) ମହାରାଜା ଆଜି ଶୂନ୍ୟମନା କାହିଁକି ? ବୋଧହୁଏ କିଛି ଚିନ୍ତାରେ ବ୍ୟଥିତ; କିନ୍ତୁ କି ଚିନ୍ତା ?

ବାମ ।— କେଜାଣି କି ଚିନ୍ତା ? ଏହାପରି ଭାବ ମୁଁ ଅନେକଙ୍କ ଲକ୍ଷ କଲିଣି ।

୨ମନ୍ତ୍ରୀ ।— ମହାରାଜ ! ଆପଣଙ୍କର ବିଚକ୍ଷଣ ବୁଦ୍ଧି ଓ କୌଶଳରେ ସମଗ୍ର ବିଦର୍ଭରାଜ୍ୟ ଏପରି ସୁଶାସିତ ଯେ ଅଧୀନସ୍ଥ ରାଜାମାନେ ବିଦ୍ରୋହ ନ କରି ଆପଣଙ୍କର ଶାସନାଧୀନ ହୋଇ ରହିବାପାଇଁ ଇଚ୍ଛୁକ । ପ୍ରଜାମାନଙ୍କ ମଧ୍ୟରେ ପରସ୍ପର ବିଦ୍ୱେଷ ଭାବ ନାହିଁ । ଗରିବଲୋକେ ଧନୀଲୋକଙ୍କର ବିତ୍ତକୁ ହିଂସା କରୁ ନାହାନ୍ତି କିମ୍ବା ଧନୀଲୋକେ ସେମାନଙ୍କୁ ପୀଡ଼ା ଦେଉ ନାହାନ୍ତି । ସମସ୍ତେ ଦସ୍ୟାକୁ ଉଦ୍ୟମଶୀଳ ଓ ଧାର୍ମିକ । କେହି କାହାର ଅମଙ୍ଗଳ ବାଞ୍ଛା କରୁ ନାହାନ୍ତି ।

Digitized by srujanika@gmail.com

ରାଜ କର୍ମଚାରୀମାନେ ସର୍ବ କାର୍ଯ୍ୟକ୍ଷମ, ନ୍ୟାୟପରାୟଣ,
ଧାର୍ମିକ ଏବଂ ଉଦାର । କିନ୍ତୁ ଆପଣଙ୍କର କେଉଁ
ବିଷୟରେ ଚିନ୍ତା ?

୧ମନ୍ତ୍ରୀ ।—ଅଭାବ କି ଅଛି ? ଆବାଳ-ବୃଦ୍ଧ ବନିତା,
ସ୍ୱର୍ଗ ମର୍ତ୍ତ୍ୟ ରସାତଳେ, ଗାଉଛନ୍ତି ଯାର
ସୁନିର୍ମଳ କୀର୍ତ୍ତିରାଶି, ଅହର୍ନିଶ ସୁଖେ,
ଯାଗ ଯଜ୍ଞ ଦେଖି ଯାର, ସିଂହାସନେ ବସି
ଇନ୍ଦ୍ର ହୁଅନ୍ତି କମ୍ପିତ, ପଦଚ୍ୟୁତ ଭୟେ,
ଅକ୍ଷୟ ପ୍ରତାପ ଯାର, ଅଧୀନ ନୃପଙ୍କୁ
କୁଣ୍ଡଳ-କବଳ ସର୍ପ ପରାଏ କରଛି,
ତାହାର କି ଚିନ୍ତା ଆଜି ହୃଦୟେ ରହୁଛି ?
ମହାରାଜ ! ଏକାନ୍ତେ କି ଭାବୁଛନ୍ତି ମନେ,
କରନ୍ତୁ ପ୍ରକାଶ ତାହା ଅଧୀନ ଜନଙ୍କରେ ।

ରାଜା ।— ବୁଦ୍ଧିମନ୍ତ ଜନ ହୋଇ ତୁମ୍ଭର କି ମନ୍ତ୍ରି,
ଈଦୃଶ ଧାରଣା ! ରକ୍ତ, ମାଂସ, ଅସ୍ଥି ମଜ୍ଜ,
ମାଟିର ଶରୀର ବହୁ, କିଏ ଏ ସଂସାରେ
ନିଶ୍ଚିନ୍ତ ବା ସୁଖୀ ? ଯେତେବେଳେ ନଇଁ ଦେହେ
ଜନମ ସଂସାରେ, ଅବଶ୍ୟ କଷ୍ଟର ଭାଗୀ
ହୁଅଇ ମାନବ; ମାତୃଗର୍ଭେ ସ୍ଥିତ ହନୁ,
ଶ୍ମଶାନେ ମିଶିବା ଯାଏଁ, କେତେ କଷ୍ଟ ଭୋଗେ ?
କେତେ ନିଦାରୁଣ ଶୋକ, ମର୍ମଭେଦୀ ପୀଡ଼ା,
ଦୁଃଖ, ଅନୁଭବେ ନରଦେହ । ଦୃଶ୍ୟମାନ
ଏ ଜଗତ, ଶାନ୍ତିମୟ ହେଲେ, ମାନସିକ—
ଉଦ୍‌ବେଗ ସର୍ବଦା ସମ୍ଭବ ନୁହେ; ଯାହା
ଦେଖୁଅଛ, ମନ ଏହା କରଇ ସର୍ଜନା ;

Digitized by srujanika@gmail.com

ମନକୁ ମନ ଚିହ୍ନିଲେ—ଆତ୍ମା ଜ୍ଞାନ ହେଲେ—
ଦୃଶ୍ୟ ଅଦୃଶ୍ୟ ଜଗତ ହୁଅଇ ଉଜ୍ଜ୍ୱଳ ;
ମାନବର ସେହିଜ୍ଞାନ ଏ ଭବେ କେବଳ
ପରମ ଆନନ୍ଦ ସୁଖ ସନ୍ତୋଷ ଅଟଇ ;
ଦେଖ ମନ୍ତ୍ରି ! ଏହା ଛଡ଼ା ସୁଖ କି ସଂସାରେ
ଅଛି ? ମୋହେ ପଡ଼ି ମୂଢ଼ଲୋକେ ତାତ୍କାଳିକ
ଚିନ୍ତାରୁ ବିରତି କିମ୍ବା ଇନ୍ଦ୍ରିୟ ତୃପ୍ତିକି
ସୁଖ ବୋଲି ମଣିଥାନ୍ତି; ବିଦର୍ଭ ରାଜନ
ମୁହିଁ ସତ୍ୟ ଏହା, ମତେ ଜାଣନ୍ତି ସରବେ ;
ମନ୍ତ୍ରୀପରାମର୍ଶ ବୁଦ୍ଧି ସାହାଯ୍ୟ ବଳରେ,
ରାଜ୍ୟ ମୋର ସୁଶାସିତ; ତଥାପି ହେ ମନ୍ତ୍ରି,
ମନୁଷ୍ୟ କି ନୁହେ ମୁହିଁ ? ବିଶେଷତଃ ରାଜା—
ନିରନ୍ତର ଜାଗରିତ ଯାର ଚିନ୍ତା ସିନ୍ଧୁ ।

ବାମ ।— ଉଦାର ଚରିତ ଜନ ଜଗତ ସେବକ
ଜନହିତ ଚିନ୍ତା ତେଣୁ ସଦା ଜାଗରୂକ
ଜୀବ ଜନ୍ତୁ ବୃକ୍ଷ ଲତା ସର୍ଗେ ଶୁଏ ମହୀ
ସେବେ କିନ୍ତୁ ପୂର୍ଣ୍ଣଶଶୀ ହିଜାଗର ହୋଇ ।

ରାଜା ।— ସଭାସଦ ବର୍ଗ !
ଜାଣନ୍ତିକି କେହି ଏକ ଅମୂଲ୍ୟ ରତନ—
ଚତୁର୍ଦ୍ଦଶ ବ୍ରହ୍ମାଣ୍ଡରେ ଅମୂଲ୍ୟ ଦୁର୍ଲ୍ଲଭ—
ଯାହା ଲଭିଥିଲି ଭାଗ୍ୟବଳେ ଦୈବଯୋଗେ
ମୁହିଁ, ଯଜ୍ଞସ୍ଥଳୁ ? ତାହାଠାରେ ଏତାଦୃଶ
ମମତା ହୋଇଛି ମୋର, ଦଣ୍ଡେ ଢରେହତ
ଯଦି ସ୍ୱପ୍ନେ ସୁଦ୍ଧା ହୁଏ— ଅହୋ କି ମମତା ! —
ଚତୁର୍ଦ୍ଦିଗ ଅନ୍ଧକାର ଦିଶଇ ଅଲୋକେ !

Digitized by srujanika@gmail.com

ସ୍ୱଗତ ) ମୃଣାଳ ସୂତ୍ରରୁ ବଳ ସ୍ନେହପାଶ ମୃଦୁ,
କିଁ ଆଶ୍ଚର୍ଯ୍ୟ ଶକ୍ତି ! କ୍ଷଣେ ଦୃଢ଼ ସେ ପାଶରେ,
ବଳୀୟାନ ମହାଜନ ନଶ୍ଚେଷ୍ଟ ହୁଅଇ;

୨ମନ୍ତ୍ରୀ ।—ସୁକୁମାରୀ ବିମ୍ବାଧରୀ ତବ ସୀତା ସମ,
ଅଦ୍ଭୁତ ଅମୂଲ୍ୟ ରତ୍ନ ଏ ସଂସାରେ ଅଛି ?

ରାଜା ।— ଯଥାର୍ଥ କହିଲ ମନ୍ତ୍ରି, କିନ୍ତୁ ଦେଖ ଅଜ
ଅମୂଲ୍ୟରତନ ମୋର ଜୀବର ଜୀବନ
ସୀତା, ହୋଇଛି ଯୁବତୀ ଏ ସମୟେ ଯଦି
ବିବାହ ନ ଦଏଁ ତାକୁ, କଳଙ୍କ ରହିବ
ନିଶ୍ଚେଁ ନାମରେ କୁଳରେ ; କଠିନ ହୃଦୟେ,
ମମତା ବନ୍ଧନ ତାର ଛେଦିବାକୁ ମୁହିଁ ,
ହୋଇଛି ପ୍ରସ୍ତୁତ ; କିନ୍ତୁ କହନ୍ତୁ ସରବେ,
କାହା ହସ୍ତେ ସମର୍ପିବି; ଚତୁର ପଣରେ,
ରୂପରେ, ବିଦ୍ୟାରେ, ଆନ ସବୁ ସଦ୍‌ଗୁଣରେ,
ଏ ସଂସାରେ ତାହା ସମ କିଏ ଅଛି, ଯାର
କର ଧରି କନ୍ୟା ମୋର ହୋଇବ ସୁଖିନୀ ?
ଜଗତ ରାଜନ୍ୟ ବର୍ଗ ଦେଖିଛ ସ୍ୱନୟନେ,
ସମସ୍ତଙ୍କ ବିଦ୍ୟା, ବୁଦ୍ଧି, ବୀର୍ଯ୍ୟପଣ ଜାଣେ,
ଜାନକୀର ଉପଯୁକ୍ତ ବର କିନ୍ତୁ ନାହିଁ ,
ସୁନ୍ଦର ଅଛନ୍ତି ସତ୍ୟ ବହୁତ ସଂସାରେ,
ସୀତା ପାଶେ କିନ୍ତୁ ସର୍ବେ ହୋଇବେ ମଳିନ;
ଚନ୍ଦ୍ରାଲୋକେ ଦୀପଶିଖା ତାରକା ଯେସନ;

୧ମନ୍ତ୍ରୀ ।—ମହାରାଜ ! ଏହି ଜୀବନ ଯେତେବେଳେ ଶ୍ରୀମୂଙ୍କ ଅନ୍ନରେ ପାଳିତ ହୋଇଅଛି, ଚିରଦିନ ଛାୟା ପ୍ରାୟ ଅନୁଗତ ଥିବୁଁ, ଆପଣ କୌଣସି ବିଷୟରେ ଚିନ୍ତିତ ହେବେ ନାହିଁ । ହିଭୁ-

Digitized by srujanika@gmail.com

ବନରେ ସୀତା ଦେବୀ ଅଦ୍ୱିତୀୟା ନାରୀ ଏଥିରେ ଲେଶ-ମାତ୍ର ସନ୍ଦେହ ନାହିଁ । ମନୁଷ୍ୟର ଜୀବନ ଏହିପରି ସୁଖ ଦୁଃଖ ମିଶ୍ରିତ ଯେ ସମୟରେ ଗୌରବ ସୁଖରେ ଚିନ୍ତାକୀଟ ଲୁକ୍କାୟିତ ଥାଏ । ଯେଉଁ ସୀତା ଦେବୀଙ୍କର ଅନୁପମ ରୂପ ଲାବଣ୍ୟ ମରଲୋକରେ ମିଥିଳାନଗରୀକୁ ଦେବଧାମ କରିଅଛି ତାହା ପୁଣି ଅଛି ଚିନ୍ତାର କାରଣ । ରୂପ ଏବଂ ଗୁଣ ଅନୁପାତରେ ତ୍ରିଭୁବନରେ ତାଙ୍କର ଉପଯୁକ୍ତ ବର ନାହିଁ । ମହାରାଜ ! କେବଳ ଏକମାତ୍ର ଉପାୟ, ସୀତା ସ୍ୱୟଂ ଯଦି କାହାକୁ ମନୋନୀତ କରନ୍ତି ତାହାହେଲେ ଆମ୍ଭମାନଙ୍କର ଚିନ୍ତା ବଦୂରିତ ହେବ । କାରଣ ତହିଁରେ ସୁକୁମାରୀ ସୁଖିନୀ ହେଲେ ଆମ୍ଭମାନଙ୍କର ସୁଖ ।

[ ଦ୍ୱାରୀ ପ୍ରବେଶ ]

ଦ୍ୱାରୀ ।— ( ପ୍ରଣାମକରି କରଯୋଡ଼ି ) ମହାରାଜ ! ଦେବର୍ଷି ନାରଦ ଦ୍ୱାରରେ ଦଣ୍ଡାୟମାନ । ଆପଣଙ୍କୁ ସାକ୍ଷାତ କରିବେ ।

ରାଜା ।— ମୋର କୋଟି କୋଟି ପ୍ରଣାମ ଜଣାଇ ଅତିଶୀଘ୍ର ମହର୍ଷିଙ୍କୁ ସଭାରେ ପଦାର୍ପଣ କରିବାକୁ ଅନୁରୋଧ କର । ମୁଁ ଇତି ମଧ୍ୟରେ ପାଦ୍ୟଅର୍ଘ୍ୟ ଆୟୋଜନ କରେଁ ।

ଦ୍ୱାରୀ ।—ଯେ ଆଜ୍ଞା [ ପ୍ରସ୍ଥାନ

ନାରଦ ।— ( ନେପଥ୍ୟେ ଗୀତ )

ଜୟ ଜୟ ଲୀଳାମୟ ଜୟ ମଧୁସୂଦନ
ଜୟ ନାରାୟଣ ଜୟ ପାପତାପ ନାଶନ
ଭଜମନ ହବାନଳି ଅଜ୍ଞାନ ତିମିର ନାଶୀ
ଭକ୍ତଜନ ହୃଦବାସୀ ମୋହଜାଲ ଛେଦନ । ୧ ।
ଭବଭୟ ନିବାରଣ ଦୀନନାଥ ନିରଞ୍ଜନ
କମଳା-ହୃଦନଳୀନ-ବିକାଶନ-କାରଣ । ୨ ।

Digitized by srujanika@gmail.com

[ ନାରଦ ପ୍ରବେଶ ]

ରାଜା ।— ( ପାଦ୍ୟ ଅର୍ଘ୍ୟଦେଇ ପୂଜାକରି ସଂଗୀତସ୍ୱରରେ )
ମୁନିଗୁରୋ !
ପାପୀ ମୁହିଁ ; ଅପବିତ୍ର ହୃଦୟ ମୋହର;
ସଂସାର କାର୍ଯ୍ୟରେ ଲିପ୍ତ, ଅଧମ ସଂସାରୀ,
ଭକ୍ତିମାର୍ଗ ଜାଣେ ନାହିଁ— ଧନ୍ୟ ହେଲି ଆଜି,
ପଦ ସେବି ତବ, ଧନ୍ୟ ହେଲା ସଭା ଗୃହ,
ତବ ପାଦ ରଜପାଇ; ତ ସୁକୃତବଳେ
ବିଭୋ !—ଧନ୍ୟ ମୋ ଜୀବନ—ତବଦରଶନେ
ଅଜ୍ଞ ପବିତ୍ର ହୋଇଲି !

ନାରଦ ।— ସାଧୁ ଏ ନମ୍ରତା ! ମହାରାଜ ! ଆପଣଙ୍କଠାରୁ ବଳି ପୁଣ୍ୟବନ୍ତ ଜଗତରେ ଦୁର୍ଲ୍ଲଭ ।

ରାଜା ।— ଯଥାର୍ଥ ମହର୍ଷି
ଜ୍ଞାନମୟ ତବରୂପ ଯେ କରେ ଦର୍ଶନ
ସଂସାର ମଧ୍ୟରେ ପୁଣ୍ୟବନ୍ତ ସେହି ଜନ ।

ନାରଦ ।— ଜ୍ଞାନମୟୀ ସୀତା ଦେବୀ କୁଶଳରେ ଅଛନ୍ତି ତ ? ଆପଣଙ୍କର ରାଜକାର୍ଯ୍ୟରେ ବୋଧହୁଏ କୌଣସି ବିଶୃଙ୍ଖଳା ଘଟୁ ନାହିଁ ?

ରାଜା ।— ଏ ପ୍ରଶ୍ନ କପଟ ମାତ୍ର । ଯାହାଠାରେ ଆପଣଙ୍କର କୃପାଦୃଷ୍ଟି ଥାଏ ତାହାର କି ଅମଙ୍ଗଳ ଘଟି ପାରେ ?

ନାରଦ ।— ମହାରାଜ ! ସୀତାଦେବୀଙ୍କର ବିବାହ କାର୍ଯ୍ୟ ଶେଷ ହୋଇଛି କି ?

ରାଜା ।— ନା ପ୍ରଭୋ ! ଏପରି କନ୍ୟା ତ୍ରିଭୁବନରେ ବୋଧହୁଏ ଅଦ୍ୱିତୀୟା । ଅନେକ ଅନ୍ୱେଷଣ କଲି ଜଣେ ସୁଦ୍ଧା ଜଗତରେ ଦେଖିଲି ନାହିଁ ଯେ କି ତାହାର ଉପଯୁକ୍ତ ସ୍ୱାମୀ

Digitized by srujanika@gmail.com

ହେବ । ମୋ ଭାଗ୍ୟବଳରେ ଆଜ ଆପଣ ଏଠାରେ ଉପସ୍ଥିତ । ଆପଣଙ୍କର ପରାମର୍ଶ ଶିରୋଧାର୍ଯ୍ୟ କରି ନିଶ୍ଚିନ୍ତ ହେବି ।

ନାରଦ ।— ମହାରାଜ ! ଆପଣ ଅତ୍ୟନ୍ତ ପୁଣ୍ୟବାନ୍, ତା ନୋହିଥିଲେ ଆଜ ସୀତାପରି କନ୍ୟାର ଜନକ ହୋଇ ନ ଥାନ୍ତେ । ସେହି ସୀତା ସାକ୍ଷାତ୍ ବୈକୁଣ୍ଠବାସିନୀ ବିଷ୍ଣୁମନତୋଷିଣୀ ଜଗନ୍ମାତା । ଆପଣଙ୍କର ପୂର୍ବ ତପସ୍ୟା ଯୋଗୁଁ ସେ ବୈକୁଣ୍ଠ ପରିତ୍ୟାଗ କରି ଆପଣଙ୍କର କନ୍ୟା ସ୍ୱରୂପରେ ପୃଥିବୀରେ ଅବତୀର୍ଣ୍ଣା । ମହାମାୟାଙ୍କର ଅଦ୍ୟ ବର୍ତ୍ତମାନ ବିବାହକାଳ ଉପସ୍ଥିତ । କିନ୍ତୁ ମହାରାଜ ! ଆପଣତ ବୁଦ୍ଧିମାନ୍, ସମସ୍ତ ବୁଝି ପାରନ୍ତି, ବିଚାର କରନ୍ତୁ ଯଦି ଏହି କନ୍ୟା ନାରାୟଣଙ୍କ ବିନା ଅନ୍ୟ କାହାର ହସ୍ତରେ ସମର୍ପଣ କରାହୁଏ ତାହା ହେଲେ କେତେଦୂର ଅନ୍ୟାୟ ହେବ—କେବଳ ଅନ୍ୟାୟ ନୁହେ—ଉଦ୍ବାହ ବାନର ବକ୍ଷରେ ଲମ୍ବମାନ କଣ୍ଠହାର ହେବ । ଜାନକୀଦେବୀଙ୍କର ପରିଚୟ ଦେବା-ନିମିତ୍ତ ମୁଁ ଏଠାକୁ ଆଗମନ କରିଥିଲି । ଆପଣ ମଧ୍ୟ ମୋ ମତ ଅନୁଯାୟୀ କାର୍ଯ୍ୟ କରିବାକୁ ଇଚ୍ଛୁକ । ତାହାହେଲେ ଅତିଶୀଘ୍ର ବିଶ୍ୱବ୍ୟାପୀ ନାରାୟଣଙ୍କ ହସ୍ତରେ ସୀତାଙ୍କୁ ସମର୍ପଣ କରନ୍ତୁ ।

ଜନକ ।— (ସ୍ୱଗତ) ଏତ ଚିନ୍ତା ଉପରେ ଚିନ୍ତା । ଯାହାଙ୍କର ଦର୍ଶନ ପୁଣ୍ୟାତ୍ମା ଯୋଗୀମାନେ ସଂସାର ତ୍ୟାଗ କରି ଅରଣ୍ୟରେ ଏକମନରେ ଧ୍ୟାନ କରି ସୁଦ୍ଧା ପାଉ ନାହାନ୍ତି, ଯେ କି ବ୍ରହ୍ମା ଇନ୍ଦ୍ର ପ୍ରଭୃତି ସମସ୍ତ ଦେବତାମାନଙ୍କର ଆରାଧ୍ୟ, ସେ ପୁଣି ଜଣେ ପାପାତ୍ମା ମାନବର ଜାମାତା ହେବେ ! (ପ୍ରକାଶ୍ୟେ) ମୁନିଶ୍ରେଷ୍ଠ ! ଦୟାମୟ ନାରାୟଣ କିପରି ମୋର

Digitized by srujanika@gmail.com

ଦୃଷ୍ଟିଗୋଚର ହେବେ କିପରି ବା ତାଙ୍କୁ ମିଥିଳା ନଗରକୁ
ଆନୟନ କରିବି ?

ନାରଦ ।—ଉପାୟ ସହଜ , ଯଦି ଇଚ୍ଛା ନରାଧିପ;
ନାରାୟଣ ସର୍ବବ୍ୟାପୀ ବ୍ରହ୍ମାଣ୍ଡ ଆଧାର,
ପୁଣି ବ୍ରହ୍ମାଣ୍ଡ କରତା , ମହାରାଜ ! ହରି
ସୂତଭୂତ ଶ୍ରେର, ଧରୁ ଧରୁ ପଳାୟନ
କରଇ ଅକ୍ଳେଶେ ; ଯାଗ ଯଜ୍ଞ ଗଙ୍ଗାସ୍ନାନ
ଦାନ ଧର୍ମ କଲେ କେବେ କେବେ ଧରାଦିଏ ,
କିନ୍ତୁ କି ମନରୁ ଆସେ ପୁଣି ଖସି ଯାଏ ;
ଭକ୍ତି-ସୁକୋମଳ-ସୂତ୍ର—ଜାଣନ୍ତୁ ତ ନୃପ !—
ବାନ୍ଧିବାକୁ ଇଚ୍ଛା କଲେ ସମର୍ଥ ହୋଇବ;
ତେବେ ଚିନ୍ତା କାହିଁ ତବ ? ଭକତବତ୍ସଳ
ହରି, ପରମ ସ୍ନେହରେ ସସ୍ତ୍ରୀକ ରହିବେ
ତବ ପବିତ୍ର ସଦନେ; ଭକ୍ତି-ବଦ୍ଧ ହୋଇ;
(ସ୍ୱଜନଜନପ୍ରତି) ଦୁଇଗୁଣେ ଗୁଣାନ୍ୱିତ ବିଦର୍ଭରାଜନ
ଦୁଇ ଦ୍ରବ୍ୟ ବେଢ଼ି ପାଇ , ଲୌହମୟ ବେଢ଼ି—
ବଳେ କରଗତ ଅଶ୍ୱଦଳ ; ସରସିଜ
ସୁକୋମଳ ଭକ୍ତିବେଢ଼ି ଦେନ ବିଷ୍ଣୁ-ଶ୍ରେର
ବାନ୍ଧିବାକୁ ପୁଣି ପୁନପୁଣ; ମହାରାଜ !
ଜନ୍ମିଛନ୍ତି ନାରାୟଣ ମନୁଷ୍ୟ ଶରୀରେ
ଏହି ଧରାତଳେ ( କ୍ଷଣକାଳ ସ୍ଥିର ହୋଇ )
ଆସିଥିଲି ଯେ କାର୍ଯ୍ୟରେ
ହୋଇଛି ସମାପ୍ତ , ଏବେ ବିଦାୟ ଦଅନ୍ତୁ
[ ରାଜାଙ୍କର ପ୍ରଣାମ ଓ ନାରଦଙ୍କର ପ୍ରସ୍ଥାନ

ରାଜା ।— ( ସ୍ୱଗତ ) ସତେ କି ଦେବର୍ଷି ଆଜ ସିଞ୍ଚି ଗଲେ ସୁଧା,

Digitized by srujanika@gmail.com

ଉତ୍ତପ୍ତ ହୃଦୟେ , ସତେ କି ଏ ସ୍ଥାନ ଜନ୍ମେ,
ଦେଖିବ ନୟନେ, ଭକ୍ତ-ହୃଦ-ସୁଖ-ଶଶି ..
ବୈକୁଣ୍ଠ-ନିବାସୀ ବିଷ୍ଣୁ, ଜାମାତା ହୋଇବେ
ମୋର ! ସନ୍ନିକଟେ ସମ୍ମୁଖରେ ନାରେ ଆଶା-
ଛନ୍ଦ, ପ୍ରାଣପଣେ ପୁଲକମନେ ହସ୍ତ ବଢାଇବ—
ଯେଉଁ ଭକ୍ତିବଳେ ଦୁଃଖୀ ଜଗତନାଥଙ୍କ ,
ଯେ ଭକ୍ତି ପ୍ରଭାବେ ଝରେ ତପ୍ତ-ମରୁ-ଭୂମେ
ସ୍ୱଚ୍ଛ-ସଲିଳା ଜାହ୍ନବୀ, କଣ୍ଟକେ ସୁବର୍ଣ୍ଣ
ଫଳେ, ଫେଣିକଟେ ହୀରକ, ଅଗ୍ନି-ଶିଖା-ଅଙ୍କେ
ବହେ ଶୀତଳ ଚନ୍ଦନ, ଅକାଶେ ସଙ୍କଟେ
ଜଳେ ଅନନ୍ଦଲହରୀ, ଯେ ଭକ୍ତି ପ୍ରଭାବେ
ନିର୍ଜନ କାନ୍ତାରେ ଶୁଭେ 'ଅପ୍ସରୀ ସଙ୍ଗୀତ
ଶୁଭଇ ଆଶ୍ୱାସ ବାଣୀ, ମୃତ୍ୟୁ ମୁଖେ ପଡ଼ି,
ବସନ୍ତ ମଳୟ ବହେ ବିଷଦଗ୍ଧ ହୃଦେ,
ସେ ଭକ୍ତି ହୃଦୟେ ସିଞ୍ଚି ବଢ଼ାଇଲେ ହସ୍ତ,
କରଗତ ପ୍ରାପ୍ୟ ଇନ୍ଦୁ ଧରି କି ନ ଦେବ ?

୧ ମନ୍ତ୍ରୀ ।—ମହାରାଜ ! ଦେବର୍ଷି ନାରଦଙ୍କ ମୁଖରୁ ଆଶ୍ୱାସ ବଚନ ଶୁଣି ଆମ୍ଭେମାନେ ଆଜ ଚିନ୍ତାର କାରଣ କିଛି ବୁଝିପାରୁ ନାହୁଁ ।

ରାଜା ।— ଶୁଣିଲି ମୁଁ ଯେତେବେଳେ ନାରଦ ମୁଖରୁ,—
ପରାଣୁ ଅଧିକ ମୋର ସ୍ୱର୍ଣ୍ଣଲତା ସୀତା
ଜଗନ୍ମାତା ସ୍ୱୟଂ, ଲୀଳାମୟୀ ହର ପୁଣି
ଅବତୀର୍ଣ୍ଣ ଧରାଧାମେ,—ଚିନ୍ତା ନାହିଁ ଆଉ
ମୋର ଜାନକୀ ବିଷୟେ ; ନିଜ ପ୍ରାଣପତି

Digitized by srujanika@gmail.com

ତଣ ଅଙ୍କଗତା ନଷ୍ଟେ ତାନଙ୍କୁ ହୋଇବ,
ଶରତ ଚନ୍ଦ୍ରର ତୁଲ୍ୟ ସମୁଦ୍ରେ ମିଶିବ ।

୨ ମନ୍ତ୍ରୀ ।—ଯଥାର୍ଥ ମହାରାଜ ! ଅନ୍ୟ ଅମ୍ଭମାନଙ୍କର ଚନ୍ତା ନାହିଁ ।

ରାଜା ।— ତଥାପି ଉଦ୍ୟୋଗ କରିବାକୁ ହେବ ଏବଂ ଶୃଙ୍ଖଳାର ସହିତ କାର୍ଯ୍ୟ କରିବାକୁ ହେବ । ବର୍ତ୍ତମାନ ଅବସ୍ଥାରେ କପରି ଅଗ୍ରସର ହେବା ବାଞ୍ଛନୀୟ ଆପଣମାନେ ସ୍ଥିର କରନ୍ତୁ ।

୧ । ମନ୍ତ୍ରୀ ।—ଯେତେବେଳେ ସ୍ୱୟଂ ବିଧାତାପୁରୁ କହି ଯାଇ'ଛନ୍ତି ନାରାୟଣ ମନୁଷ୍ୟ ଦେହରେ ପୃଥିବୀରେ ଅବତୀର୍ଣ୍ଣ ତାହାଙ୍କର ପରିଚୟ ଲାଭ କରିବା ଅମ୍ଭମାନଙ୍କ ପକ୍ଷରେ ଅସାଧ୍ୟ ନୁହେ । ଅତଏବ ଅଧିକ ବିଳମ୍ବ ନ କରି ମିଥିଳା ପ୍ରାସାଦ ପ୍ରାଙ୍ଗଣରେ ଗୋଟିଏ ସୁସଜ୍ଜିତ ରାଜସଭା ଆହୂତ କରିବାକୁ ଶୀଘ୍ର ଆଦେଶ ଦିଅନ୍ତୁ । ଆଜ୍ଞା ପାଇଲେ ଦେଖିବେ ଅଳ୍ପ ଦିନ ମଧ୍ୟରେ ଏହି ଦାସ ସମସ୍ତ ବିଦର୍ଭ ନଗରୀକୁ ତ୍ରିଭୁବନ ରାଜନ୍ୟବର୍ଗରେ ପରିପୂର୍ଣ୍ଣ କରାଇବ ଇନ୍ଦ୍ରାଦି ଦେବତାଗଣ, ଦୈତ୍ୟ, ଗନ୍ଧର୍ବ, କିନ୍ନର, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ସମସ୍ତେ ଉପସ୍ଥିତ ହେବେ । ମହାରାଜ ! କୋକିଳ ଯେପରି ଅନ୍ୟ ଋତୁରେ ନିର୍ମମ ହୋଇ ବସନ୍ତଋତୁକୁ ଆଶ୍ରୟ କରେ, ସେହିପରି ଏହି ମହତ୍ ସଭା ମଧ୍ୟରୁ ଜେମା ନିଶ୍ଚୟ ନିଜର ପ୍ରାଣେଶ୍ୱରଙ୍କୁ ବାଛି ନେବେ ।

୨ ମନ୍ତ୍ରୀ ।—ମିତ୍ର ମହୋଦୟଙ୍କର ପରାମର୍ଶ ଉତ୍ତମ, କିନ୍ତୁ ମୋ ମତରେ କିଛି କଠିନ ପଣ ସ୍ଥିର କଲେ ଭଲ ହୁଅନ୍ତା । ମହାରାଜ ! କଦ୍ରମାନେ ଯେଉଁ ଶିବଧନୁ ଆଜପର୍ଯ୍ୟନ୍ତ ଶିବ ମନ୍ଦିରରେ ପୂଜା କରନ୍ତି ତାହାର ମହିମା ଅଶେଷ । ଶୁଣାଯାଇଛି ଜଣା-ଅଛି ଏହି ଧନୁ ସାହାଯ୍ୟରେ ଯୋଗେଶ୍ୱର ମହାଦେବ ତ୍ରିପୁରାସୁରର ପ୍ରାଣ ସଂହାର କରି ଶାନ୍ତିକୁ ପିତାମହଙ୍କୁ ସମ-

Digitized by srujanika@gmail.com

ର୍ପଣ କରିଥିଲେ । ସେହି ଧନୁରେ ଗୁଣ ଦେବା ଦୂରେ ଥାଉ, ଶତ ୨ ବଳବନ୍ତ ସୈନକେ ତାହାକୁ ଉତ୍ତୋଳନ କରିବାକୁ କଷ୍ଟ ବୋଧ କରନ୍ତି । ମୋ ମତରେ ଜାନକୀ, ବିଷୟରେ ଯଦି ଏହି ଶିବଧନୁରେ ଗୁଣଦାନ ପଣ ସ୍ଥିର ହୁଏ, ଉତ୍ତମ ହେବ । ପୁନଶ୍ଚ ମନ୍ତ୍ରୀ ମହୋଦୟ ଯେପରି ପରାମର୍ଶ ଦେଲେ ତଦନୁଯାୟୀ ସଭା ଅହୂତ କରାଯାଉ ।

ରାମ ।— ଏହା କିନ୍ତୁ ଅତ୍ୟନ୍ତ କଠୋର ହେଲା

ସମସ୍ତେ ।—ଯଥ କଣ ?

ରାଜା ।— ଯଦିଓ ଉଚିତ ପରାମର୍ଶ ଏ ଅଟଇ ;
ଏହି ପଣ ସ୍ଥିର କଲି ତ୍ରିଭୁବନ ମଧ୍ୟେ,
ଯେ ଲୋକ—ଦେବତା ଅବା ଚଣ୍ଡାଳ ବ୍ରାହ୍ମଣ—
ଗୁଣ ଦେବ ଏ ଧନୁରେ, ସୀତା କନ୍ୟା ନିଶ୍ଚେ
ତାହାହସ୍ତେ ସମର୍ପିବି ; ପ୍ରତିଜ୍ଞା ଲଙ୍ଘନ
କେବେ ଥାଉଁ ଏ ଜୀବନ ନ କରିବି ମୁହିଁ ;
ମନ୍ତ୍ରିନ୍ ! କଲ୍ୟ ପ୍ରାତଃକାଳେ, ବଦର୍ଭ ନଗରେ
ଘୋଷଣା କରିବ—ସୀତା ବିବାହ ନିକଟ—
ଜନମାନେ ରାଜମାର୍ଗ, ବିପଣି, ଉଦ୍ୟାନ,
ଉଚ୍ଚ ଉଚ୍ଚ ଅଟ୍ଟାଳିକା, ପତାକା ଶ୍ରେଣୀରେ
ଚିତ୍ର ଚିତ୍ରହାରେ ଫୁଲେ, ସୁବର୍ଣ୍ଣ କଳସେ
ସଜ୍ଜିତ କରିବେ; ବ୍ରାହ୍ମଣ ବରଣ, ଦାନ,
ଭୋଜନ, ନର୍ତ୍ତନ ଆଦି ମଙ୍ଗଳ ଉତ୍ସବ,
ଅତି ଯତ୍ନେ ହୃଷ୍ଟ କରି ସକଳ ଲୋକଙ୍କୁ
ସମାଧା କରିବ; କାର୍ଯ୍ୟ ଶୀଘ୍ର ଶୀଘ୍ର ହେବ ।

୨ମନ୍ତ୍ରୀ ।—ଯେ ଆଜ୍ଞା ମହାରାଜ ! ପ୍ରଭୁ ଦେଖିବେ କୌଣସି କାର୍ଯ୍ୟ ବିଶୃଙ୍ଖଳ ହେବ ନାହିଁ ।

Digitized by srujanika@gmail.com

ରାଜା ।— ( ୧ ମନ୍ତ୍ରୀପ୍ରତି )

ଆଉ ଏକ କଥା ; ତୁମ୍ଭେ ମଧ୍ୟ ଅତିଶୀଘ୍ର
ଅଯୋଧ୍ୟା, ମଗଧ, ଅଙ୍ଗ, କଳିଙ୍ଗ, ଉତ୍କଳ,
ବଙ୍ଗ, କର୍ଣ୍ଣାଟ, ସିଂହଳ, ପାଣ୍ଡ୍ୟ, ମହାରାଷ୍ଟ୍ର,
ସୌରାଷ୍ଟ୍ର, କୋଶଳ, କେରଳ, ଚେଦି, ଗୁର୍ଜ୍ଜରାଟ,
ପହ୍ଲବ, ଚୀନ, ସ୍ୱନକାର, ତୁରସ୍କ, ଅଟବ—
ଅନ୍ୟାନ୍ୟ ଯବନ ରାଜା ସମସ୍ତଙ୍କ ଠାକୁ
ପଠାଅ ଦୂତଙ୍କୁ, ସୀତା ଚନ୍ଦପତ୍ର ଦେଇ;
ଉତ୍ତମ ଶିବିରମାନ ପ୍ରସ୍ତୁତ କରାଇ
ରାଜ ଅଭ୍ୟର୍ଥନା ପାଇ ପ୍ରସ୍ତୁତ ହୋଇବ —

୧ ମନ୍ତ୍ରୀ ।—ଯେ ଆଜ୍ଞା ମହାରାଜ ! ଅଳ୍ପଦିନ ମଧ୍ୟରେ ଦେଖିବେ ବିଦର୍ଭ ନଗର ସମସ୍ତ ରାଜାମାନଙ୍କ ଦ୍ୱାରା ପରିପୂରିତ । ଏ ଦାସ ସମସ୍ତ କାର୍ଯ୍ୟ କରିବ ଆପଣ କିଛି ଚିନ୍ତା କରନ୍ତୁ ନାହିଁ ।

ରାଜା ।—ଉତ୍ତମ । ଅଉ କିଛି କାର୍ଯ୍ୟ ନାହିଁ, ତୁମ୍ଭମାନେ ସଭା ଭଙ୍ଗକର ।  [ ସର୍ବେ ପ୍ରସ୍ଥାନ

———

ତୃତୀୟ ଦୃଶ୍ୟ ।

ଉଦ୍ୟାନ

ସଖୀଗଣ ଏବଂ ସୀତା

( ଫୁଲଗଛରୁ ଫୁଲ ତୋଳୁ ତୋଳୁ ସଖୀମାନଙ୍କର ଗୀତ

ବସନ୍ତେ କୁଞ୍ଜବନ କୁସୁମବାସ ପେଷଇ
ମେଘେ ଡାକେ ଅଳି ଫୁଲ ତୋଳି ଯିବା ସହି ।
ବସି ତରୁଡାଳରେ, ବ ମଧୁରେ
ଗାଏ ପିକ ମନ ମୋହି

Digitized by srujanika@gmail.com

ପବନ ଅନ୍ଦୋଳିତା    ନାଚଇ ଲତା ହର୍ଷହୋଇ । ୧ ।
ପ୍ରେମ ସଲିଳେଁ ଭାସେ    କି ଉଲ୍ଲାସେ ..
ଅଳିମନ ଭୋଳ ହୋଇ
କୁସୁମ ଚୁମ୍ବେ ସୁଖେ ଫୁଲ୍ଲ ମୁଖେ ମଧୁ ପିଇ । ୨ ।

( ପୁଷ୍ପବୃକ୍ଷ ନେଇ ଫୁଲ ତୋଳିବାପାଇଁ ଦାମିନୀର ସମ୍ମୁଖରେ ଉପବେଶନ, ଅନଂ ସମସ୍ତଙ୍କର ପୁଷ୍ପଚୟ କୁସୁମଚୟନ )

ଦାମି—ସତେ ଦେଖିଲ ଆଜି କାଲି ବସନ୍ତ ସମୟରେ କେତେ ଫୁଲ ଫୁଟିଛି !

ସ୍ନେହ—ହଁ ଗୋ, ବସନ୍ତ ସମୟ ଏକା ବଡ ମନୋହର । ଖାଲି ଏଇ ସବୁଫୁଲ ଯେ ଫୁଟେ ତାହା ନୁହେ, ଯୁବକ ଯୁବତୀଙ୍କର ହୃଦୟଫୁଲ ମଧ୍ୟ କେଡ଼େ ସୁନ୍ଦର ପ୍ରସ୍ଫୁଟିତ ହୁଏ । ଦେଖିଲ ସଙ୍ଗାତ କେଡ଼େ ସୁନ୍ଦର ଦକ୍ଷିଣାପବନ ଦେହରେ ଲାଗୁଛି ।

କୁଞ୍ଜ—ଚୁପ୍ ! ଯେବେ ନ ଶୁଣନ୍ତ ଗୋଟିଏ କଥା ପଚାରନ୍ତ ।

ସ୍ନେହ—କି ଗୋ କୁହ ଶୁଣିବ କାହିଁକି ?

କୁଞ୍ଜ—ଅଚ୍ଛା, ତୁମ ମନ ଆଜି କାଲି ଉପରରେ ଲାଗୁଛି କାହିଁକି ?

ଦାମି—( ହସି ) ଠିକ୍ କଥା ଗୋ ଠିକ କଥା, ଆଚ୍ଛା ଦେଖ ତାଙ୍କର ଆସିବାକୁ କେତେ ଉତ୍ସୁକ ହେଲ ।

ଶାନ୍ତି—ସେ କଥା ମତେ ପଚାର । ଆଜି କାଲି ସକାଳୁଅ ଦକ୍ଷିଣ ପବନ ଭାରି ମଧୁର, ଦେହରେ ଲାଗିଲେ କୋହଲ ପାଖକୁ ପ୍ରେମ ନଦ ଦୌଡ଼ି ଆସେ, ଏଇଆ ନା ଗୋ ?

ସ୍ନେହ—ଛି, ନ ବୁଝି ଖାଲି କୁହ କାହିଁକି ? ଅସ୍ଥ ଅଜି ଛଡ଼ା ମୋର ତ ଆଉ କେବେ ଡେର ହୋଇ ନାହିଁ ?

ଶାନ୍ତି—ନା ସେ କଥା ସତ, ଅସ୍ଥ ଅଜି ?

ଦାମି—ଅମ ସୀତାଙ୍କର ଗୁଣ ଦେଖୁଛନା ? ସେ କାହିଁକି ଏତେ-କେଲଟାଏ ଅସୁନାହିଁ, ସେତ ସବୁଦିନେ ଅଗେ ଅସେ ?

Digitized by srujanika@gmail.com

ଲୁଞ୍ଜି—ହିଁ ଗୋ, ସେତ କିଛି ବାହା ହୋଇନାହିଁ ତାର ଫେର ଉଛୁର କାହିଁକି ?

ଶଶି—ଭଲକଥା ! ତୁମେ କଣ କହୁଁଛ ସମସ୍ତଙ୍କ ଅଧିକ ପ୍ରେମନନ୍ଦ ଅଟେ । ସେମାଙ୍କ ବିଳମ୍ବରେ ଅନ୍ୟ କିଛି କାରଣ ଅଛି ।

ସ୍ନେହ—ତା ମୁଁ କିଛି କିଛି ଜାଣେ ।

ଦାମି—ଅଗୋ, ଏଇଟିକି ଅସ କେତେ ଫୁଲ ତୋଳୁଛ, ମୁଁ ଏଥିମଧ୍ୟରେ ଗୋଟିଏ ମାଳ ଗୁନ୍ଥି ସାରିଲିଣି ।

ସ୍ନେହ—ଯାଉଚ, ଥିଲୁଅଛି, ସେମା ଅମର ପାଠମହାଦେଇଙ୍କ ପାଖରେ ଅଛନ୍ତି ।

ଶଶି—କି କାହିଁକି, ପାଠମହାଦେଈଙ୍କର କଣ ହୋଇଛି କି ?

ସ୍ନେହ—ନା କିଛିନା ସେମା ଅମର ନିକଟରେ ବାହା ହେବେ ।

ସମସ୍ତେ—ସତନା ? ସତନା ?

( ସମସ୍ତଙ୍କର ସ୍ନେହ ନିକଟକୁ ଗମନ )

ସ୍ନେହ—ମୁଁ ଆଜ ଆସିଲାବେଳେ ରାଜମାର୍ଗରେ ଦେଖିଲି ଜଣେ ଲୋକ ଡୁଙ୍ଗୁରୀ ଦେଇ ସବୁ ଲୋକଙ୍କୁ କହୁଛି ତୁମେ ସମସ୍ତେ ମଙ୍ଗଳ ଉତ୍ସବ କରିବ । ଘର ଦୁଆର ବାଟ ବଗିଚା ସବୁ ଫୁଲମାଳ ରତ୍ନହାର ପତାକା ପ୍ରଭୃତିରେ ସଜେଇବ । ମୁଁ କୌତୂକରେ ଏହାର କାରଣ ପଚ୍ଛିର ପଚାରିଲି । ସେ କହିଲା ସେମାଙ୍କର ବିବାହ ଅଳ୍ପଦିନ ମଧ୍ୟରେ ହେବ । ଏଇଥିଲାଗି ମୋର ଉଛୁର ହେଲା ।

ଶଶି—ଅହା କେଡ଼େ ସୁଖର କଥା, ଏହା ଏବେ ନହେଁ ସତ !

ସ୍ନେହ—ଅଚ୍ଛା, ସଙ୍ଗାଧ ସବୁ ଜାଣିଥିବତ ? ମଞ୍ଜୁସା ବୋଧହୁଏ ତାଙ୍କ ପାଖରେ ସଭାର କଥା ସବୁ କହିଥିବେ ?

ଦାମି—ନା ମୁଁ କିଛି ଶୁଣିନାହିଁ । କିନ୍ତୁ ତୁମେ ଯାହା କହୁଛ ବୋଧ-ହୁଏ ଠିକ୍ କଥା । କାଲି ସଭାରେ ବାପ ଅନେକ ଉନ୍ନୁବଂରେ

Digitized by srujanika@gmail.com

ଆସିଲେ, ତେତେବେଳକୁ ମୁଁ ଶୋଇ ପଡ଼ିଥିଲି । ମୁଁ ସେ ସବୁ କଥା କିଛି ଶୁଣିନାହିଁ । ଆଜି ସକାଳେ ମା କେମାଙ୍କ ଚନ୍ଦପଟ ସବୁ ନେବାପାଇଁ ପାଟମହାଦେଈଙ୍କ ପାଖକୁ ଆସିଥିଲେ, ନେଇ ଯିବେଣି ପରା ?

( ପୂର୍ବୋକ୍ତ ଛଅ ସମସ୍ତଙ୍କର ଉପବେଶନ ଓ ସେହି ସମୟରେ ସୀତା ପୃଷ୍ଠଦେଶରୁ ଆସି ଦାମିନୀର ଚକ୍ଷୁ ଧାରଣ )

ଦାମି— କିଏ ଗୋ ?

ଭୃଙ୍ଗ—କେହି କିଛି ଜାଣନା ଗୋ ।

ଦାମି— ( ସୀତାଙ୍କର ଅଙ୍ଗୁଳି ସ୍ପର୍ଶ କରି )

ଗୀତ ।

ଫୁଟିଲେ ନଳିନୀ ସଙ୍ଗେ ମୃଣାଳ ଗୋ ଜାଣଇ
ବସନ୍ତ ଆସିଲେ ସବୁ ଲତା କ ନ ବୁଝଇ ।
ତାସମଧ୍ୟେ ଆକାଶରେ ଉଇଁଛି ଚନ୍ଦ୍ର ସ୍ୱପ୍ନରେ
ପଡ଼କାଣି ଶୋଭିବଣି ସୁଧାଦେଇ ସିଞ୍ଚଇ । ୧ ।
କଞ୍ଚନ ଭସ୍ମ ଶୀତଳ ଶିରୀଷ ଫୁଲ କୋମଳ
ମନୋହର ସୀତା ଦେଇ ପରଶ ଗୋ ଲାଗଇ । ୨ ।

ଏବେ ବୁଝିଲି ସହି ଛଡ଼, ( ସ୍ପଷ୍ଟଭାବେ ) ତୁମର ଆଜି ଉଠିବ କାହିଁକି ହେଲାକି ?

ସୀତା—ସତକଥା ସଇ ମୋର ଏବା ଦୋଷ ନାହିଁ, ମୁଁ ସବୁଦିନେ ଅଟ୍ରେ ଆସେ ନାହିଁ ? ଆଜି ସିନା ଟିକିଏ ଡେରି ହେଲା ?

ଶଶି—ହୋଉ ଏତେବେଳ ଯାଏ କଣ କରୁଥିଲ ?

ସୀତା ।— ମାଙ୍କ ପାଖରେ ଥିଲି ।

ଶଶୀ ।— ମାଙ୍କର କଣ ହୋଇଛି କି ?

ସୀତା ।— ତାଙ୍କ ମନରେ ଭାରି କଷ୍ଟ ହୋଇଛି । ଆଜି ସକାଳୁ ଉଠି ଦେଖିଲି ମା ଦାନ୍ତ ଘଷି କାନ୍ଦୁଛନ୍ତି । ମନେ

Digitized by srujanika@gmail.com

କୋଡ଼ରେ ବସେଇଲେ ସେଇଟିତ ବସିଥିଲି ! ସେଇଠୁ
ଉଠିଲି ମା ମୁଁ ବଗିଚାକୁ ଯିବ ଫୁଲ ତୋଳିବ । ବାଟରେ
ମୋ ସାଙ୍ଗରେ ଯେଉଁ ଦାସୀ ଆସିଥିଲା ତାଠାରୁ ଶୁଣିଲି
ମୋର ବିବାହ ଅଳ୍ପଦିନ ମଧ୍ୟରେ ହେବ । ସତ ହେଉ
ବା ମିଛ ହେଉ ମତେ କିଛି ଭଲ ଲାଗୁନାହିଁ । ମାଙ୍କ
ମନରେ କଷ୍ଟ ଦେଖି ମୋ ମନ ସ୍ଥିର ହେଉ ନାହିଁ ।

କୃଷ୍ଣ ।— ହେଲେ ସ୍ଥିର ହେବ ।

ସ୍ନେହ ।— ସତ କହିବ, ତୁମ ମନରେ ଟିକିଏ ଆନନ୍ଦ ହେଉନାହିଁ ?

ସୀତା ।— ( ଅଧୋବଦନେ ହାସ୍ୟ )

ହାସି ।— ସଙ୍ଗୀତ ଅଙ୍ଗକାନ୍ତି ଆନନ୍ଦ ଉପରେ ଭାସୁଛି ।

ସୀତା ।— ବୁଢ଼ିମରୁନାହିଁ ? ( ସମସ୍ତଙ୍କର ହାସ୍ୟ )

ସ୍ନେହ ।— ହୋଇ ହୋଉ ବର ଆସୁ ତେବେ ବୁଝିବ ଦେଖାଯିବ ଯେ ?

ଶଶୀ ।— ( ସ୍ନେହପ୍ରତି ) ଆଚ୍ଛା, କହଗୋ ବୋଉଲ, ଏହିରୂପ ଗୋଟିଏ
ଗୁଣବତୀ ଓ ରୂପବତୀ ଆମ ଜେମଙ୍କର ସ୍ୱରୂପ ଗୋଟିଏ
ବର ହେଲେ ଭଲ ହୁଅନ୍ତା ?

ସ୍ନେହ ।— ମୋର ଇଚ୍ଛା ବରଟିର ରକ୍ତ, ମାଂସ, ଅସ୍ଥି ସବୁ ଖାଲି
ପ୍ରୀତିରେ ତିଆରି ହୋଇ ଥାଆନ୍ତା କି ! ( ସୀତାଙ୍କ ପ୍ରତି )
କଣ କହୁଛ ଗୋ ?

କୃଷ୍ଣ ।— ଗୋଟିଏ ଗଢ଼ିଲେ ହବ ।

ସ୍ନେହ ।— ପୁରୁଷଜାତି ରମଣୀର ପ୍ରେମ ଟିକ୍ ବୁଝିପାରନ୍ତି ନାହିଁ ।

ସୀତା ।— ଅନାଥର ନାଥ, ଭକତବତ୍ସଲ ହରି,
ପ୍ରେମର ଆଧାର; ଏତେ ପ୍ରେମିକ ସଜନ,
ତାଙ୍କ ବିନା କିଏ ଅଛି ? ଦୟାମୟ ହରି,
ପ୍ରେମସ୍ରୋତ ବହୁଛନ୍ତି ବିସ୍ତାରି ଜଗତେ;
ବିନ୍ଦୁ ସହ ଦେଖ ମନେ, କି ଅପାର ଅଟେ ।

Digitized by srujanika@gmail.com

ସାଂସାରିକ ପ୍ରେମ, ରମଣୀ ପୁରୁଷ ମଧ୍ୟେ !
ଯେପର୍ଯ୍ୟନ୍ତ ନାରୀଅଙ୍ଗରେ ଯୌବନ ସୌନ୍ଦର୍ଯ୍ୟ
ପୂର୍ଣ୍ଣ ହୋଇଥାଏ, ଯେପର୍ଯ୍ୟନ୍ତ ଦେହେ ନୃପ,
ଭାବନ୍ତି ନାରୀକୁ, ହୃଦୟର ଧନ ପ୍ରାଣ,
କିନ୍ତୁ ଯହିଁ ସରିଗଲେ ସେ ଯୌବନଧନ,
ପିଟିଯାଏ ସେହିକ୍ଷଣି ପୂର୍ବ ସ୍ନେହପାଶ,
ବୃକ୍ଷ ଅଙ୍ଗୁଁ ଶୁଷ୍କ-ପୂଲ-ବନ୍ଧନ ଯେସନ;
ଯେ ଜନ କରଇ ସ୍ନେହ ନିଜର ପ୍ରିୟାକୁ
ଯୌବନ ସମୟେ କିମ୍ବା ତାର ଅପଗମେ,
ଯେ କାଳରେ ଗଳିଯାଏ ନୟନରୁ ଜ୍ୟୋତିଃ,
ଚିକ୍କଣ ପଙ୍କଜନୂଣ ହୁଅନ୍ତି ମଳିନ,
ଅଧରେ ଯୌବନ ଅଳି ମଧୁ ନ ପଶଇ,
ସେହି ଅଟେ ସଜନି ଗୋ ଯଥାର୍ଥ ପ୍ରେମିକ ।

ସଖି ।— ଭୂମିପତି ରୂପବନ୍ତ ଗୁଣବନ୍ତ ଦେଖି,
ସ୍ୱୟଂ ନାରାୟଣ ସହ ଅସିବେ ଗୋ ଅଗେ,
ବିବାହ ପ୍ରାର୍ଥନା ପାଇଁ, କିନ୍ତୁ ଚିନ୍ତା ନାହିଁ;

ସୀତା ।— ଛାଡ଼ ସହି, ବୃଥା ଏସବୁ ଆଉ; ସ୍ୱର
ରାଜସୁତା ମୁହିଁ, ମାନବୀ ଶରୀରେ ଜନ୍ମ;
ବୈକୁଣ୍ଠ ନିବାସୀ ବିଷ୍ଣୁ କମଳାରମଣ
ମଦନ-ଗଞ୍ଜନ-ମୂର୍ତ୍ତି, ଗ୍ରହିଁବେ କି ମତେ ?

ସ୍ନେହ ।— ଯାହାହେଉ ବିବାହତ ହେବ ?

କୁଞ୍ଜ ।— ସୀତା ଅମର ବଡ଼ କଷ୍ଟ ପାଉଥିଲେ ! ଅଚ୍ଛା ସହି,
ବରକୁ କଣ କହିବ ?

ସୀତା ।— (ଦେହି ଲଜ୍ଜାରେ) ନା ନା, ସେ କଥା ଥାଉ, ଶୁଣିବି ନାହିଁ ।

Digitized by srujanika@gmail.com

ଭୃଙ୍ଗ ।— ସୀତା ଯେତେବେଳେ ନୂଆବରର ସ୍କନ୍ଧଉପରେ ଥଳ୍ପ ଥଖି ବୃକ୍ଷ ଢଳିଥିବେ—

ରାଣୀ ।— ଅହା ! କି ଶୋଭା—

ସୀତା ।— ଛି ଛି ଅଭୁ କଣ୍ କରୁଛ କଥାନାହିଁ ? ନଇଲେ ଚାଲ ଯିବ ଉଚ୍ଛୁର ହେଲାଣି ।

ଦାସି ।— ହଁ ସତକଥା ।

ସୀତା ।— ତେବେ ଚାଲ ଯିବା, ମତେ ମା ଖୋଜୁଥିବେ ।

[ ସର୍ବେ ପ୍ରସ୍ଥାନ

## ଚତୁର୍ଥ ଦୃଶ୍ୟ ।

### ଅନ୍ତଃପୁର

ରାଣୀ ଚନ୍ତିତା ହୋଇ ଆସୀନା ।

ରାଣୀ ।— ବିଧିର କି ବଚିତ୍ର ମହିମା ! ସେତ କାହାର କମନ୍ତ୍ରେ ଅପେକ୍ଷା କରେ ନାହିଁ ? କି ଦିନ କି ରାତ୍ର ନିଜ କାର୍ଯ୍ୟରେ ଅନୁରକ୍ତ । ପଶୁ, ପକ୍ଷି, ମନୁଷ୍ୟ ପ୍ରଭୃତି ତାହାର ଖେଳିବା ପଦାର୍ଥ ସିନା ? ତାହା କାର୍ଯ୍ୟରେ ଅନ୍ୟଲୋକ ମନରେ କଷ୍ଟ ହେଉଛି କି ସୁଖ ହେଉଛି ତହିଁ ପ୍ରତି ତାର ଲେଶ-ମାତ୍ର ଦୃଷ୍ଟି ନାହିଁ । ନିଜକାର୍ଯ୍ୟ କରେ କରୁଛି । କନ୍ତୁ ମନୁଷ୍ୟ କି ମୂର୍ଖ ! ଝିକଏ ମନରେ ସୁଖ ହେଲେ ମନେ-କରେ ଚିରଦିନ ଆନନ୍ଦରେ କଟିଯିବ । ହାୟ ! ମୋର ସୀତା ! ମା ମୋର ତତେ ପାଇ ମୁଁ କେଡ଼େ ସୁଖିନୀ । ଏତେଦିନ ମୋ କୋଳରେ ବଢ଼ିଲୁ, ହୃଦୟ ମୋର ଏପରି ଆନନ୍ଦଜଳରେ ସିକ୍ତ ଥିଲା ଯେ ଦୁଃଖାଗ୍ନି ପ୍ରକାଶ ପାଇଲାକ୍ଷଣି ନିର୍ବାପିତ ହେଉଥିଲା । ଏକସମୟରେ ଯେ

Digitized by srujanika@gmail.com

ତବେ ଛାଡ଼ିବାକୁ ହେବ ଏକଥା ମନରେ ଉଦୟ ହେଉ ନ ଥିଲା । କିନ୍ତୁ ଆଜ ତୋର ବିବାହ ସମୟ ଉପସ୍ଥିତ । ଏତ ବିଧିର ବିଧାନ ! ଏଥିରେତ ହାତ ଦେଇ ହବ ନାହିଁ ହାୟ ! ମୋ କୋଳରୁ ଯାଇଁ ପରଘରେ ରହିବୁ ଏ କଥା ମନକୁ ଆଣିଲେ ହୃଦୟ ବିଦୀର୍ଣ୍ଣ ହୁଏ—

[ ସୀତା ପ୍ରବେଶ ]

ରାଣୀ ।— (ସ୍ୱଗତ) ମା ମୋର ବୁଢ଼ିଟିଏ ହବ ।

ସୀତା ।— ମା ଏ ମାଳଟି କିପରି ହୋଇଚି ?

ରାଣୀ ।— ଦେଖେଁ ଦେଖେଁ ।

ସୀତା ।— ଏଇ ନିଅ ।

ରାଣୀ ।— ବାଃ ବେଶ୍ ହୋଇଛି, ଯାକୁ କିଏ ଗୁନ୍ଥିଛି ।

ସୀତା ।— ମୁଁ ଗୁନ୍ଥିଛି ।

ରାଣୀ ।— ହାତତ ଫୋଡ଼ି ନାହିଁ ?

ସୀତା ।— ନା ମା ମୁଁ ମାଳ ଗୁନ୍ଥି ଜାଣେ ଯେ !

ରାଣୀ ।— (କୋଳକୁ ଆଉଜେଇ ନେଇ) ହିଁ ଜାଣୁ । ଏଇ ସୀତାଟି ମୋର ସତେ ବାହା ହବ ନା ? ମା ମୋର ସତେ ବାହା ହବୁନା ?

ସୀତା ।— ମା, ଆଜ ମୋ କୁଁଚ ଦାମି ନେଇଚ, ମତେ ଆଉ ଗୋଟିଏ କୁଁଚି ହବ ।

ରାଣୀ ।— ଅଚ୍ଛା ହେଉ ! ଆଜ କାଲ ବାହାରକୁ ବେଶି ଯିବୁ ନାହିଁ । କେତେ ଦେଶରୁ ରାଜାମାନେ ଆସି'ଛନ୍ତି, ତତେ ଦେଖିବା ଲାଗି ସମସ୍ତେ ଇଚ୍ଛୁକ—(ସ୍ୱଗତ) ହାୟ ! ସୀତା ମୋର ଏପରି ଅବସ୍ଥାରେ କିପରି ବାହା ହବ । ଯଦିଓ ସେ ବର୍ତ୍ତମାନ ଯୁବତୀ, ମୋ ଦ୍ୱାରା ଏପରି ଲାଳିତା ଯେ ଗୋଟିଏ ପାଞ୍ଚବର୍ଷର ଶିଶୁ ପରି ସରଳା । ଏ ସମୟରେ ପର ଘରକୁ ଗଲେ ଝିଅର କଷ୍ଟ ହବ, ସେ କିଛି ଶିଖି ନାହିଁ—

Digitized by srujanika@gmail.com

ରାମ ।—ହାୟ ! ହାୟ ! ମୁଁ ନିଷ୍ଠୁର, ମୋର ହୃଦୟ କି ଦାରୁଣ ! ଏତେଦିନ ଯାଏଁ ଋଷିପତ୍ନୀ କାତର ହୋଇ ମୋହରି ଚରଣକୁ ଧ୍ୟାନ କରୁଅଛନ୍ତି ! ବିଭୋ ! ଏହି ଆଶ୍ଚର୍ଯ୍ୟ ବୃତ୍ତାନ୍ତ ଶ୍ରବଣ କରିବାକୁ ମୋର ଅତିଶୟ କୌତୁହଳ ଜନ୍ମୁଅଛି । କିନ୍ତୁ ଶୁଣିଲେ ବିଳମ୍ବ ହେବ । ଆଗେ ତପସ୍ୱିନୀ ଅହଲ୍ୟା ଦେବୀଙ୍କର ପ୍ରସ୍ତର ମୂର୍ତ୍ତି ଦର୍ଶନ କରିବି । ତଦନ୍ତର ଶୁଣିବାକୁ ଇଚ୍ଛା ହେବ । ଅନୁଗ୍ରହ ପୂର୍ବକ ଶୀଘ୍ର ଗୌତମ ଆଶ୍ରମକୁ ଅଗ୍ରସର ହେଉନ୍ତୁ ।

ବି ।—ଦୟାମୟ ! ଆଜି ଅହଲ୍ୟାଙ୍କର ସୁପ୍ରଭାତ । ଏହି ମାର୍ଗରେ ଧୀରେ ଆସ ।

[ ସର୍ବେ ପ୍ରସ୍ଥାନ

—•*○ଓଁ○*•—

## ଦ୍ୱିତୀୟ ଦୃଶ୍ୟ ।

## ଗୌତମ ଆଶ୍ରମ ।

( ବିଶ୍ୱାମିତ୍ର ପୁରଃସର ରାମ ଲକ୍ଷ୍ମଣ ପ୍ରବେଶ )

ବି ।— ଏହି ସେ ପୁଣ୍ୟ ଆଶ୍ରମ ; କିନ୍ତୁ ହାୟ ! ଦେଖ
ଶ୍ମଶାନଠୁଁ ଶୋଚନୀୟ ହୋଇଛି ଏ ସ୍ଥଳ !
( ଅଙ୍ଗୁ ବନ୍ଧଣୀପରେ ) ଦେଖ ପ୍ରଭୋ ! ରାମଚନ୍ଦ୍ର ! ତବ ଆଗମନେ,
ଆନନ୍ଦେ ବିହ୍ୱଳ ହୋଇ ନାଚଇ ଲତିକା !
ଧାଉଁଛନ୍ତି ଦେଖ ଯୂଥ ଯୂଥ ମୃଗରଙ୍କ
ଆଶା କରି ଅହଲ୍ୟାଙ୍କ ଜୀବନ ସଞ୍ଚାର !
ଦେଖ ପ୍ରଭୋ ! ବୃକ୍ଷ ମଧ୍ୟେ ଲୁକ୍କାୟିତ ହୋଇ,
ବନଦେବୀମାନେ କାନ୍ଦୁଛନ୍ତି ଆନନ୍ଦରେ,—
ବିଦେଶୁଁ ଆଗତ ସ୍ୱାମୀ ଦର୍ଶନେ ଯେସନ
ଲାଜଳ ନବୀନା—ଦୂରେ ଶୁଭୁଛି ଯେ ସ୍ୱନ,

Digitized by srujanika@gmail.com

ଅହା ! କଳକଳ ଧ୍ୱନି ଛଳେ ଗାଉଛନ୍ତି
ଗଙ୍ଗାଦେବୀ ବିଷାଦପୂର୍ଣ୍ଣ ସଙ୍ଗୀତ । ଅସ
ପ୍ରଭୋ । ସଦୟ ହୋଇଣ ପ୍ରେରଣ ଅଶ୍ରମେ;

ରାମ ।— ( ଶୋକଭରେ )

ମୁନିଗୁରୋ ! ବଳୀୟାନ ଶୋକ ଅଗ୍ନି ହୃଦେ
ଦୋହୁଥିଲା ! ଯଦି ମୋର ଷମତାରେ ଦେବୀ
ଜୀବିତା ହୋଇବେ ଶୀଘ୍ର ବୋଲନ୍ତୁ ଉପାୟ ;
ପାଦସ୍ପର୍ଶେ ଯଦି ଆଜ ଅହଲ୍ୟା ସୁନ୍ଦରୀ
ନ ହେବେ ଜୀବିତା , ବିଦାରିବି ଏହି ବକ୍ଷ,
ସେ ରକ୍ତ ଲେପନେ ପ୍ରଭୋ ! ବଞ୍ଚିବେକି ଦେବୀ ?
କାହିଁ ସେ ପ୍ରସ୍ତର ମୂର୍ତ୍ତି ?

ବ ।— ( ଅଙ୍ଗୁଳି ନିର୍ଦ୍ଦେଶ କରି ) ତବ ଦକ୍ଷିଣକୁ
ପ୍ରଭୋ ! ଦିଶଇ ପାଷାଣ ଅହଲ୍ୟାଙ୍କ ମୂର୍ତ୍ତି;
ନାହିଁ ଚେତନା ତହିଁରେ, କିନ୍ତୁ ଶାପବଳେ
ଜୀବନା ରହିଛି ; ତେଣୁ ଅପେକ୍ଷାର କଷ୍ଟ
ଅସହ୍ୟ ତାଙ୍କର—

ରାମ ।— ( ସ୍ତ୍ରୀ ଅବାର ପ୍ରସ୍ତର ନିକଟକୁ ଯାଇ )

ଅହା ! କି ଦୁର୍ଲ୍ଲଭ ମୂର୍ତ୍ତି !
ପାଷାଣଟି ପିନ୍ଧିଅଛି ନାରୀଜନ ଶାଢ଼ୀ !
ଲୋଚନ ଦ୍ୱୟ ମୁଦ୍ରିତ, ଭୟ ଚିହ୍ନ ତହିଁ !
ଉଚ୍ଚ ଦଶେ ବକ୍ଷ , ଆହା ଗଣ୍ଡସ୍ଥଳେ ଦିଶେ
କଜ୍ଜଳ ମିଶ୍ରିତ ଅଶ୍ରୁଧାରା ! ଓଷ୍ଠ ଚାପି
ମନେ ମନେ କାନ୍ଦିଲା ପରାଏ ଶୋଚନୀୟ
ମୁଖ ଶୋଭା ! କରଦ୍ୱୟ ପରସ୍ପରେ ହୋଇ
ଛନ୍ଦାଛନ୍ଦି, ଯେମା ଅଣା ହୃଦୟରେ ସୂଚେ ;

Digitized by srujanika@gmail.com

ହାୟ ! ହାୟ ! ପାନ୍ଥହୃଦୟ ଘାସରେ ଅଚ୍ଛନ୍ନ !
• ଇହନ୍ତୁ ମୋର ହୃଦୟ ନ ହୋଇ ବିଦୀର୍ଣ୍ଣ !

ବ ।— ଅନେକ ସମୟରେ ଋଷିମାନେ ଗୌତମ ଆଶ୍ରମ ଦେଖିବାକୁ ଆସନ୍ତି । କିନ୍ତୁ ଅଶ୍ରୁପୂର୍ଣ୍ଣ ନୟନରେ ଫେରି ଯାଆନ୍ତି । କିଛି ଦିନ ପୂର୍ବେ ମୁଁ ମଧ ଏଠାକୁ ଆସିଥିଲି । ସେ ସମୟରେ ପ୍ରସ୍ତର ମୂର୍ତ୍ତିଟି ସମ୍ପୂର୍ଣ୍ଣ ଘାସରେ ଅଚ୍ଛନ୍ନ ଥିଲା । ବୋଧହୁଏ ଏଠା ଧୀବରମାନେ ସ୍ଥାନଟି କିଛି ପରିଷ୍କାର କରି ଅଛନ୍ତି ।

ଲକ୍ଷ୍ମଣ ।—ଆର୍ଯ୍ୟ ! ଶୀଘ୍ର ଉଦ୍ଧାର କରନ୍ତୁ ।

( ରାମଚନ୍ଦ୍ରଙ୍କର ପାଷାଣୋପରି ପାଦଦାନ ଓ ସମସ୍ତଙ୍କର କୌତୂହଳରେ ଦଣ୍ଡାୟମାନ । ପ୍ରସ୍ତର ମୂର୍ତ୍ତିଃ ଅଦୃଶ୍ୟ ଓ ସେହି ସ୍ଥାନରୁ ସେହି କ୍ଷଣରେ ଅହଲ୍ୟାଙ୍କର ଆବିର୍ଭାବ )

ଅହଲ୍ୟା ।—(ଶୋକରେ ଅକୁଳହୋଇ) ଅହୋ ! କି ସୁନ୍ଦର ପବନ ମୋର ପାପଅଙ୍ଗ ସ୍ପର୍ଶ କରୁଅଛି ! ଆଜକୁ ସହସ୍ର ବର୍ଷ ହେଲା ପବନ-ସ୍ପର୍ଶ-ସୁଖ ଭୁଲି ଯାଇଥିଲି ! ଆଜ ଦେଖୁଛି ପବନର ସ୍ପର୍ଶ ଅତି ମନୋହର । ହେ ଚରାଚର ବ୍ୟାପୀ ପବନ ଦେବ ! ଏହି ପାପିନୀ ପ୍ରତି ସଦୟ ହୋଇ ରାମଚନ୍ଦ୍ରଙ୍କର ପଦ୍ମପାଦରଜ ବହନ କରି ମୋର ଅଙ୍ଗ ସ୍ପର୍ଶ କର ! ହେ ମଧୁର ସମ୍ଭାଷୀ ପକ୍ଷୀଗଣ ହେ ଆଶ୍ରମ ପାଦପବୃନ୍ଦ ! ତୁମ୍ଭ-ମାନଙ୍କୁ ସ୍ୱାମୀ ଥିବା କାଳରେ କେତେ ଆଦର କରିଅଛି । ସେହି କଥା ଥରେ ସ୍ମରଣ କରି ଏହି ଚିରଦୁଃଖିନୀ ଅହ-ଲ୍ୟା ଲାଗି ରାମଚନ୍ଦ୍ରଙ୍କୁ ସ୍ତବ କର ।—ନା, ମୋର ପାପ-ନୟନ ଏହିପରି ମୁଦ୍ରିତ ଥାଉ । ଆଗେ ମୋର ଉଦ୍ଧାର-କର୍ତ୍ତା ଜୀବନଦାତା ରାମଚନ୍ଦ୍ରଙ୍କର ପାଦପଦ୍ମ ଦର୍ଶନ କରିବି ! ତଦନନ୍ତର ବୃକ୍ଷ, ଲତା, ପଶୁ, ପକ୍ଷି, ସମସ୍ତଙ୍କୁ ନିରୀକ୍ଷଣ କରିବି (ଜାନୁପାତ କରି) ହାୟ ! କରୁଣାନିଧାନ !

Digitized by srujanika@gmail.com

ହେ ବିଶ୍ୱବ୍ୟାପୀ ବିଶ୍ୱକର୍ତ୍ତା ! ହେ ତ୍ରିଗୁଣାତୀତ ପରଂବ୍ରହ୍ମ ! ହେ ଅନାଥନାଥ ଇନ୍ଦିରାନାଥ ! ହେ ଜଗତତାରିଣ ଅନାଦି-ପୁରୁଷ ! ହେ ଅଜ୍ଞାନତିମିର-ରବି ଦେବାଧିଦେବ ଭଗବା-ନନ୍ଦ ! ତୁମ୍ଭେ ମୋର କୋଟି କୋଟି ଜନ୍ମର ପାପ ଉଦ୍ଧାର କରୁଅଛ , ପାଷାଣରେ ଜୀବନ ସଞ୍ଚାର କରୁଅଛ । ଅହା ! ଯେଉଁ କୋମଳପାଦ ବୈକୁଣ୍ଠବାସିନୀ ଲକ୍ଷ୍ମୀଦେବୀଙ୍କର କୋମଳହସ୍ତରେ ମର୍ଦ୍ଦିତ ହୁଏ, ସେହି ସୁକୁମାର ପଦ ପାଷା-ଣରେ ଲାଗି ବ୍ୟଥିତ ହୋଇଥିବ । ଆସ ପ୍ରଭୋ ! ମୋ ନିକଟକୁ ଆସ । ମୁଁ ଚରଣ ଦର୍ଶନ କରି ସୁଖିନୀ ହୁଏଁ ।

[ ଗୀତ ]

କଏରେ କୋଣଳ ତୁହି ବିଗଜିଲୁ ମରୁଦେଶେ
ପାଷାଣେ ଫେପିଲୁ ଜୀବ-ଲତିକା ପାଦ ପରଶେ

ରାମ ।— ( ନିକଟକୁ ଯାଇ ) ହୁଅନା ଗୋ ବିଷାଦିନୀ
ନମୁଛୁ ପଦେ ଜନନି

ଅହିଲ୍ୟା ।— ( ଚକ୍ଷୁଲୋହ ଅଳଟନ ପୁଛିକ )
ପାପିନୀ ଚିର ଦୁଃଖିନୀ କଥବା ଦୁଃଖେ ହରଷେ । ୧ ।

ରାମ ।— କାନ୍ଦନା କାନ୍ଦନା ମାତ
କାନ୍ଦିଛ ଦୁଃଖେ ବନ୍ଦିତ

ଅହଲ୍ୟା ।— ଦ୍ୱିଗୁଣି ବଢ଼ଇ ଶୋକ ଚନ୍ଦ୍ରମା ତୋର ଅଶ୍ୱାସେ । ୨ ।

ଦୟାମୟ ! ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ମୁଁ ତୁମ୍ଭର ଶ୍ରୀଚରଣ ଭାବନା କରୁଥାଏଁ, କିନ୍ତୁ ତୁମ୍ଭେ କି କେବେ ଦୁଃଖିନୀ ବିଷୟ ଭାବନା କରି ଥିଲ ? ହିଁ— ଅନ୍ତର୍ଯ୍ୟାମୀ ସମସ୍ତ ଜାଣନ୍ତି, ପାପଫଳ ପରିଣତ ନ ହେଲେ କିପରି ବା ତୁମ୍ଭେ ନ୍ୟାୟ ପରାୟଣ ହୋଇ ଉଦ୍ଧାର କରିବ ? ପ୍ରଭୋ ! ଏକଦିନ ଅତୀତ ହେଲେ ମନେ କରେଁ ସମୁଦ୍ରରୁ ଏକବିନ୍ଦୁ ଶୁଷ୍କ ହେଲା । ଏହି ସହସ୍ର ବର୍ଷ ମଧ୍ୟେ କୋଟିଏ ଯୁଗ ପରି ବୋଧ

Digitized by srujanika@gmail.com

[ ମଧ୍ୟେ ଡାକ ବାଦ୍ୟ ଅଳ୍ପସ୍ୱରେ ଗୀତ ]

ସୀତା ନୟନକୁ ଚାହିଁଲେ ସଙ୍କୋଚ ହେଲସି ଅସେ ନୟନ ।
ଏ ସ୍ୱପନର ତାର ଗାଲ ଫୁଲିଥାଏ ଥିଲେ ତହିଁ ଖିଲପାନ ॥
ହସି ହସି ହେଲେ ଡୋଠା ଉପରୁ ଯେ ଅନାଇ ଥିଲା ତଳକୁ ।
ସଂସାର ଉଭଏ ଲୁଣ୍ଠ ହୋଇଗଲେ ଜେମାରୂପ ବର୍ଣ୍ଣିବାକୁ ॥
ସୁନା ହାତେ ଧର ସୁନା ମାଳ ସବୁ ଫିଙ୍ଗୁଥାଏ ଧୀବଜନେ ।
ହାର ଖସୁଛନ୍ତି ସୀତା ପଡ଼ୁଛୁ ଗୋ ଚମକିଲେ ସର୍ବଜନେ ॥
ଲାଜ ଭଗ ଜେମା ଘରୁ ନ ବାହାରେ ହୋଇଲା ଦନୁ ଯୁବତୀ ।
ବାହା ହେବାପାଇଁ ସଭଜନ୍ମେବେ ଟଗ ଧାଉଁଛନ୍ତି ଡାବ ଢଞ୍ଜ ॥

ମଣିମା ତମେ କଣ ଧନୁସଭାକୁ ଯାଉଚ ଏ ?

ଲକ୍ଷ୍ମଣ ।—ହଁ ।

ଏ ।—ଶୀଘ୍ର ପହଁଚେଇ ଦିଅ ପୁରସ୍କାର ମିଳିବ ।

କେଉଟ ।—ହଁ ଗୋସେଁଇ ହେଉ ପହଁଚିଲା ।

[ ଶୀଘ୍ର ନୌକାବାହି ସମସ୍ତେ ପ୍ରସ୍ଥାନ

[ ସ୍ୱର୍ଣ୍ଣବର୍ଣ୍ଣ ନୌକାଧର ଦୁଇଗୋଟି ରହିହାରଧର କେଉଟ କେଉଟୁଣୀ ପୁନଃ ପ୍ରବେଶ ]

କେଉଟ ।—ଏ ହାରଟାକୁ ପେଡ଼ିରେ ରଖିବା । ଏଠାକୁ ରୁ ନଗେଇବୁ;

କେଉଟୁଣୀ ।—ହୋଉ, ସୁନାଦାମ କେତେହେବ ପଚାରିଲ ?

କେଉଟ ।—କଣ ପଗ୍ରୁଛୁ ଲୋ, ପାଞ୍ଚଟଙ୍କାରୁ ଅଧିକ ଦାମ ହେବନାହିଁ ।

କେଉଟୁଣୀ ।—ତାଙ୍କର ଗୁଣ ଅଛୁକି ? ନୌକା ସୁନାହେଲା ପଥର ଝିଅଲା ହେଲା !

କେଉଟ ।—କହନା, ଅଦ୍ଭୁତ ଗୁଣ ! ଗୋସେଁଇ ଅଛା ଗୀତ ଶିଖେଇ ଦେଇଛୁ, ଧରୁଛି—

Digitized by srujanika@gmail.com

[ ଗୀତ ]

ଦୁହେଁ ।—( ଏକସ୍ୱରେ )—

ଭବାନୀଶ ରଘୁକୁଳ-ଶଶି ଭଜ ଶ୍ରୀରାମ
ମୋହମାୟା ପାଷାଣ ନାଶି-ଶିବ-ସମାନ
ମୁକ୍ତିଦାନ ଦେବ ରାମ-ପଦରେଣୁ ଲଭିଣ
ପାପଅଙ୍ଗ-ତାପ ପଦଲାଗି ପୁଣ୍ୟ ଉଜ୍ଜ୍ୱଳ ହେମ ।

[ ପ୍ରସ୍ଥାନ

[ ପଟକ୍ଷେପଣ ]

---

## ତୃତୀୟ ଅଙ୍କ ।

### ପ୍ରଥମ ଦୃଶ୍ୟ ।

କକ୍ଷ ।

[ ସ୍ନେହଲତା ବେଶପେଡ଼ି ଘେନି ପ୍ରବେଶ ]

ସ୍ନେହ ।—

[ ଗୀତ ]

ନ ହିଁ ଗନ୍ଧେ ନାହିଁ ଫୁଲେ ସେ ସୁଧା ମଧୁର ହାସ
ସେ ହାସେ ହସଇ ଗନ ତରୁ ଲତିକା ଆକାଶ ।
ନୟନେ ହୃଦୟ ଦଶେ ନୟନ ନୀରବେ ଭାଷେ
ବସନ୍ତ ଗ୍ରୀଷମେ ଅସେ ଦେଖିଲେ ଯୁଗଳ ହାସ ॥

( ହେଁ ହେଁ ) ଧନବୋଲ, ମାନବୋଲ, ସୌନ୍ଦର୍ଯ୍ୟ ବୋଲ—ମତେ ତତ ଭଲ ଲାଗେ ନାହିଁ । ଯଦି ଜଗତରେ କହୁ ଶୋଭାଥାଏ, ତାହା ସ୍ୱାମୀଙ୍କ ସ୍ନେହ ଗୃହିଣୀରେ—ଯଦି ଜଗତରେ ସଙ୍ଗୀତରେ ମାଧୁରୀ ଥାଏ, ତାହା ସ୍ୱାମୀଙ୍କର ଅଧର ବଚନରେ—ଯଦି ପୃଥିବୀରେ ଶୀତଳ ଚନ୍ଦନ ଥାଏ, ତାହା ସ୍ୱାମୀଙ୍କର ବାହୁରେ ଅଛି; ମୁଁ ଶାସ୍ତ୍ର ଜାଣେ ନାହିଁ, କିନ୍ତୁ

Digitized by srujanika@gmail.com

ପ୍ରେମ ଜାଣେ; ଶାସ୍ତ୍ରୀଏ ମୋଠାରୁ ଶିଖି ପାରନ୍ତି; କିନ୍ତୁ ସୀତାକୁ ପାରିଲି ନାହିଁ । ଯୁବତୀ ହୋଇ ସ୍ୱାମୀ ସୁଖ ଯେ ଜାଣେ ନାହିଁ, ସେ କଷ୍ଟ ବୁଝି ପାରିବ ନାହିଁ । କିନ୍ତୁ ଥିଲେ ସେହିକ " ଅରସିକେଷୁ ରସସ୍ୟ ନିବେଦନଂ ଶିରସି ମାଲିଖ ମାଲିଖ"— ( ମଧୁର ଶବ୍ଦଜନକ ହାସ୍ୟକର ଦୈନ୍ୟସ୍ତାବକ ଭ୍ରମଣ; ପୁନର୍ବାର ସେହି ଶ୍ଳୋକକୁ ଥରି ହସି ହସି ) ଏଥର ସୀତା ବୁଝି ପାରିବ । ଅଙ୍ଗ ତା'ର ଗୋଟିଏ ଶୁଭଦିନ । ଅଙ୍ଗ ଜଣକର ଅଙ୍ଗ ସ୍ପର୍ଶ କରିବ, ସେ ସ୍ପର୍ଶ ସୁଖ ଅଙ୍ଗ ପର୍ଯ୍ୟନ୍ତ ଜାଣିନାହିଁ—ଚମ୍ପା ଫୁଲରେ ନାହିଁ, ଚନ୍ଦ୍ରରେ ନାହିଁ, ଚନ୍ଦନରେ ନାହିଁ, କୁଙ୍କୁମରେ ନାହିଁ, କସ୍ତୁରୀରେ ନାହିଁ, କହିଁଥିରେ ନାହିଁ—

[ କୁଞ୍ଜଲତା ଓ ଦାମିନୀ ପ୍ରବେଶ ]

କୁଞ୍ଜ ।—କଗୋ ଫୁଲ ! ଭାରତ ହସ ଖେଳ କାହିଁକି ?

ସ୍ନେହ ।—କହନା ଲୋ ହେଉଣି ତୋ'ର କଥା ମନରେ ପଡ଼ିଲା ।

ଦାମିନୀ ।—ତାଙ୍କର କ କଥା ମ ?

ସ୍ନେହ ।—( ଦାମିନୀ ଗାଲରେ ହାତଦେଇ ) ଏଠି ଫାଟବୋଲ ଲାଗିଲା କୁଅଡ଼ୁ ?

ଦାମି ।—ମରଣ ନାହିଁ—ଶଣି କୁଅଡ଼େ ଗଲା ?

ସ୍ନେହ ।—ସେ ସଖୀଙ୍କଠୁଁ କଣ ଅଣୁଛୁ । ଅଗୋ, ଚନ୍ଦନ ଚୂଆ କସ୍ତୁରୀ ହେଉଛି । ଅନ୍ୟ ଅଳଙ୍କାରତ ଅଛି, ଖାଲି ଫୁଲ ହେଲେତ ହେଲା ?

କୁଞ୍ଜ ।—ମାଲୁଣୀ ଝୋକ ସବୁଦିନେ ଆଗେ ଅସେ, ଆଜ ତା'ର ଯେତେ ଉଚ୍ଛବ—

ସ୍ନେହ ।—କହନା ସେତ ଅସୁଁ ବାଟରେ ତାହାକୁ ଦେଖିଲେ

Digitized by srujanika@gmail.com

ଘଡ଼ିଏ ଠିଆ ହବ । ମତେ ଲାଗୁଚ ସେଇ ଦୁଇଜଣଙ୍କୁ
ଦେଖି କଣ୍ଢ଼ ପଡ଼ୁଛୁ ।

ଦାସି ।—ଅଗୋ ତାଙ୍କ ନା କଣ୍ ?

ସ୍ନେହ ।— ଜନ୍ମଚନ୍ଦ୍ରିତ ରାମଚନ୍ଦ୍ର ଲକ୍ଷ୍ମଣ, ଏଡ଼ା ଏପରା ସୁନ୍ଦର
ପୁରୁଷ ଆଉ ନାହାନ୍ତି । ଜେମାଙ୍କୁ ଦେଖାଇବା—
ତୁଁ କଣ ଦେଖିଲୁଣି ଶୁଣିଲୁଣି ?

ଭୃଙ୍ଗ ।—କଣ୍ କଣ୍ ?

ସ୍ନେହ ।—ଓ ବେଶ ଆମେ କରିବା ନାହିଁ । ଦେଶ ବିଦେଶରୁ ବେଶ
କରିବାଲାଗି କେତେ ଲୋକ ଆସିଛନ୍ତି । କର୍ଣ୍ଣାଟ, ଗୁଜୁ-
ରାଟ, କୋଶଳ, ଉତ୍କଳ ସବୁଆଡ଼ୁ ବେଶକାରଣୀ ସବୁ
ଆସିଛନ୍ତି ।

ଦାସି ।—ହୋଉ ହେଲା, ଆମେ 'ବେଶ କରନ୍ତେ' ବୋଲିଲେ ସେ
ବେଶ କରିବେ ।

ଭୃଙ୍ଗ ।—ନା ସେକଥା ହବନାହିଁ । ଆମେ କଣ୍ 'ଗାଁ କନିଆ ସିଙ୍ଗା-
ଣିନାକ'—ଆମଠୁଁ ସେ କଣ୍ ଭଲ ଜାଣନ୍ତି ? କହୁ ନା
ଜେମା ତାଙ୍କୁ ପଚାରିବେ ନାହିଁ—

[ ମାଲୁଣୀ ସହିତ ଶଶି ଖଣ୍ଡିଏ ସ୍ୱର୍ଣ୍ଣଗାଡ଼ୀ ଘେନି ପ୍ରବେଶ । ]

ଶଶି ।—ପଚାର, ପଚାରିଟି ସଙ୍ଗାତ, ଏ ଟୋକି କଣ୍ କରୁଥିଲା ?

ମାଲୁଣୀ ।—ଅସୁଥିଲି ଆଉ କରିବି କଣମ ?

ସ୍ନେହ ।—ବାଟରେ ଟିକିଏ ଶୋଇପଡ଼ୁଥିଲୁ କି ?

ମାଲୁଣୀ ।—(ହସି ହସି) ସେଇପରି କଥା ଏଡ଼ା —

ସ୍ନେହ ।—ରାମଚନ୍ଦ୍ରଙ୍କୁ ଦେଖି କି ଲକ୍ଷ୍ମଣଙ୍କୁ ଦେଖି ?

ମାଲୁଣୀ ।—ନାଗୋ ଟୋଉଳ ନୁହେ । ଅଯୋଧ୍ୟାରୁ ଯେଉଁ ରଜାପୁଅ
ଆସିଛନ୍ତି ତାଙ୍କୁ ଦେଖିବାଲାଗି ସହରଯାକେ ମେଳା ମେଳା
ହେଉଛନ୍ତି । ଟୋକଟୁ ବୁଢ଼ିଯାଏ କୋଠା ଛାତରେ

Digitized by srujanika@gmail.com

ଝରକାରେ ଅନେଇଚନ୍ତି । ମୋ ଆଖିରୁ କଣ୍ ପାଣି ମଡୁଛି ?

ସ୍ନେହ ।—ନା ଜକ୍ ଜକ୍ ହେଉଛି , ତବେ କଣ୍ କହିଲେ ?

ମାଲୁଣୀ ।—ମୁଁ ମାଲୁଣୀଠାଏ ମତେ କାହିଁକି ପଚାରିବେ ? ଅନ୍ତ ବଜାର ଦାଣ୍ଡରେ ଦୁଇ ଭାଇ ବୁଲୁଥିଲେ, ମୁଁ ସେଠି ଠିଆ ହୋଇଥିଲି । ମୋର ଇଚ୍ଛାଥିଲା ମୋଠୁଁ ଫୁଲ ନିଅନ୍ତେକି । କିନ୍ତୁ ସେ ପାଖଦେଇ ଚାଲିଗଲେ ।

ଭୃଙ୍ଗ ।—ଯେତେ ରଜା ଆସିଚନ୍ତି ସମସ୍ତଙ୍କଠୁଁ ସେ ଦିଓଟି ବାହାର । କଏ ଗଙ୍ଗରେ ଝୋଟେଇ ଗଲେ , କଏ ଅବା ଗହଣା ଦେଖେଇ ହୁଏ । କଏ ଇଦ୍ଧିକପଣିଆ ଦେଖେଇ ହୁଏ କିନ୍ତୁ ଏ ଦିଓଟି ରଜାପୁଅ ଅଚ୍ଛାଲୋକ ।

ବାମି ।—ଯାହାର ପ୍ରକୃତ ସୌନ୍ଦର୍ଯ୍ୟ ଥାଏ, ଗୁଣଥାଏ ସେ କେବେଁ ଦେଖେଇ ହୁଏ ନାହିଁ ।

ଶଶି ।—ଯେବେ ଏତେକ ରଜା, ଆଉ କେହି ଆସିବେ ନାହିଁ ଛାଡ଼ାହେଲେ କେମା ଆମର ସେଇ ଶ୍ୟାମବର୍ଣ୍ଣ ରାମଚନ୍ଦ୍ରଙ୍କୁ ବରଣ କରୁ । କଗୋ ? କଣ କହୁଛ ?

ସ୍ନେହ ।—କେଜାଣେ କଣ୍ ହବ ? ଏପରୁ ବରଷ୍ଟିଡ଼ ସୀତା ଆଉ କାହାକୁ ବା ହବନ ?

ମାଲୁଣୀ ।—ମୋର ମଧ୍ୟ ସେଇ ଇଚ୍ଛା । କେମାଙ୍କୁ ସେଯ୍ଯା କହିବ ମୁଁ ଯାଉଛି, ପଛେ ଆସିବି ।

ଭୃଙ୍ଗ ।—ସବୁଫୁଲ ଆଣିଚନ୍ତି ନା ଲୋ ( ପାଛିଆ ଦେଖି ) କିଲୋ ଯୁଇ ମାଳତୀ ଆଣିନାହୁଁ ? ଯାଯା ଦୌଡ଼ [ ମାଲୁଣୀ ପ୍ରସ୍ଥାନ ।

ଶଶି ।—ଏଇଠି ଥିଲାପରି ଆସିବୁଟି ! ଆଗୋ ଯିବା ଚାଲ୍ କେମ କଣ କରୁଚନ୍ତି ଦେଖିବା ।

Digitized by srujanika@gmail.com

ଦାସି ।—ସେ ରାମଚନ୍ଦ୍ରଙ୍କୁ ଦେଖିଥିବ ଯେ ?

ସ୍ନେହ ।—ଅସିଲ ପଶୁରବିଁ ? [ ସର୍ବେ ପ୍ରସ୍ଥାନ

---

## ଦ୍ୱିତୀୟଦୃଶ୍ୟ ।

### ଅନ୍ତଃପୁର ।

ସୀତା ଦଣ୍ଡାୟମାନା ।

ସୀତା ।—( ଖଣ୍ଡିଏ କାଗଜ ଓ ଲେଖନୀ ଧରି ମୃଦୁ ହାସ୍ୟରେ ) ମୋର ଜୀବନ ନାଥ ହୃଦୟରମଣ ବୈକୁଣ୍ଠ ପରିତ୍ୟାଗ କଲଦିନୁ ଅଦ୍ୟ-ପର୍ଯ୍ୟନ୍ତ ମତେ ଦେଖାଦେଇ ନ ଥିଲେ; ଅହା ! ଆଜ ସେ ମନୁଷ୍ୟଶରୀର ଧାରଣ କରିଅଛନ୍ତି; ମତେ ସେହି ସୁନ୍ଦର ଶରୀର ଚନ୍ଦନପରି ବୋଧ ହେଉଅଛି । ଦେଖିଲା ମାତ୍ରେ ମୋ ମନରେ ଏତେ ଅଧିକ ଆନନ୍ଦ ହେଲା ଯେ ଆଜ୍ଞା ବାତୁଳପ୍ରାୟ ଅସ୍ଥିର ହୋଇଗଲି । ଅହା, ମତେ ଆଦର କରି ଆଲିଙ୍ଗନ କଲାବେଳେ ମୋର କି ଅନୁପମ ଆନନ୍ଦ ଜାତହେବ ! ସତେକି ମନୁଷ୍ୟ ଲୋକରେ ପ୍ରାଣନାଥ ମତେ ସେହିପରି ଆଦର କରିବେ ? ସତେ କଣ ତାଙ୍କର ପବିତ୍ର ନିର୍ମଳ ହୃଦୟସିନ୍ଧୁରେ ମୁଁ ଚନ୍ଦ୍ରମା ହୋଇ ସନ୍ତରଣ କରିବି ? କାଳେ ମତେ ଚିହ୍ନି ନ ପାରିବେ ?—ଛି—ଏପରି ମନେ କରିବି ନାହିଁ, ମନେକଲେ କଷ୍ଟ ହୁଏ; ନା—ମନ୍ଦ କରିବି ନାହିଁ । ଯାହେଉ ତାଙ୍କଲାଗି ଗୋଟିଏ ଗୀତ ବାନ୍ଧିବି । ଗୀତଟି ଏକେ ତାଙ୍କ କାନରେ ଗୁନ ଗୁନ କରି ଗାଇବି ( ଆସନରେ ବସି ଗୀତରଚନା ନିମିତ୍ତ କ୍ଷଣକାଳ ନିବିଷ୍ଟମନା ) ମୁଁ ନିଜେ ପ୍ରକୃତି ଦେବୀ, ମୁଁ ନିଜେ ମାୟାମୟୀ, ମୁଁ ନିଜେ ମନୁଷ୍ୟମାନଙ୍କର ପ୍ରକୃତି ଗଠନ କରିଅଛି, ନିଜେ ମୁଁ ଜଡ଼ଜଗତ ଓ ମନୋଜଗତ ଉଭୟର ଶାସନକର୍ତ୍ତ୍ରୀ,

Digitized by srujanika@gmail.com

ବନ୍ଧୁ ମନୁଷ୍ୟ ଶରୀର ବହି ମୁଁ ପୁଣି ମନୁଷ୍ୟମାନଙ୍କ ପରି ମାୟାରେ ଅଛନ୍ତି । ତୁ ଏପରି ଭାବନ୍ତ ନାହିଁ— ( ପୂର୍ବବାର ରଚନାରେ ନବଶ୍ୟମତା ) ଏଥିର ଥାଉ, ଅଉ ଲେଖିପାରିବ ନାହିଁ । ଭାବ ତରଙ୍ଗ କ୍ରମେ୨ ପ୍ରବଳ ହେଉଅଛି; ହାତ ମୋର ଥରୁଛି । ମୁହେଁ ମୁହେଁ ସବୁକଥା କହିବ । ଅଛା, ମୁଁ କଣ ମୋର ହୃଦୟନାଥଙ୍କୁ ଉତ୍ତମରୂପେ ଚିହ୍ନି ନାହିଁ ! ତୁ ମୋର ମନରେ କେତେ ସନ୍ଦେହ ଉଠୁଚ ।

[ ଦାମିନୀ, ସ୍ନେହଲତା, ଶଶିକଳା ଓ କୁଞ୍ଜଲତା ବେଶ ସାମଗ୍ରୀ ଘେନି ପ୍ରବେଶ । ]

ସ୍ନେହ ।—ସତ କହିବ ସହି, ଏକା ବସି ହସୁଥିଲ କାହିଁକି ?

ସୀତା ।—ସତ କହିବ ସହି ଏକଥା ମତେ ପଚାରୁଛ କାହିଁକି ?

ସ୍ନେହ ।—ତାର କାରଣ ଅଛି, ତୁମେ ଆଗେ କୁହ—

ସୀତା ।—ନା ନା ତୁମେ ଆଗେ କୁହ—

ଦାମି ।—( ହସି ) କହିବନା ? କହିବ ? ଯେତେ ରଜା ଆସିଛନ୍ତି ତାଙ୍କ ମଧ୍ୟରୁ କାହାର କଥା ମନେ କରୁଥିଲ ।

କୁଞ୍ଜ ।—କାହିଁକି ? ନିଷ୍କପଟରେତ କହିବ ରାମଚନ୍ଦ୍ରଙ୍କୁ ଭାବୁଥିଲ ; ତାଙ୍କ ଛଡ଼ା ଅଉ କିଏ ଅଛି ଜେମାଙ୍କର ଯୋଗ୍ୟ ହେବ ?

ସ୍ନେହ ।—ଏବେ ହେଲା ?

ସୀତା ।—ଠିକ ବୁଝିଚ ; ଏକା ଅଉ ଗୋଟିଏ କଥା—ମୋ ମନରେ ବଡ଼ ଭୟ ହେଉଚି ।

ଦାମି ।—କି କାହିଁକି ?

ସ୍ନେହ ।—ଅଛା ସହି ରାମଚନ୍ଦ୍ର କଣ ଭଲ ନୁହନ୍ତି ? ତାଙ୍କର ଯେପରି ଶୋଭା ଅଛି ସେହିପରି ମଧ୍ୟ ବଳସୁ ଅଛି । ଅହା ! ମତେ ବର୍ଣ୍ଣିନା କରି ଆସେ ନାହିଁ, ସହି, ତ୍ରିଭୁବନ ଶୋଭ ଅସ

Digitized by srujanika@gmail.com

ଏ ଭଳି ପୁରୁଷଟିଏ ପାଇବ ନାହିଁ । ଅବୃଦ୍ଧ ଦେଖିତ ନାରୀମାନେ ମୁଗ୍ଧ ହେଉ ଅଛନ୍ତି, ତାଙ୍କର ରସିକତା ସୁଧାବଚନ ଶୁଣିଲେ କିଏ ନୋହିବେ ? ତୁମେ କଣ ଭୟ କରୁଚ ତାଙ୍କର ଏ ସବୁ ଗୁଣ ନାହିଁ ?

ସୀତା ।—ନା ସହି ଏକଥା ମନକୁ ଆଣିବାକୁ ଛଢ ହେଉ ନାହିଁ । ବିଧାତା ଏତେ ମୂର୍ଖ ନୁହେଁ ଯେ ଗୋଟିଏ ବିଶାଳ ଆକାଶ ନିର୍ମାଣ କରି ତହିଁରେ ଚନ୍ଦ୍ର, ସୂର୍ଯ୍ୟ, ତାରା ରଖିବାକୁ ତାକୁ ବୁଦ୍ଧି ଦିଶେ ନାହିଁ । କିନ୍ତୁ ମୋର ଗୁଣ ଲାଗି ମତେ ଭୟ । ମୁଁ ତାଙ୍କର କେବେଁ ଯୋଗ୍ୟ ନୁହେ, ମତେ ସେ ଗ୍ରହିବେ ନାହିଁ—

କୁଞ୍ଜ ।—ଯାହାର ଗର୍ବ ନ ଥାଏ, ସେ କେବେଁ ଅପଣାକୁ ବଡ଼ ମନରେ କରେ ନାହିଁ (ସ୍ନେହ-ପ୍ରେମ) ଅଚ୍ଛା, ସଙ୍ଗାତ ବୁଝ ରାମଚନ୍ଦ୍ର ଯେବେ ଆମ ଜେମାକୁ ଦେଖିଥାଆନ୍ତେ ତାହା ହେଲେ ସେ ଅପଣାକୁ ଅଯୋଗ୍ୟ ମନେ କରନ୍ତେ ନାହିଁ ?

ଶଶି ।—ହଁ ଯେବେ ସେ ଜେମାଙ୍କୁ ଗଣନା ନ କରନ୍ତି, ଏ ସ୍ଥାନକୁ ଆସିଲେ କାହିଁକି ?

ସୀତା ।—ମଳୟ ପବନ ସହୁ ଚୌଦିଗେ ଭ୍ରମଇ ;
ଗଗନ-ବିହାରୀ ସୂର୍ଯ୍ୟ, ପ୍ରଫୁଲ୍ଲ ପଙ୍କଜ
ଚୁମ୍ବି, କର୍ଣ୍ଣିକାର ପାଶେ ଭ୍ରମନ୍ତି କୌତୁକେ,
ଛୁଆର ମାନସେ ; ଚୂତ ବୃକ୍ଷ ଅଭିଳାଷୀ
ବସନ୍ତ କୋକିଳ, ଯଦି କରଞ୍ଜ ପାଦପେ
ବସେ,—ଘୃଣା ନାହିଁ ପଥ୍ୟ—ସଜନଗୋ !
କେ କହେ ପିକର ତହିଁ ପରମ ଆନନ୍ଦ ?

ବାନି ।—ଅଭିଳାଷ ଗାଢହେଲେ ଆଶା ବିପରୀତ
ସଦା ମାନସେ ଜାଗଇ ; ଭୟନାହିଁ ସଖି—

Digitized by srujanika@gmail.com

ସୀତା ।—ସ୍ୱଜନ ଗୋ !

ବୁଝିଲି ସେ ଅସିଛନ୍ତି ମୋହରି ଅର୍ଥରେ,
ଧନୁପର୍ଶ ନୁହେ କିନ୍ତୁ ଉଦ୍ଦେଶ୍ୟ ତାଙ୍କର;
ବଜ୍ରସୂଚ ପଦ୍ମହସ୍ତ ସହିବ କିପରି ?
ସହେ କି ଶିରୀଷଫୁଲ ହସ୍ତିଦନ୍ତଭାର ?
ନାରୀ ମୃଦୁବକ୍ଷ ଅଲଙ୍କାର ଯେଉଁହସ୍ତ,
ଲୌହ ଗିରି କିପରି ଗୋ ଭାଙ୍ଗିବ ମୁଷ୍ଟିରେ ?

ଦାସି ।—ନିଶ୍ଚିନ୍ତ ହୁଅ ସ୍ୱଜନି—ଯେଉଁ ଦର୍ଶନରେ
ଅଳି, ପରଶେ କମଳ ମୁଖ ମୃଦୁହାସେ,
ଚନ୍ଦ୍ରରେ କଳଙ୍କ ପୁଣି ପ୍ରକଟିତ ହାସ୍ତୁ;
ଶ୍ୟାମକାନ୍ତ ଜଳଧର ସୁନ୍ଦର ଦର୍ଶନ,
ବଜ୍ରଲଗନ୍ତ ପୁଣି ହୃଦୟେ ବହଇ;

[ ଦୁଇଜଣ ବେଶକାରିଣୀ ପ୍ରବେଶ ]

ପ୍ରଥମା ।—ଜେମା ଏଠି ଅଛନ୍ତି କି ?

ସ୍ନେହ ।—( ଚମକିତ ଭାବ ) କିଏ ଏ କାଣିକ ?

ସୀତା ।—( ଅ ନତୁହଠି ) ମୁଁ ଏହିଠି ଅଛି । ତୁମ୍ଭକୁ ତ ମୁ ଚିହ୍ନି ନାହିଁ ?

ପ୍ରଥମା ।—ବିଦର୍ଭ ରାଜକନ୍ୟା ବିବାହ ହେଉଅଛନ୍ତି ଶୁଣି ସ୍ନେହରେ ଉତ୍କଳରାଣୀ ମତେ ବିଦର୍ଭ ରାଜ୍ୟକୁ ପଠାଇ ଅଛନ୍ତି । କେଶ ବେଶ ରଚନାରେ ମୁଁ ଅତ୍ୟନ୍ତ ନିପୁଣା ସେଥିଲାଗି ରାଣୀଙ୍କର ଅନୁମତି ନେଇ ମୁଁ ଏଠାକୁ ଆସିଅଛି ।

ଦ୍ୱିତୀୟା ।—ମୋର ନିବାସ କୋଶଳ ରାଜ୍ୟରେ । ଜେମାମାନଙ୍କର ବିବାହ ସମୟରେ ସମସ୍ତ ରାଜାମାନେ ମତେ ନିମନ୍ତ୍ରଣ କରି ଥାଆନ୍ତି । ମୁଁ ଯେପରି କୁସୁମଶଯ୍ୟା ନିର୍ମାଣରେ ନିପୁଣା ସେହିପରି କୁସୁମରେ କେବଳ ବସ୍ତ୍ର ପିନ୍ଧାଇ ପାରେଁ । ଆହୁରି ଅନେକ ବେଶ କାରିଣୀ ଅନ୍ୟାନ୍ୟ ଦେଶରୁ ଆସି

Digitized by srujanika@gmail.com

ଅଛନ୍ତି । ଅଜ୍ଞାହେଲେ ସେମାନଙ୍କୁ ଡାକି ଶୀଘ୍ର ବେଶ ରଚନା ଆରମ୍ଭ କରିବୁ ।

ସୀତା ।—ମୁଁ ବେଶ ହେବିନାହିଁ ; ତୁମ୍ଭେମାନେ ମାଙ୍କଠାରୁ ପୁର-ସ୍କାର ଘେନ ନିଜ୍ଞ ଦେଶକୁ ଯିବ ।

ଦାସି ।—ତୁମ୍ଭେମାନେ ଯା ରାଣୀଙ୍କୁ କହିବ, ସଖୀମାନେ କହିଲେ ଜେମା ସ୍ୱଭାବରୁ ହିଁ ସୁନ୍ଦରୀ, ତାଙ୍କର ବେଶ ରଚନା ପ୍ରୟୋଜନ ନାହିଁ; ଅଳଙ୍କାର ଗୁଡ଼ିକ ଜେମାଙ୍କର ଶୋଭା ଦେଖି ଲଜ୍ଜିତ ହେବେ । ଯଦି ପ୍ରୟୋଜନ ହୁଏ ସଖୀମାନେ ଯତ୍ନସମାନ୍ୟ ବେଶ କରି ପାରିବେ—

[ ସ୍ତ୍ରିଦ୍ୱୟ ପ୍ରସ୍ଥାନ ]

ସୀତା ।— ସହି ଦେଖୁଛ ? ତାଙ୍କ ସହିତ ମିଳନ ହେବ କି ନାହିଁ ଏ ଚିନ୍ତାରେ ମୁଁ ଦଗ୍ଧ ହେଉଅଛି । ଏମାନେ ଅଗ୍ନିରେ କାଷ୍ଠ ଦେବାକୁ ଆସିଅଛନ୍ତି । ଆଜି ଯଦି ସଭାରେ ମୁଁ ରାମ-ଚନ୍ଦ୍ରଙ୍କର କର ସ୍ପର୍ଶ ନ କରେଁ ତାହାହେଲେ କୁସୁମ କସ୍ତୁରୀ ଚନ୍ଦନରେ ମୋର ଶରୀର ଦଗ୍ଧ ହେବ ; ମୋର ବେଶ ପ୍ରୟୋଜନ ନାହିଁ ।

ସ୍ନେହ ।—ବେଶ ନ ହେଲେ ରାଣୀଙ୍କ ମନ ସ୍ଥିର ହେବ ନାହିଁ । କାହିଁକି ? ଆମ୍ଭେମାନେ କଣ ବେଶ କରି ଜାଣୁନା ? ଆମେ ସବୁ କରିବୁଁ ।

[ ଯୂଇମାଳ ଘେନ ମାଳୁଣୀ ପ୍ରବେଶ ]

ସଖି ।—( ସୀତାଙ୍କ ପ୍ରତି ) ଯୂଇ ଗୁଣ ଶୁଣିଚ ନା ?

ମାଳୁଣୀ ।—ଜେମା କଣ ମତେ ଜାଣନ୍ତି ନାହିଁକି ? ଯୂଇଙ୍କ ଠାଉଲ ଶୁଣିବ ନାହିଁ ଗୋ ?

ସ୍ନେହ ।—ନା ସେ ବେଳେ ଟିକିଏ ଝିମେଇ ପଡ଼େ । ତାର ଏକା ଭ୍ରମର ଲାଗି ସବୁ ଚିନ୍ତା—

Digitized by srujanika@gmail.com

ମାଲୁଣୀ ।—ନା ଲୋ ଲୋଉଣି କହିବାକୁ ଭରସା ହେଉ ନାହିଁ । 'କଣ୍ଡାଲୋକଙ୍କର ବଡ଼ଆଖି । ମତେ ଯେ ସୁନ୍ଦର ତମକୁ ସେ ଗୋବର ।

ଦାସି ।—( ହସି ) ମନ୍ଦୁ ହାତରେ କଣ୍ ଧରିଚ ?

ସୀତା ।—( ମୃଦୁହାସ୍ୟ କରି ଅଞ୍ଚଳରେ କାଗଜ ରଖି ) ନା ସେ କିଛି ନୁହେଁ, ଚମ୍ପା କଣ୍ କହୁଚ ମତେତ କହିଲ ନାହିଁ ?

ଦାସି ଓ ସ୍ନେହ ।—କଣ୍ ଲୁଚେଇଲ ଦେଖେଁ ଦେଖେଁ ( ବଳ ପୂର୍ବକ ଅଞ୍ଚଳରୁ କାଗଜ କାଢ଼ି ନେଇ ସହାସ୍ୟ ବଦନେ ) ହିଁ, ଗୀତ ବାନ୍ଧିଚ ! ଏ ଗୀତ ଟିକଏ ଗାଇବ ନାହିଁନା ?

ସୀତା ।—ନା ମୁଁ ଜାଣେ ନାହିଁ ।

ସ୍ନେହ ।—ହିଁ ଗାଇବାକୁ ହେବ ।

ସୀତା ।—ନା ନା ମୁଁ ଜାଣେ ନାହିଁ ।

ଲୁଞ୍ଜ ।—ଏ ଗୋ ସଙ୍ଗିଣୀ କଣ୍ କହୁ । ଆମେ ଗାଇବା ।

ସୀତା ।—ଛି, ଏ ସମୟରେ ହସ ଖେଳ ମତେ ଭଲ ଲାଗୁନାହିଁ—

[ ଦାସୀ ପ୍ରବେଶ ]

ଦାସୀ ।—ରାଣୀ କହିଲେ ଶୀଘ୍ର ସଭାରେ ଉପସ୍ଥିତ ହେବା ନିମିତ୍ତ ଜେମାଙ୍କୁ ପ୍ରସ୍ତୁତ କର । ଅଉ ଯେ ଯେ ସାମଗ୍ରୀ ପ୍ରୟୋଜନ ହେବ ମୋ ହାତରେ କହି ପଠାଇଲେ ଏହିକ୍ଷଣି ଆଣିଦେବି ।

ସ୍ନେହ ।—ନା ଅଉ କିଛି ପ୍ରୟୋଜନ ନାହିଁ । ତୁ ଯା— [ ଦାସୀ ପ୍ରସ୍ଥାନ ]

ଦାସି ।—( ସୀତାଙ୍କୁ ଚାହିଁ ) ଆସ ଗୋ ବସ—

[ ସୀତାଙ୍କର ଉପବେଶନ ସ୍ନେହଲତା ଜେମାଙ୍କର କେଶ ମୁକ୍ତ କରିବା ସମୟରେ ପଟ କ୍ଷେପଣ ]

—o—

Digitized by srujanika@gmail.com

## ତୃତୀୟ ଦୃଶ୍ୟ ।

### କକ୍ଷ ।

ରାମ, ଲକ୍ଷ୍ମଣ ଓ ବିଶ୍ୱାମିତ୍ର ।

ବି ।— ମୋର ଇଚ୍ଛା ଥିଲା ତୁମ୍ଭମାନଙ୍କୁ ସ୍ୱୟଂବର ସଭାରେ ଉପସ୍ଥିତ କରାଇବି । କିନ୍ତୁ ତହିଁ ପ୍ରୟୋଜନ ନାହିଁ । କାରଣ ଏଥିରେ କେବଳ ସାମର୍ଥ୍ୟ ପ୍ରୟୋଜନ ।

ରାମ ।— ଧନୁରେ ଗୁଣ ଦେବାକୁ ଗଲେ ରାଜାମାନଙ୍କୁ ଅଳଙ୍କାର ପରିହାର କରିବାକୁ ହେବ ।

ଲକ୍ଷ୍ମଣ ।— ଶିବଧନୁର ଆକୃତି ଦେଖିଲେ ନାହିଁ ?

ରାମ ।— ଏହିକ୍ଷଣି ସଭାରେ ଦେଖିବା ।

ବି ।— କହିଥିଲେ ମୁଁ ଆଗରୁ ଦେଖାଇ ପାରିଥାନ୍ତି ।

ରାମ ।— ପ୍ରଭୋ ! ଆମ୍ଭେମାନେ ଗୁଣ ଦେବାକୁ ଚେଷ୍ଟା କଲେ କ୍ଷତି କଣ ? ସମସ୍ତେ କୃତକାର୍ଯ୍ୟତ ହେବେ ନାହିଁ ଚେଷ୍ଟାରେ ଲଜ୍ଜା କଣ ?

ବି ।— (ହସି) ତାଡ଼କାନିଧନକାରୀ ପକ୍ଷରେ ଏ ଚେଷ୍ଟା କଦାପି ଲଜ୍ଜାକର ନୁହେଁ ।

ଲକ୍ଷ୍ମଣ । (ସ୍ୱଗତ) ଅର୍ଯ୍ୟଙ୍କର ପ୍ରଚଣ୍ଡ ବୀର୍ଯ୍ୟାନଳ ସମ୍ମୁଖରେ ଶିବଧନୁ ସାମାନ୍ୟ ତୃଣମାତ୍ର । ତଥାପି କି ନମ୍ରତା ! ଯାହାର ପାଦରେଣୁରେ ପତିତର ସୃଷ୍ଟି ହେଉଅଛି, ଯେ କି ସମସ୍ତଙ୍କର ବଳଦାତା ପ୍ରାଣଦାତା ତାଙ୍କ ମୁଖରୁ ଏରୂପ କଥା ଅତ୍ୟନ୍ତ କୌତୁକଜନକ । ପ୍ରକୃତରେ ଗୁଣବାନ୍ ବ୍ୟକ୍ତିମାନେ କଦାପି ଗର୍ବିତ ହୁଅନ୍ତି ନାହିଁ । ଏ କଥାକୁ ମୁଁ ଜାଣିସୁଦ୍ଧା ସମୟ ସମୟରେ ଭୁଲିଯାଏଁ ।

Digitized by srujanika@gmail.com

[ ଜନକରାଜା ପ୍ରବେଶ ]

( ଯଥୋଚିତ ସମ୍ମାନ ପ୍ରଦର୍ଶନ ଏବଂ ଉପବେଶନାନନ୍ତର )

ଜନକ ।—( କରଯୋଡ଼ ) ମୁନିଶ୍ରେଷ୍ଠ ! ଗତ ରଜନୀରେ ରାଜକୁମାରମାନଙ୍କର ବୋଧହୁଏ କିଛି ଅସୁବିଧା ହୋଇଥିବ ।

ବି ।—କିଛି ନା, ଅସୁବିଧା କିଛି ନାହିଁ ! ଆପଣଙ୍କର ସୁଶାସନରେ କୌଣସି କାର୍ଯ୍ୟ ବିଶୃଙ୍ଖଳ ହୋଇନାହିଁ—

ଅନ୍ତର ଦେଖନ୍ତୁ ମହାରାଜ ! ଦଶରଥଙ୍କର ଶାସନରେ ତାଙ୍କର ପୁତ୍ରମାନେ ଅଳ୍ପରେ ଯେପରି ତୃପ୍ତ ବିପୁଳରେ ମଧ୍ୟ ଅନୁଦ୍ଧତ ।

ଜନକ ।—ସେଥିଲାଗି ମୁଁ ଆପଣଙ୍କୁ ସୌଭାଗ୍ୟବାନ୍ ମନେ କରୁଅଛି । ମହାରାଜା ଦଶରଥଙ୍କର ପୁତ୍ରଦ୍ୱୟ ଏଠାରେ ଏକଦିନ ମାତ୍ର ପରିଚିତ ହେଲେ ସୁଦ୍ଧା ସମସ୍ତ ମିଥିଳାନଗର ପ୍ରଫୁଲ୍ଲିତ ହୋଇଅଛି । ଆଜ ସେମାନଙ୍କର ବୀରତ୍ୱ ଦେଖିବାକୁ ଆମ୍ଭେମାନେ ଅତିଶୟ ଉତ୍ସୁକ ।

ବି ।—ମହାରାଜ ! ଏମାନେ ଶିବଧନୁ ଦେଖିବାପାଇଁ ବ୍ୟଗ୍ର ଅଛନ୍ତି

ଜନକ ।—ତେବେ ମୁଁ ଶୀଘ୍ର ସଭାକୁ ଧନୁ ଆନୟନ କରେଁ ( ରାମ ଲକ୍ଷ୍ମଣଙ୍କ ପ୍ରତି ) ବର୍ତ୍ତମାନ ମୁଁ ପୁରୋହିତଙ୍କୁ ପଠାଇବି ; ଆପଣମାନଙ୍କୁ ସଭାକୁ ନେଇଯିବେ । ଅନୁଗ୍ରହପୂର୍ବକ ଶୀଘ୍ର ଉପସ୍ଥିତ ହୋଇ ସଭାମଣ୍ଡନ କରିବେ ।

ରାମ ଓ ଲକ୍ଷ୍ମଣ ।—ଯେ ଆଜ୍ଞା ।

[ ରାଜାଙ୍କ ପ୍ରସ୍ଥାନ

ବି ।—ମିଥିଳା ନୃପତି ବାହ୍ୟରେ ଯେପରି ତେଜସ୍ୱୀ, ଧୀର, ଏବଂ ଦୟାଯୁକ୍ତ, ଚିତ୍ତରେ ମଧ୍ୟ ସାତ୍ତ୍ୱିକ ଭାବ ସମ୍ପନ୍ନ । ଜଗତରେ ଜନକ ମହାରାଜା ରାଜର୍ଷି ବୋଲି ପରିଚିତ ।

ରାମ ।—ପିତାଙ୍କଠାରୁ ମହାରାଜାଙ୍କର ଗୁଣାବଳୀ ଶ୍ରବଣ କରିଥିଲି ।

Digitized by srujanika@gmail.com

ବର୍ତ୍ତମାନ ମହାରାଜା ଜନକ ଗଲେ ପୁରୋହିତ ମହାଶୟଙ୍କୁ ଅମ୍ଭମାନଙ୍କ ନିକଟକୁ ପଠାଇବେ । ଏହି ପୁରୋହିତ ଅହଲ୍ୟାଦେବୀଙ୍କର ପୁତ୍ର କି ?

[ ବାମଦେବ ପ୍ରବେଶ ]

ଚ ।—( ଯଥୋଚିତ ସମ୍ମାନପୂର୍ବକ ରାମଚନ୍ଦ୍ରପ୍ରତି ) ଏହାଙ୍କର ନାମ ବାମଦେବ । ଜନକରାଜାଙ୍କର କୁଳପୁରୋହିତ ଅହଲ୍ୟାଙ୍କର ସୁବିଦ୍ୱାନ୍ ପୁତ୍ର ।

ବାମ ।—( ମୃଦୁହାସ୍ୟକରି ) ମହାରାଜ ! ନାନାଦେଶୀୟ ରାଜାମାନଙ୍କର ସେବା ନିରୀକ୍ଷଣ କରିବାକୁ ଜନକରାଜର୍ଷି ଦୁଇଦିନ ହେଲା ମତେ ନିଯୁକ୍ତ କରିଥିଲେ । ତନ୍ନିମିତ୍ତ ଆପଣମାନଙ୍କୁ ସାକ୍ଷାତ କରିପାରି ନ ଥିଲି । ବର୍ତ୍ତମାନ ଦର୍ଶନ କରି ସୁଖୀ ହେଲି ।

ରାମ ।—ମୋର ଦୁର୍ଭାଗ୍ୟ ବଶତଃ ପୂର୍ବରୁ ଆପଣଙ୍କର ଚରଣଦର୍ଶନ କରି ନାହିଁ । ଅହଲ୍ୟା ଦେବୀଙ୍କର ନାମ ଶ୍ରବଣକରି ଆପଣଙ୍କ ସହିତ ସାକ୍ଷାତସୁଖ ଦ୍ୱିଗୁଣ ପ୍ରୀତିଜନକ ହେଲା ।

ଲକ୍ଷ୍ମଣ ।—ଆପଣ ଅହଲ୍ୟା ଦେବୀଙ୍କର କୌଣସି ସମ୍ବାଦ ପାଇ ଅଛନ୍ତି କି ?

ବାମ ।—( ସ୍ୱଗତରେ ) ଶାନ୍ତ ହୁଅ ରଘୁମଣି; ଜାଣନା କିରୂପେ
ତବ ସ୍ନେହମୟ ପ୍ରଶ୍ନ, ବଜ୍ରପ୍ରାୟେ ଭେଦ
ବିନାଶିଲା ହୃଦେ ସୁଖଶାନ୍ତି, ଅନ୍ଧକାର
ଘୋଟିଲା ଚକ୍ଷୁ ସମ୍ମୁଖରେ; ମାତୃନାମ—
(ପ୍ରକାଶ୍ୟେ) ହାୟ ! କପାଇଁ ମୋପାଶେ ଉଚ୍ଚାରିଲେ ସେହି
ନାମ, ଦୁଃଖିନୀ ଜନନୀ ନାମ, ପ୍ରତିଦିନ
ମନେ ପଡ଼େ ସେହି ଶୋକବାର୍ତ୍ତା, ସେହି ସ୍ନିଗ୍ଧ
ପାଷାଣ ଜନନୀ ରୂପ, ଉଠାଏ ହୃଦୟେ

Digitized by srujanika@gmail.com

ପ୍ରବଳ ଶୋକପବନ, ପ୍ରଶାନ୍ତ ହୁଅଇ
ଯାହା, ପଠନେ ଅର୍ଚ୍ଚନେ ବିବିଧ ପ୍ରସଙ୍ଗେ
ପ୍ରତିଦିନ ସଯତନେ ଭୁଲିଁବ ମନକୁ
ତନୁ ଦେହ ଉଚ୍ଚାରଲେ ଜନନୀର ନାମ,
ବଜ୍ରସାର ହୃଦମୋର ଶୋକେ ଭରଲଇ ;

( ଚକ୍ଷୁରେ ହସ୍ତ ଦେଇ ଅଧୋବଦନେ ଦଣ୍ଡାୟମାନ )

ରାମ ।—ମୁନିପୁଙ୍ଗବ ! ଜାଣନ୍ତି ସବୁ,—ସଂସାରର
ମନଃ ତାପ ପ୍ରଶମିତ ନ ହୁଅଇ, ତଳେ
ପଞ୍ଚାସ୍ୟନ ତହିଁ ; ପ୍ରଭୋ ! ଭୂଳାଗଣି ବେଗେଁ,
ଘୋଡାଇ ନ ରଖେ ଅଗ୍ନି, ବିବିଧ ଯତନେ;
ମର୍ତ୍ତ୍ୟଲୋକେ ସୁଖ ଦୁଃଖ ସହିବାକୁ ବିଧି
ସର୍ଜ୍ଜିନା କରନ୍ତି ପ୍ରାଣୀ; ସୁଖ ଦୁଃଖ ଭୋଗ,
ଅନିବାର୍ଯ୍ୟ; ଆକାଶରେ, ସିନ୍ଧୁ ଗର୍ଭେ, ଉଚ୍ଚ—
ଗିରିଶୃଙ୍ଗେ, ଅରଣ୍ୟରେ, ପ୍ରାସାଦେ, କୁଟୀରେ
ସର୍ବତ୍ର ଏ ସୁଖ ଦୁଃଖ, କେ ପାରଇ ଏଡ଼ି
ବିଧାତା ବିଧାନ; ଋଷିପ୍ରବର ! ସୁବିଦ୍ୱାନ
ହୋଇ, ଯୁକ୍ତ ନୁହେ ତବ ବାଳକ ବିଳାପ—
ପବିତ୍ର ନିର୍ମଳ ସୁଖ ଏ ସଂସାରେ ଅଛି
ସର୍ବତ୍ର ରହନ୍ତି, ତନୁ ମିଳଇ କଟିନେ,—
ସନ୍ତୋଷ ଯାହାର ଅଛି ବିଧାତା ତାହାର
ଦାସ, ତା'ର ନାରାୟଣ, ବ୍ରହ୍ମାଣ୍ଡ ତାହାର

( ବାମଦେବଙ୍କ ପ୍ରସ୍ଥାନ )

ଧୈର୍ଯ୍ୟଧର କ୍ଷଣେ, ତପସ୍ୱିନୀ ବାର୍ତ୍ତାବହ
ଆଣିଅଛି ସୁସମ୍ବାଦ ତବ ପ୍ରମୋଦାର୍ଥେ —

Digitized by srujanika@gmail.com

ରାମ ।—( ଶୋକୋଦ୍ବେଗରେ )

କପଟ କହିଲୁଁ ପ୍ରିୟେ ! ପାଷାଣ ଜନନୀ,
ସୁସମ୍ବାଦ ମୋ ନିକଟେଁ, କପଟ ପାଷାଣ
ମୁଖୁଁ ଫୁଟିଲା ବଚନ ? ବଢ଼ାଇ ପିପାସା,
ଶୁଣିବାକୁ ଫୁଲ୍ଲ ହୃଦେ ଜନନୀ ବାରତା—
ରଘୁମଣି ! ଶୁଷ୍କ ମରୁଦେଶେ ସୁଧାନଦୀ
ବହିଲା କପଟ ? ସତେ କି ଧରନ୍ତି ହୃଦେ,
'କୁସୁମ, ସୁପକ୍ୱଫଳ, ଶୁଷ୍କନାଗ ବଲ୍ଲୀ !
କି ସମ୍ବାଦ ଶୀଘ୍ରକୁହ, ଶୁଣୁ ମୋ ହୃଦୟ—

ସୀତା ।—ଅହଲ୍ୟା ଜନନୀ ପ୍ରଭୋ ! ଦାରୁଣ ଝଞ୍ଜା
ସଞ୍ଜୀବନ କରୁଛନ୍ତି ଆଶ୍ରମ ସମୀପେ,
ସ୍ୱାମୀ ପୁତ୍ର ପଥ ଚାହିଁ ବସିଛନ୍ତି ଦେବୀ
ଆନନ୍ଦାଶ୍ରୁ ନୟନରେ; ଆଗ୍ରହେ ଆନନ୍ଦେ
ପୁଣି, କହି'ଛନ୍ତି ଦେବୀ ମୋହସ୍ତେ ବାରତା—
'କହିବ ପୁତ୍ରକୁ ମୋର ଜନନୀ-ସୌଭାଗ୍ୟ',
ମୁନିପୁତ୍ର ! ଅଳ୍ପକାଳେ ଆଶ୍ରମକୁ ସୁଖେ
ଫେରିଯିବ, ଶିଖାଇବ ବଶିଷ୍ଠ ପରଣେ—
ବାତ୍ସଲ୍ୟ-ସେନେହ-ସୁଧା ;

ରା ।— ଆଶ୍ଚର୍ଯ୍ୟ କଥନ।

ଦ୍ୱିଜ ! ରାମଚନ୍ଦ୍ର ଶ୍ରୀଚରଣ ମହିମାରେ,
ତବଜନନୀ ହେଲେ ଜୀବିତା; କୋଟି କୋଟି
ଭବ ଯେଉଁ ଚରଣ ରେଣୁରେ ସୃଷ୍ଟହୁଏ,
ପୁଣି ହୁଅଇ ସଂହାର, କି ଆଶ୍ଚର୍ଯ୍ୟ ତହିଁ
ପାଷାଣ ପରିବର୍ତ୍ତନ, ସ୍ନିଗ୍ଧ ନାରୀରୂପେ ?

Digitized by srujanika@gmail.com

ରାମ ।—( ଜାନୁପାତପୂର୍ବକ କରଯୋଡ଼ ଗୀତ )

"ଜାଣିଲି ଜାଣିଲି ତୁହି ଭୁବନ ଜୀବନ
ନିଖିଳଜଗତ ତୋର ଚୈତନ୍ୟଚେତନ ॥
ଶୁଭକ୍ଷଣେ ଆଜ ଉଷା   ସୁସଂବାଦ ସୁଧାଭୂଷା
ଡାକିଥିଲା ଏ ଦୀନକୁ ଦେଖିଲି ଶ୍ରୀ ଚରଣ । ୧ ।
ନମସ୍ତେ କରୁଣାନିଧି   ମାୟାମୟ ବିଧି ବିଧି
ନମସ୍ତେ ଅରୂପରୂପ ଯୋଗେଶ ନାରାୟଣ । ୨ ।

[ ସର୍ବେ ପ୍ରସ୍ଥାନ ।

—○✲○—

## ଚତୁର୍ଥଦୃଶ୍ୟ ।

### ଧନୁଃସଭା

[ ନୃପଗଣ, ଜନକ, ବିଦୂଷକ, ମନ୍ତ୍ରୀଦ୍ୱୟ, ଋଷିଗଣ, ରାବଣଦୂତ ପ୍ରଭୃତି ଆସୀନ; ସମ୍ମୁଖରେ ସମୁଜ୍ଜ୍ୱଳ ଆସନୋପରି ସୁବେଶ ଶୋଭିତା ସୀତା ଆସୀନା; ସେହିକାଳରେ ବାମଦେବ ପୁରଃସର ରାମ, ଲକ୍ଷ୍ମଣ ଓ ବିଶ୍ୱାମିତ୍ର ପ୍ରବେଶ ]

ବାମ ।—ଏହି ପ୍ରଭୋ ! ଧନୁଃସଭା, ପବିତ୍ର କରନ୍ତୁ
ପଦରେଣୁ ଦେଇ; ସମକାଳେ ଋଷିଗଣ
ଉଦୟ ଯେ ସ୍ଥାନେ, ଦେଖିବୁଁ କୌତୁକେ ସର୍ବେ
କି ହେବ ଏକ୍ଷଣି ।—

ଜନକ ।—( ରାମ ଲକ୍ଷ୍ମଣଙ୍କ ପ୍ରତି ) କରନ୍ତୁ ଉପବେଶନ
ଅଯୋଧ୍ୟା କୁଳମଣ୍ଡନ ରାଜସୁତ ଦ୍ୱୟ !
( ଉପସ୍ଥିତବ୍ୟକ୍ତିମାନଙ୍କ ପ୍ରତି )
ବହୁଭାଗ୍ୟବଳେ ଆଜ ଦେଖିଲି ନୟନେ,
ଏ ଅପୂର୍ବ ଦୃଶ୍ୟ—ରମ୍ୟ ମହାକାଯ୍ୟ ଦୃଶ୍ୟ !—

Digitized by srujanika@gmail.com

ସମୁଜ୍ଜ୍ୱଳ ଚନ୍ଦ୍ରଭୂଷା ସୁଧାସର ସ୍ନାତା,
ଅଥବା ତମ-ଦୁକୂଳା ନିଶି ତାରାମୟୀ,
ଦେଖିନାହିଁ ଏହିଦୃଶ୍ୟ, ସୃଷ୍ଟି ହେଲାଦିନୁ !
ଦୀପ୍ତିମାନ ହୀରାମଣି ପଦକ ବକ୍ଷରେ
ବହି, କନକ-ନୀରଦେ ବସ୍ତ୍ର ସୁଶୋଭିତ,
ଉଜ୍ଜ୍ୱଳଦିବସ କେବେ ଦେଖିନାହିଁ କେହେ,
ଏ ଅଶ୍ଚର୍ଯ୍ୟ ଦୃଶ୍ୟ, ପୂତକମନୀୟ ଦୃଶ୍ୟ !
କି ଭାଗ୍ୟ ମୋହର ! ସଭାସଦନଆକାଶେ
ଏକତ୍ରିତହର୍ଷେ ଅଛି ଦିବାକର ସଙ୍ଗ,
ଅସଂଖ୍ୟ ଚନ୍ଦ୍ରମା, ତାରା, ନକ୍ଷତ୍ର ଗ୍ରହଜ,
ପ୍ରଭାମୟ ଅଗ୍ନିପୁଞ୍ଜ ! ହୀରମଣି ବୃନ୍ଦ !
ଯାହାଲାଗି ହୃଦ ମୋର ଧୃପ୍ରହେଳା ଦେଖି,
ଜଗତରାଜନ୍ୟ ବର୍ଗ, ନିଜ ସଦ୍ମଗୃହେ,
ଆକର୍ଷି ଅଣିଛି ଯେହ୍ନେ ଚୁମ୍ବକ ପଥରେ
ଭୁବନ ବୀରଙ୍କୁ, ଏହି ସେ ଜାନକୀ ମୋର
ହୃଦୟ ରତନ, ସେହି ଶ୍ରୀନକ୍ଷତ୍ର ପ୍ରାପ୍ୟେ.
ଏ ଅପୂର୍ବନଭେ, ସମ୍ମୁଖରେ ଶୋଭେଁ କଳ୍ୟ,
ଚନ୍ଦ୍ରମା ମିଳିକଅଶେ; ଭବାନୀ ରମଣ
ଶିବ ତ୍ରିଦିବ-ଦୁର୍ଲଭ ଧନୁ, ଉନପୂର—
ବୈଢ୍ୟପଢଲୌହିତଘ ହାଙ୍ଗେ ଶୋଭୁଅଛି
ଏହିସ୍ଥାନେ, ମୁକ୍ତଗୁଣ ହୋଇ; ସୀତା ମୋର
ତ୍ରିଭୁବନେ ଅଦ୍ୱିତୀୟାକାଙ୍କ୍ଷା— ଏହାଜାଣି
କରିଅଛି ଦୃଢ଼ପଣ ମନ୍ତ୍ରୀ ପରାମର୍ଶେ,
ଶୁଣନ୍ତୁ ସରବେ, ଯହ୍ନ କେହ୍ନ ଦୃଢ ହୋଇ
ଗୁଣ ଦେବ କାର୍ମୁକରେ, ନିଶ୍ଚୟ ନିଶ୍ଚୟ

Digitized by srujanika@gmail.com

ମନେ ନିଶ୍ଚିନ୍ତ ହୋଇବ, ସମର୍ପଣ କରି
କନ୍ୟା, ସେହି ବୀରମଣି ହସ୍ତେ ; ନୃପବୃନ୍ଦ !
ଏତେକ ମୋର ବକ୍ତବ୍ୟ, ସଭାର ଉଦ୍ଦେଶ୍ୟ ;
ନିଜ ବୀର୍ଯ୍ୟ ପରାକ୍ରମ ଦେଖାଅ ସଦର୍ପେ
ନିର୍ବିଘ୍ନେ ଏ କାର୍ଯ୍ୟ ମୋର କରନ୍ତୁ ସମାପ୍ତ ।
( ନିଜାସନେ ଉପବେଶନ )

[ କ୍ରମେ ୨ ରାଜା ଗର୍ବରେ ଅଗ୍ରସର ହୋଇ ଧନୁ ନିକଟକୁ ଗମନ ଗୁଣ ଦେବାକୁ ଚେଷ୍ଟା, ବିଫଳଯତ୍ନ ହୋଇ ଭୂମିରେ ପତନ କିମ୍ବା ଅସମର୍ଥ ହୋଇ ନିଜାସନେ ଉପବେଶନ ]

ଶତ । — ( ରାଜାମାନଙ୍କର ଅସମର୍ଥତା ଦେଖି ଜନାନ୍ତିକରେ ଗୋପନ ହାସ୍ୟ )

ରାମ । — ( ରାଜାମାନଙ୍କ ନିଶ୍ଚେଷ୍ଟା ଦେଖି )

କ୍ଷତ୍ରିୟ ପୁଙ୍ଗବେ ! ବୀରଶ୍ରେଷ୍ଠ ନୃପବର୍ଗ !
ସମସ୍ତେ ଆସିଛ ଦେଖାଇବ ବୀରପଣ,
କିନ୍ତୁ ନିଷ୍ଫଳ କପାଳ ! ଚେଷ୍ଟାର ଅସାଧ୍ୟ
କିବା ଅଛି ତ୍ରିଭୁବନେ ? ପଙ୍କଜ ତୋଳିଲେ
କଣ୍ଟକ ଲାଗଇ ହସ୍ତେ ; ତହିଁରୁ ବିରତ
କେବେଁ ଉଚିତ ନୁହଇ—

ଜନକ । — ( ଅନ୍ତ ଭେଦରେ ) ବଳବତୀ ଲଜ୍ଜା !
କପର ଲଜ୍ଜାବଳଙ୍କ ହୋଇବ ପାଳନ ?
କପର ଚନ୍ଦ୍ରମା ରବି, ନକ୍ଷତ୍ରନିକର
ରହିବେ ଏ ବୀରଶୂନ୍ୟ ମୃତ ଧରାଧାମେ ?,
ବିଲୁପ୍ତ ହେଲାକି ଅଚିରାରୁ ପୌରପଣ,
କ୍ଷତ୍ରିୟ ବିକ୍ରମ, ପ୍ରପୀଡ଼ିତ କରି ଯାଉ,
ପର୍ଶୁରାମ କାଳାନ୍ତକ ଯମସମ କ୍ରୋଧ—
ପ୍ରାଣବଧ ପର୍ଶୁ, କର କି ଥିଲା ବିନଷ୍ଟ—

Digitized by srujanika@gmail.com

ସମ୍ଭ୍ରଲ ବନସ୍ଥ ! ବଜ୍ରସାର ହୃଦକାର
କରବ ପ୍ରଶ୍ନର୍ଷ ନାଗରିକ ପାଶେ, ଘୋର
ଅପମାନ ବାର୍ତ୍ତା, ଘୋର ଲଜ୍ଜାର ସମ୍ବାଦ,—
ପୃଥ୍ୱୀ କ୍ଷତ୍ରିୟକୁଳ ନବୀପତ ବୀରମଣି
ଠୁଳ ଯେଉଁସ୍ଥାନେ, କେହି ଜଣେ ଶିବଧନୁ
ନ ପାରିଲେ ତୋଳି, ଗୁଣ ଥାଉ ଦୂରେ !—
ଜାଣିଥାନ୍ତି ଯଦି ମୂର୍ଖ, ଲୌହମୟ ସ୍ତମ୍ଭ
ଭୂଜାଦଣ୍ଡେ ଚୂର୍ଣ୍ଣ ହୁଏ, ଜାଣିଥାନ୍ତି ଯଦି
ଇନ୍ଦ୍ରକର ତେଜେ, ଶୁଷ୍କ ହୁଏ ତରୁବର,
ହେ କ୍ଷତ୍ରିୟକୁଳଭୂଷା ରାଜନ୍ୟ ମଣ୍ଡଳ !
କଦାପି କର ନ ଥାନ୍ତି ହରଧନୁ ପଣ ;
କିଏ ଜାଣିଥିଲା ଏବେ ନିର୍ଜୀବ ହୋଇଛି
ପୃଥ୍ୱୀ ? ତଥାପି ଏଖଣି ଯଦି ଥାଏ କାର
ଇଚ୍ଛା—ଉଦାରହୃଦୟ—ଅବନୀ ବକ୍ଷରୁ
ମୁଖେ, ପୋଛିବାକୁ ଏହି କଳଙ୍କ ଲାଞ୍ଛନା,
ଉଠନ୍ତୁ ସତ୍ୱର ; ବିଳମ୍ବରେ ତାହା କ୍ରମେ
ଘନୀଭୂତ ହେଉଅଛି, କାଳିମା ଘୋଟୁଛି ।
ଲକ୍ଷ୍ମଣ ।—ମହାରାଜ ! ଜର୍ଜ୍ଜରିତ ହୃଦ ହେଲା ଶୁଣି
ଏ ବଚନ—ଘୋର କୁତ୍ସାବାଦ ; ବୀରବର
ରାମଚନ୍ଦ୍ର ଧର୍ମ୍ମଧାମ କୀର୍ତ୍ତି ଦିନମଣି,
ବିରାଜିତ ଥାଉଁ ଥାଉଁ ତବ ସଭାଗୃହେ,
ଅପର ବଦନୁଁ ପ୍ରଭୋ ସ୍ଫୁରିଲା ଅକ୍ଳେଶେ,
କ୍ଷତ୍ରିୟ କୁଳ ଭର୍ତ୍ସନା ; ପ୍ରଚଣ୍ଡ ମାର୍ତ୍ତଣ୍ଡ—
ପ୍ରଭା ଯାହାଙ୍କ ପ୍ରତାପେ ମଳିନ ହୁଅଇ—
ସାମାନ୍ୟ ଏ ଶିବଧନୁ—ଜରାଜୀର୍ଣ୍ଣ ଧନୁ,—

Digitized by srujanika@gmail.com

ରାମଚନ୍ଦ୍ର ପାଶେ ବତ୍ସେ ! ଦତ୍ତପୂର୍ବ ପ୍ରାୟେ ;
‘ନିଶ୍ଚିନ୍ତ ହୁଅ ରାଜନ ! ଆର୍ଯ୍ୟ ଆଜ୍ଞା ଲଭି
ବତ୍ସର ଲକ୍ଷ୍ମଣ ଭଙ୍ଗିପାରେ ଶିବଧନୁ
ଶତଖଣ୍ଡ କରି, ଗୁଣେ ନାହିଁ ପ୍ରୟୋଜନ

ସୀତା ।—( ସ୍ୱଗତ )

ଅହା ! କି ଅମୃତ ବୃଷ୍ଟି ହୋଇଲା ଏସନେ !
ଗମ୍ଭୀର ମେଘଗର୍ଜ୍ଜନ ଶ୍ରବଣ କରଣ
ଚାତକିନୀ ପ୍ରାୟେ ମୋର ବଢ଼ଇ ଆନନ୍ଦ
ବସନ୍ତ ପରାଣସଖା ପିକ ବାଣୀ ଶୁଣି ,
ନିଦାଘ ତାପେ ଶୁଷ୍କଲତିକା ପ୍ରାଏ,
ହୃଦ ମୋର ପୁଲକଇ ଆନନ୍ଦ ରସରେ
ନିଶ୍ଚୟ ମୋ ପ୍ରାଣଧନେ ଚିହ୍ନିଲେଣି ମନେ
ବହୁବାର ଚାହିଁଛନ୍ତି ସ୍ନେହ କଟାକ୍ଷରେ ।

ଜନକ ।—ରଘୁମଣି ରାମଚନ୍ଦ୍ର ! ଅଦ୍ଭୁତବୀରତ୍ୱ
ତବ ଶୁଣିଛି ଅନେକ ; ଆଶାହୁଏ ମନେ,
ତବଯୋଗେ, ମୃତଶିଳା ପୁଣି ଜୀବ ପାଏ,
ଧନୁରେ ଗୁଣ ଦେବାକୁ ଥାଏ ଯଦି ଇଚ୍ଛା,
ଶୀଘ୍ର ୨ ସୁଶୀତଳ କର ମୋ ହୃଦୟ ।

ରାମ ।—ଯେ ଆଜ୍ଞା ମହାରାଜ ! ( ଆସନରୁ ଉତ୍ଥାନ )

ରାବଣଦୂତ ।— ( ଉପହାସ୍ୟ ) ମନୁଷ୍ୟ ଆଶାର ଦୁର୍ଗମ କିଛି ନାହିଁ । ବୋଧହୁଏ ମନୁଷ୍ୟ କ୍ଷୁଧାତୁର ହୋଇ ସୂର୍ଯ୍ୟଦେବଙ୍କୁ ଭୋଜନ କରିବାକୁ ପ୍ରୟାସୀ ହୋଇପାରେ । କି ଧୃଷ୍ଟତା— ( ଉଚ୍ଚହାସ୍ୟ ) ଅଁଚ୍ଛା, ରାଜକୁମାର ଆପଣ କେଉଁ ରାଜବଂଶରେ ଅବତୀର୍ଣ୍ଣ ?

ରାମ ।— ସୂର୍ଯ୍ୟବଂଶରେ ମୋର ଜନ୍ମ ।

ରା. ଦୂତ ।— ହସିହସି ) ବୃଥାରେ ସୂର୍ଯ୍ୟବଂଶକୁ କଳଙ୍କିତ କରିବେ

Digitized by srujanika@gmail.com

କାହିଁକି ? ଆପଣ ବାଳକ କଥା ଶୁଣିପାରୁ ନାହାନ୍ତି, ଏହିକ୍ଷଣେ ଦେଖିଲେ କେତେ ପ୍ରସିଦ୍ଧବୀର ବ୍ୟକ୍ତି ଏହି କାର୍ଯ୍ୟରେ ଅସମର୍ଥ ହୋଇଅଛନ୍ତି । ତେବେ, ବୃଥାରେ ହାସ୍ୟାସ୍ପଦ ହେଲେ ଲାଭ କଣ ? ଆପଣ ସ୍ଥିର ହୋଇ ବସନ୍ତୁ ।

ରାମ ।— ମହାଶୟ ! ଦେଖିଲି ଏହି ଦୁଷ୍କର କାର୍ଯ୍ୟରେ ମନୁଷ୍ୟମାନେ ଚେଷ୍ଟା ବାନ ହେଉ ଅଛନ୍ତି । ତେଣୁ ବାଳକ ହୋଇଲେ ମଧ୍ୟ ଏଦୃଶ କାର୍ଯ୍ୟରେ ଥରେ ଚେଷ୍ଟା କରିବାକୁ ସାହସୀ ହୋଇଅଛୁ, ପୁନଶ୍ଚ ଯେଉଁ କର୍ମରେ କେଶରୀ ବିଫଳ ପ୍ରଯତ୍ନ ହୋଇ ହାସ୍ୟାସ୍ପଦ ନୁହେ ତହିଁରେ କଣ୍ଠୀରବକର ଲଜ୍ଜା ଅଛି ଅଳ୍ପ । ଯଦ୍ୟପି ସମ୍ଭବ ବୋଲି ଥରେ ଚେଷ୍ଟା କରିବାକୁ ଇଚ୍ଛା କରୁଅଛୁ—

( ଲକ୍ଷ୍ମଣଙ୍କ ପ୍ରତି )

ଜନସମାଜରେ ଭାଇ, ଅହଂକାର ଭାବ
ଉଚିତ ନୁହଇ; ଉପସ୍ଥିତ କର୍ମେ ଯେବେ
କୃତିତ୍ୱ ବିଷୟେ ଥାଏ ଅଳ୍ପ ଭରସା—
ଥିଲେ ସ୍ପର୍ଦ୍ଧା ହସ୍ତଗତ ପ୍ରାପ୍ତେ ଇଷ୍ଟଫଳ,
ମୌନାବଲମ୍ବନ ଅବା ବିନୟ ଗାମ୍ଭୀର୍ଯ୍ୟ
ସୁନ୍ଦର ଦର୍ଶନ; ବିଧିକପଟଜାଲରେ,
ମାନବ ଜୀବନ ଭାଇ, ଏଦୃଶ ଚଞ୍ଚଳ,
ମୁଖେ ଯାଉଁ ଯାଉଁ ଅନ୍ନ, କରସ୍ଥିତ ହେଲେ
ସୁଧା, ଅଦୃଶ୍ୟ ହୁଅଇ; ପ୍ରତ୍ୟେକ ପଦରେ
ଅଛି ବିପତ୍ତି ଅଶଙ୍କା, ଆଶା ଧ୍ୱଂସ ଭୟ;
ଶାନ୍ତ ମନୁଷ୍ୟର ଆଶା ହେଲେ ବିଫଳିତ,
ଅବଶ୍ୟ ଘଟଇ ପୀଡ଼ା ମରମକୁ, କିନ୍ତୁ

Digitized by srujanika@gmail.com

ଗର୍ବୀଜନ ଅଶାଧ୍ୱଂସ ଦ୍ୱିଗୁଣ ଦଂଶଇ;

ବନ୍ଦୁଶକ ।— ସିଂହଳ ନୃପତି ! ( ଭ୍ରମକୃଦ୍ଦୀଷ୍ଟ ) ନା ତାଙ୍କ ଘରଅଡ଼
ମହାଶୟ ! ଆପଣଙ୍କପରି ବୟୋ ବୃଦ୍ଧ ବୀର ବ୍ୟକ୍ତି ଏ
ସ୍ଥାନରେ ଅବସ୍ଥାନ କରୁ , ଅଗେ ବାଳକେ ଧନୁ ନତ-
ଠାରୁ ଯାଉଁଛନ୍ତି ଏ କପରି କଥା ? ଆପଣ ପ୍ରଥମରେ
ଚେଷ୍ଟା କରି ଆମ୍ଭମାନଙ୍କର ଆନନ୍ଦ ବର୍ଦ୍ଧନ କରନ୍ତୁ ।

ରାମ ।— ଉଚିତ କଥା

ରା, ଦୂତ ।— ଅମ୍ଭେ ରାବଣ ମହାରାଜାଙ୍କର ପ୍ରତିନିଧି ମାତ୍ର ।
କେବଳ ନିମନ୍ତ୍ରଣ ସମାଧାନ କରିବାକୁ ଆସିଥିଲୁଁ । ସୀତା-
ଦେବୀଙ୍କର କର ଗ୍ରହଣ କରିବାକୁ ଅମ୍ଭର ଇଚ୍ଛା ନାହିଁ—

ବନ୍ଦୁ ।— ଏବଂ କ୍ଷମତା ନାହିଁ । ହୋଉ. ରାବଣ ମହାରାଜ
ସ୍ୱୟଂ ଆସିଲେ ନାହିଁ ; ଆପଣଙ୍କପରି ନିମନ୍ତ୍ରଣ ସମାଧାନ
କଲେ ନାହିଁ ?

ରା, ଦୂତ ।— ନା ତାଙ୍କର ମଧ୍ୟ ଇଚ୍ଛା ନାହିଁ

ବନ୍ଦୁ ।— ( ସ୍ୱଗତ ) ନା— ସେ ମଧ୍ୟ ଭୂମିପତି, ବୀର—ଗଳିତ
ନଖଦନ୍ତ— ବୃଦ୍ଧାବର

ରାମ ।—ବୋଧହୁଏ ରାବଣ ନୃପତି ଆସିଥିଲେ ହରଧନୁ ଉତ୍ତୋ-
ଳନ କରିଲେ କରିପାରି ଥାଆନ୍ତେ—

ରା, ଦୂତ ।— ( ଉଚ୍ଚହାସ୍ୟ ) ଯାହାର ପ୍ରତାପରେ ସ୍ୱୟଂ ଦେବଦାତା
ମହାଦେବ ତ୍ରିଭୁବନ ଧ୍ୱଂସ ହେବ ବୋଲି ଭୀତମନା
ହୁଅନ୍ତି ଯାହାର ଧନୁଃ ଟଙ୍କାର ଶୁଣି ବିଷ୍ଣୁ ବ୍ରହ୍ମା ଇନ୍ଦ୍ରାଦି
ଦେବତାମାନେ ଆସନରେ ମୂର୍ଚ୍ଛିତ ହୁଅନ୍ତି ସେ ପୁଣି ଧନୁ ଉ-
ତ୍ତୋଳନ କରିବାକୁ ଆସିବେ । ରାବଣ ଆସିଥିଲେ ସମୁଦାୟ
ମିଥିଳା ନଗରକୁ ଅଙ୍ଗୁଳି ଅଗ୍ରରେ ଉତ୍ତୋଳନ କରି
ଥାଆନ୍ତେ

Digitized by srujanika@gmail.com

ଲକ୍ଷ୍ମଣ ।— ଆର୍ଯ୍ୟ ! ଏପରି ଜଣେ ପ୍ରଧାନ ବୀର ବ୍ୟକ୍ତିଙ୍କୁ ସାକ୍ଷାତ କରି ନାହାନ୍ତି ?

ରାମ ।— ସମୟରେ ସାକ୍ଷାତ ହୋଇପାରେ, ଚନ୍ଦ୍ରାନନ ।

ବଟୁ ।—ମହାରାଜ ! ଆଜ ଯଦି କାହାରି ଦ୍ୱାରା ଆପଣଙ୍କର ପଣରକ୍ଷା ନ ହୁଏ ତାହାହେଲେ କାଲି ବଡଭୋର ରାବଣଙ୍କଠାରୁ ଏ ଧନୁ ଭଙ୍ଗେଇ ଆଣିବା । ମୁଁ କାନ୍ଧରେ ଠେକନେବ—

ଜନକ ।— କେବଳ ଉପସ୍ଥିତ ବୀରବ୍ୟକ୍ତିଗଣ ମୋର ପଣରକ୍ଷା କରିବାକୁ ପ୍ରୟାସୀ ହେବେ, ଅନୁପସ୍ଥିତ ରାବଣ ମହାରାଜାଙ୍କର ବୀରତ୍ୱ ଆଲୋଚନା କରିବାକୁ ବର୍ତ୍ତମାନ ସମୟାଭାବ । ରାମଚନ୍ଦ୍ରଙ୍କର କୃତିତ୍ୱ ଅପେକ୍ଷାରେ ଆମ୍ଭେମାନେ ଉତ୍କଣ୍ଠିତ ହୋଇ ରହିଲୁଁ ।

ରାମ ।—

ଏତେକ କାଳମେ ପ୍ରିୟାମୋର ହୃଦୟରେ
ବ୍ୟଥିତା ହୋଉ’ଛୁ; ଦେଖୁଥିଲି ଆନନ୍ଦରେ
ଅଗ୍ରହ ଜନକ ତୀର ଚଞ୍ଚଳ ନୟନ;
ହୃଦୟ ଚନ୍ଦନ ମୋର ମାନସୀ ଜାନକୀ
କଠୋର ଦୃଢ ହସ୍ତରେ ଝେଡେବାର ଆହା !
ପଠାଉଛୁ ମୋ ସକାଶେ ବିନୟ ପତ୍ରିକା !
ଅନ୍ୟ ବିକ୍ରମ କରିଲେ ନିଷ୍ଠୁରତା ହେବ
ଶିରୀଷକୁସୁମସମ ସୁକୁମାର ଅଙ୍ଗ
ଅନେକ ଦିନରୁ ସ୍ୱପ୍ନେ ସ୍ପର୍ଶ କରିନାହିଁ
ପୁଣି ମାନସୀୟ ଅଙ୍ଗ ଆଲିଙ୍ଗନ ଆଶେ
ଦ୍ୱିଗୁଣ ବଢ଼େ କୌତୁକ, ବିକ୍ରମ ହୋଇଛି ,
ଦନ୍ତୁ ସରିନାହିଁ; ଇଚ୍ଛାପୂରଣ ଆନନ୍ଦ

Digitized by srujanika@gmail.com

ପତିସ୍ମୃତି ହୋଇଥାଏ ଅସିଥିଲେ ଭାସି
ସଁନ୍ଦେହ ନୟନେ, ତପ୍ତ ଲୁତ୍‌କଣ୍ଠ ଜଳରେ;

[ ଧନୁ ନିକଟକୁ ଗମନ; ଗୁଣ ଦେଉଁ ଭଗ୍ନ, ସେହିକାଳରେ ନେପଥ୍ୟେ ଗମ୍ଭୀରଶବ୍ଦ, ଧନୁ ହସ୍ତରେ ଉତ୍ତୋଳନ କରି ଭୂମିରେ ନିକ୍ଷେପ ]

ସୀତା ।— ( ରାମଙ୍କ କଣ୍ଠରେ ପୁଷ୍ପମାଳାଦେଇ କରଯୋଡ଼ି )
ଅଜଠାରୁ ପ୍ରାଣକାନ୍ତ ! ତବ ଚରଣରେ
ଦାସୀ ହୋଇ ରହିଥିବି; ସୁଧାକର ଅଙ୍କ
ଚନ୍ଦ୍ରିକା ଛାଡ଼ିପାରଇ, ଫୁଟିପାରେ ପଦ୍ମ
ମୃଣାଳବ୍ୟତୀତ, ତବ ଶ୍ରୀଚରଣ ଛାଡ଼ି
ମୋର ଅନ୍ୟଗତି ନାହିଁ ଇଚ୍ଛା ସୁଦ୍ଧା ନାହିଁ

[ ସୀତା ରାମଙ୍କର ବାମ ଦେଶରେ ଦଣ୍ଡାୟମାନା, ନେପଥ୍ୟେ ଶଙ୍ଖଧ୍ୱନି, ଊର୍ଦ୍ଧ୍ୱରୁ ପୁଷ୍ପବୃଷ୍ଟି ]

ବଟୁ ।— ( ଉପରକୁ ଚାହିଁ ) କି ସୁନ୍ଦର ଅକାଶରେ ଠିଆ ହୋଇ ଅପ୍ସରାମାନେ ମଧୁରନୃତ୍ୟ କରୁ ଅଛନ୍ତି । ଆହା ! ପାଦଗୁଡ଼ିକ ଠିକ ଫାଳେ ମାଲପୁଆ ପରି ଦିଶୁଛି ।

ରାମ ।— ବାଃ କି ସୁନ୍ଦର ଉପମା ! ( ଉପରକୁ ଦୃଷ୍ଟି )

[ ଊର୍ଦ୍ଧ୍ୱରୁ ଅପ୍ସରା ଗୀତ ]

କି ମନମୋହନ ମୂରତି ଦେଖିଲା ଏ ନୟନ
କି ସୁଖ ସୁଧାରେ ଅଜି ଭାସୁଛି ଏ ଜୀବନ ।
ଥିର ସୌଦାମିନୀ ପରି ନୀଳଘନେ ସୁକୁମାରୀ
ଦେଖ ଦେଖ ସହଚରି ଝଲକୁଛି କି ଯତନେ
ଏରୂପ ଲେଖିବା ତରେ
ଭାଳିବା ଗୋ ଅନ୍ତରରେ
ଗାଇବା ସ୍ୱରଗ ପଥେ ସୀତା ରାମ ମିଳନ ।

Digitized by srujanika@gmail.com

ଜନକ ।—ସ୍ୱୟଂ ଚନ୍ଦ୍ରମା ଯଦ୍ୟପି ଅମୃତ ମିଶାଇ
ଉତ୍ତପ୍ତ ହୃଦୟେ ମୋର ଲେପନ୍ତେ ଚନ୍ଦନ,
ଶୀତଳ ହୁଅନ୍ତା ନାହିଁ ଭାବନା ମୋହର,
ଆଜି ଯେସନ ହୋଇଲା ଦେଖି ଏ ଯୁଗଳ—
ରୂପ ! ଚନ୍ଦ୍ରା ଅନ୍ଧକାରୁ ଆସି, ଦରଶରେ
ଆଲୋକ ପୁଞ୍ଜ ତରଙ୍ଗେ ଭାସୁଅଛୁ ଆଜ !
ନିର୍ମଳମନରେ ଆହ୍ୱେ ନୃପତିପୁଙ୍ଗବେ !
ହିଂସା ଦ୍ୱେଷ ପରିହରି ଆଶୀର୍ବାଦ କରି,
ପାଦରଜ ଦେଇ, ଏହି ଯୁଗଳମୂର୍ତ୍ତିଙ୍କୁ;
ନିବେଦନ ସବିନୟେ କରୁଛି ଏତିକି,
ବିବାହ ସମାପ୍ତ କରି ଫେରିବେ ସକଳେ
ନିଜ ନିଜ ରାଜଧାନୀ ; ଜଗତସଜ୍ଜନେ
ଯୋଗ ଦେଲେ ଏ କାର୍ଯ୍ୟରେ ଦ୍ୱିଗୁଣ ବଢ଼ିବ
ମୋର ଆନନ୍ଦ ଅମୃତ ସିନ୍ଧୁ

ରାମ ।—( କୃତାଞ୍ଜଳି ) ବର କନ୍ୟାଙ୍କୁ ଘେନି ମୁଁ ଅଗ୍ରସର ହୁଏଁ
ଆପଣ ପଛେ ଆସିବେ ।

ଜନକ ।—ଆଜ୍ଞା ହଁ, ଆପଣ ଚାଲନ୍ତୁ, ମୁଁ ରାଜାମାନଙ୍କୁ ସ୍ୱାଗତ ସେବା କରି ପଛରେ ଯିବି ।

[ ବାମଦେବ ପୁରଃସର ରାମ ଓ ସୀତା ପ୍ରସ୍ଥାନ

[ ପଟକ୍ଷେପଣ ]

( ନେପଥ୍ୟେ ଅନ୍ୟ ଉଚ୍ଚ ଆରମ୍ଭ ତୂର୍ଯ୍ୟନ୍ତ୍ର ଶଙ୍ଖଧ୍ୱନି, ହୁଳହୁଳି, ମଧୁରବାଦ୍ୟ )

—()○()—

Digitized by srujanika@gmail.com

# ଚତୁର୍ଥ ଅଙ୍କ ।

## ପ୍ରଥମଦୃଶ୍ୟ ।

### ଅନ୍ତଃପୁର ।

ରାଜା ଓ ରାଣୀ ଆସୀନ

ରାଣୀ ।—ଆଗେ ଦଶରଥ ମହାରାଜାଙ୍କୁ ନିମନ୍ତ୍ରଣ କରି ଆଣି ବିବାହ-କାର୍ଯ୍ୟ ନିର୍ବାହ କରିଥିଲେ ଭଲ ହୋଇଥାଆନ୍ତା । ନ ଆସି ଛନ୍ତି ଅବଶ୍ୟ କିଛି କ୍ଷତି ନାହିଁ । ତଥାପି ବର କନ୍ୟା ଉଭୟ ପକ୍ଷର ପିତା ମାତା ଥାଇଁ, ବିବାହକର୍ମ ସୁଖଜନକ ହୋଇ ଥାଆନ୍ତା ।

ରାଜା ।—ସେ କଥା ଯଥାର୍ଥ ; କିନ୍ତୁ ଗତକାଲି ବିବାହ ଲଗ୍ନ ପରେ ଆଉ ଗୋଟିଏ ଭଲ ଲଗ୍ନ ମିଳି ନ ଥାଆନ୍ତା । ଯାହାହେଉ ସେ କଥା ଗଲା, ବର୍ତ୍ତମାନ ମୁଁ କହୁଥିଲି—

ରାଣୀ ।—କଣ୍ କହୁଛ ?

ରାଜା ।—ଅଚ୍ଛା, ଦଶରଥମହାରାଜା ଏଠାରେ ଶୀଘ୍ର, ପହଞ୍ଚିବେ ନାହିଁ?

ରାଣୀ ।—ପହଞ୍ଚିବାରେ କଥା ; ସେ ବିଳମ୍ବ କାହିଁକି କରିବେ ? ଶୁଣିଲାମାତ୍ର ନିଶ୍ଚୟ ଆସିବେ ।

ରାଜା ।—ମୁଁ କହୁଥିଲି ସୀତାଟିଙ୍କୁ ତ ବାହା କରାଇ ଆମ୍ଭେମାନେ ନିଶ୍ଚିନ୍ତ ହୋଇଅଛନ୍ତି । ରାମଚନ୍ଦ୍ରଙ୍କ ପରି ଆଉ ଗୋଟିଏ ସୁଯୋଗ୍ୟ ପୁରୁଷ ତ୍ରିଭୁବନରେ ମିଳିବା କଠିନ । ପୁଣି ଉର୍ମିଳା ଲାଗି କଣ କରିବା ? ଯେତେବେଳେ ପ୍ରଥମେ ରାମଚନ୍ଦ୍ର ଲକ୍ଷ୍ମଣ ମିଥିଳାକୁ ଆସନ୍ତି ସେହି ସମୟରେ ମନ୍ତ୍ରୀମାନେ ବିସ୍ମିତ ହୋଇ କହିଲେ ମହାରାଜ ! କୌଣସି ପଣ ସ୍ଥିର ନ ହୋଇଥିଲେ ଦୁଇଗୋଟି କନ୍ୟା ଏହି ରାଜକୁମାର ଦ୍ୱୟଙ୍କୁ ଅର୍ପଣ କରି ଚରିତାର୍ଥ ହୋଇ ଥାଆନ୍ତେ । ମୋର

Digitized by srujanika@gmail.com

ମୋର ସମ୍ପୂର୍ଣ୍ଣ ଇଚ୍ଛାଥିଲା, କିନ୍ତୁ ପ୍ରତିଜ୍ଞା ଲଙ୍ଘନତ କରି ପାରିବି ନାହିଁ ? ସେଥିପାଇଁ ସେ ବିଷୟରେ ନିଶ୍ଚେଷ୍ଟ ହେଲି । ସୌଭାଗ୍ୟବଳରେ ରାମଚନ୍ଦ୍ର ହସ୍ତଚ୍ୟୁତ ହୋଇ ଯାହାନ୍ତି । ଆଉ ଲକ୍ଷ୍ମଣଙ୍କୁ ଛାଡ଼ିଲେ ସୁଯୋଗ୍ୟ ବରଟିଏ ମିଳିବା ଦୁଃସାଧ ।

ରାଣୀ ।—ତୁମକୁ ଯେପରି ଭଲ ବୁଝେ ସେହିପରି କର ।

ରାଜା ।—ମୁଁ ମନ୍ତ୍ରୀମାନଙ୍କ ଠାରୁ ପରାମର୍ଶ ନେଇଥିଲି ସେମାନେ ମୋ ସହିତ ଏକମତ—ତୁମେ କଣ କହୁଛ ?

ରାଣୀ ।—ମୁଁ କହିବି କଣ ? ଯାହା ହେଲେ ଭଲ ଦିଶେ ସେଯା କର । ଗୋଟିଏ ଆଖିତ ଯାଇଛି, ଆଉ ଗୋଟିଏ ଆଖି ଗଲେ ଅନ୍ଧହେବା, ଭଲ ହେବ—

ରାଜା ।—(ହାସ୍ୟକରି) ପାଗଳକଥା ! ଏ କଣ୍ ଆମ ହାତର କଥା ହୋଇଛି, ଇଚ୍ଛାକଲେ ଝିଅକୁ କୋଳରେ ସମ୍ଭାଳିବା, ଇଚ୍ଛା କଲେ ସ୍ୱାମୀ ଘରକୁ ପଠେଇବା ? ବିଧାତାର ନିୟମ ଲଙ୍ଘନ କରିବ କିଏ ? କନ୍ୟା ଜନ୍ମ ହେଲେ ମନେ କରିବ ରହିଛି ପରଘର ଲାଗି । ଆଜ ହେଉ, କାଲି ହେଉ, ବର୍ଷକେ ହେଉ ଊର୍ମିଳା ନିଶ୍ଚୟ ପରଘରକୁ ଯିବ । ଆହୁରି ଦେଖ, ଯୁବତୀ ହୋଇ କନ୍ୟା ପିତୃଗୃହରେ ଅବିବାହିତା ହୋଇ ବାସ କଲେ ଲୋକେ କଣ୍ କହିବେ ?

ରାଣୀ ।—ଏ ସବୁ କଥାତ ମୁଁ ଠିକ୍ ବୁଝୁଛି, ତେବେ ସୁଦ୍ଧା ମନ ବୁଝୁନାହିଁ କାହିଁକି ?

ରାଜା ।—ତାର ପ୍ରଧାନ କାରଣ ମାୟା । ଅଧମ ଶ୍ରେଣୀର ବ୍ୟକ୍ତିମାନେ ଏପରି ମାୟାରେ ଜଡ଼ିତ ଯେ ସେମାନେ ଜ୍ଞାନଗର୍ଭକ ଉପଦେଶମାନ ବୁଝି ନ ପାରି ଚତୁଷ୍ପଦ ପଶୁମାନଙ୍କ ପରି ଜୀବନ ଯାତ୍ରା ନିର୍ବାହ କରନ୍ତି । ମଧ୍ୟମଶ୍ରେଣୀର ବ୍ୟକ୍ତିମାନେ ଜ୍ଞାନପଥ ଜାଣି ସୁଦ୍ଧା ମାୟାରଣ୍ୟର ଭୟଙ୍କର ପଥରୁ ଛାଡ଼ି ପାରନ୍ତି

Digitized by srujanika@gmail.com

ନାହିଁ । ଉତ୍ତମଶ୍ରେଣୀର ଲୋକେ ପ୍ରକୃତ ମନୁଷ୍ୟ ପଦ-ବାଚ୍ୟ । ସେମାନେ ଜ୍ଞାନ ଲାଭ କରି ତାହାର ସଦ୍‌ବ୍ୟୟ କରନ୍ତି । ମାୟା ସହିତ ଯୁଦ୍ଧ କରନ୍ତି ଓ ବିଜୟୀ ହୁଅନ୍ତି । ବିଶେଷତଃ ତୁମ୍ଭେମାନେ ସ୍ତ୍ରୀଲୋକ ବୋଲି ତୁମ୍ଭମାନଙ୍କର ମମତା ଦୃଢ଼ମୂଳ ।

ରାଣୀ ।—ଅଚ୍ଛା, ଆମ୍ଭେମାନେ ମନୁଷ୍ୟ, ଆମ୍ଭମାନଙ୍କର ବୁଦ୍ଧି ଅଛି । ବୃଥାରେ ନିଜ ଦୋଷରୁ ଯନ୍ତ୍ରଣା ଭୋଗ ନ କରି ଏଥିରୁ ବିରତ ହେଲେତ ଭଲ ?

ରାଜା ।—ଅବଶ୍ୟ ।

ରାଣୀ ।—ତାହାହେଲେ ଗୃହ ଛାଡ଼ି, ପୁତ୍ର କନ୍ୟା ମୁଖ ନ ଦେଖି ସେମାନଙ୍କ କଷ୍ଟ ନ ଦେଖି, ଅରଣ୍ୟରେ ତପସ୍ୟା କଲେତ ଭଲ ହେବ ?

ରାଜା ।—ହଁ କଲେ ଯଥା ନାହିଁ । କିନ୍ତୁ ମୋ ମତରେ ଯେ ଗୃହରେ ଥାଇ ତପସ୍ୟା କରେ ସେ ପରମଜ୍ଞାନୀ । ଅର୍ଥାତ୍ ପଦ୍ମପତ୍ରରେ ଥାଇ ସୁଦ୍ଧା ଜଳପର ନିର୍ଲିପ୍ତ ହେବା ଆବଶ୍ୟକ । ପୁନଶ୍ଚ ଯେଉଁମାନେ ସଂସାରରୁ ଭୟ କରି ଅରଣ୍ୟରେ ତପସ୍ୟା କରନ୍ତି, ସେମାନଙ୍କ ଭୟ କଦାପି ଛାଡ଼ିବ ନାହିଁ କି ସେମାନେ ମାୟାରୁ ମୁକ୍ତ ହେବେ ନାହିଁ, କାରଣ ମନର ଅଗମ୍ୟ କିଛି ନାହିଁ । ଗୃହ ମଧ୍ୟରେ ଥାଇ ପରିବାର ପ୍ରତି ସ୍ନେହ ଦେଖାଇ ଅଥଚ ସଂସାର ପ୍ରତି ଉଦାସୀନ ହୋଇ ସନାତନ ପଦ ସେବାର ନାମ ତପସ୍ୟା । ଏତଦ୍ୱାରା ଜଗତର ଉପକାର ହେବ, ନିଜର ଉପକାର ହେବ ।

ରାଣୀ ।—ପୁତ୍ର କନ୍ୟା ପ୍ରତି ସ୍ନେହ ରଖିବ, ଫେର କିପରି ଉଦାସୀନ ହେବ ? ଏ କଣ ସମ୍ଭବ ?

ରାଜା ।—ସବୁ ସମ୍ଭବ; ଇଚ୍ଛା ଥିଲେ ଅସମ୍ଭବ ସମ୍ଭବ ହୁଏ । ଇଚ୍ଛା ଥିଲେ

Digitized by srujanika@gmail.com

ଉପାୟ ନକେ ୨ ଦେଖାଯାଏ । ପୁଣି ଏହିପରି ହେବାକୁ ମତେ ଯେଉଁ ଉପାୟମାନ ଅବଲମ୍ବନ କରିବାକୁ ହେବ ସମସ୍ତଙ୍କ ପ୍ରତି ସେ ଶୁଭକ ଉପଯୋଗୀ ନୁହେ ।

ରାଣୀ ।— ମୁଁ ଏ ସବୁ କଥା ବୁଝିପାରୁ ନାହିଁ (ବଜ୍ରାହତା ପ୍ରାୟ ଅଧୋବଦନେ ସ୍ଥିତା)

ରାଜା ।— (ହସି ହସି) ଅଚ୍ଛା କ୍ରମେ ୨ ବୁଝିବ— ବର୍ତ୍ତମାନ କୁହ କଣ କରିବା ?

ରାଣୀ ।—କେଉଁ କଥା ?

ରାଜା ।—ଉର୍ମିଳାକୁ ଲକ୍ଷ୍ମଣଙ୍କ ସହିତ ବିବାହ ଦେବା ?

ରାଣୀ ।—ହେଉ, ଯେପରି ଭଲ ଦିଶେ କର । ଦଶରଥ ମହାରାଜାତ ଆସି ନାହାନ୍ତି, ଆସିଲେ ସେକଥା ବିଚାର ହେବ ।

ରାଜା ।—ବେଶ୍, ଯାଉ କଣ ; ସେମିତି ହେଉ—

ରାଣୀ ।— (କିଞ୍ଚିତ ଚିନ୍ତା କରି) ଅଚ୍ଛା ହେଉ, ଉର୍ମିଳାକୁ ବିବାହ କରିଥ—ଗୋଟିଏ ୨ କୋଣ ଯାଉଛି ଯାଉ ।

ରାଜା ।—ହଁ ସେମିତି ମୁଁ କହୁଥିଲି । ବର୍ତ୍ତମାନ ଗୋଟିଏ ସୁଯୋଗ୍ୟବର ହସ୍ତଗତ । ସେ ଚାଲି ଗଲେ ଆଉ ଉତ୍ତମ ବରଟିଏ ମିଳିବ ନାହିଁ ।

[ ଦାସୀ ପ୍ରବେଶ ]

ଦାସୀ ।—ଅଯୋଧ୍ୟାକୁ ଯେଉଁ ଦୂତ ପଠେଇଥିଲେ ସେ ଫେରିଆସି ଅଛନ୍ତି । ଷ୍ଟାଙ୍କର ସମାଚାର ନେଇସାରେ ଦ୍ୱାରରେ ଦଣ୍ଡାୟମାନ ଅଛନ୍ତି ।

ରାଜା ।—ଅଚ୍ଛା, ଏଠିକି ଆସିବାକୁ କୁହ ।

ଦାସୀ ।—ଯେ ଆଜ୍ଞା [ ପ୍ରସ୍ଥାନ

ରାଣୀ ।—କି ସମ୍ବାଦ ଆଣିଛି କେ ଜାଣି ?

Digitized by srujanika@gmail.com

[ ଦୂତ ପ୍ରବେଶ ଓ ଜାନୁପାତପୂର୍ବକ ଅଭିବାଦନ ]

ରାଜା ।—କି ସମ୍ବାଦ ? ଶୀଘ୍ର କୁହ ।

ଦୂତ ।—ମହାରାଜ ! ଆମ୍ଭେମାନେ ଅଯୋଧ୍ୟାରେ ପ୍ରବେଶ ହେବା ମାତ୍ର ଦଶରଥ ମହାରାଜା ଆମ୍ଭମାନଙ୍କୁ ଭ୍ରାତୃବତ୍ ସ୍ନେହ କରି ପରମ ଆଦରପୂର୍ବକ ଆସନରେ ଉପବେଶନ କରାଇଲେ ଏବଂ ଶ୍ରୀମନ୍ତଙ୍କର କୁଶଳ ସମାଚାର ଜିଜ୍ଞାସା କଲେ । ରାମଚନ୍ଦ୍ରଙ୍କର ଧନୁର୍ଭଙ୍ଗ ବ୍ୟାପାର ଶ୍ରବଣ କରି ମହାରାଜାଙ୍କର ଆନନ୍ଦ ଏତେ ଅଧିକ ହୋଇଥିଲା ଯେ ତତ୍କ୍ଷଣାତ୍ ଅଯୋଧ୍ୟାନଗର ମଣ୍ଡନ କରି ବିବାହ ଉତ୍ସବ କରିବାକୁ ମନ୍ତ୍ରୀମାନଙ୍କୁ ଆଦେଶ ପ୍ରଦାନ କଲେ । ଆମ୍ଭମାନଙ୍କୁ କହିଲେ "ଜନକ ମହାରାଜାଙ୍କର କୁଳ ପ୍ରଶଂସନୀୟ ; ତାଙ୍କ ସହିତ ସମ୍ବନ୍ଧ ବାଞ୍ଛନୀୟ । ମିଥିଳା ନୃପତିଙ୍କୁ କହିବ ଆମ୍ଭେମାନେ ଏହି ସମ୍ବନ୍ଧରେ ଅତ୍ୟନ୍ତ ସୁଖୀ ହୋଇଅଛୁଁ" ।

ରାଜା ।—କେବେ ଆସିବେ କିଛି କହି ଅଛନ୍ତି ?

ଦୂତ ।—ଆଜ୍ଞା ହଁ । ଦୁଇଦିନ ମଧ୍ୟରେ ଦଶରଥ ମହାରାଜା ରାଣୀମାନଙ୍କ ସହିତ ଭରତ ଶତ୍ରୁଘ୍ନ କୁମାର ଦ୍ୱୟ ସଙ୍ଗରେ ଘେନି ସସୈନ୍ୟ ମିଥିଳାରେ ପ୍ରବିଷ୍ଟ ହେବେ ।

ରାଜା —ଉତ୍ତମ ସମାଚାର । ଏବେ ଯା ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ପିତାଙ୍କର ଆଗମନ ସମାଚାର ନିବେଦନ କରିବ ।

ଦୂତ ।—ଯେ ଆଜ୍ଞା [ ପ୍ରସ୍ଥାନ

ରାଣୀ ।—ଦଶରଥ ମହାରାଜାଙ୍କର ଆଉ ଦୁଇଟି କୁମାର ଅଛନ୍ତି କି ?

ରାଜା ।—ହଁ । କୌଶଲ୍ୟାଙ୍କର ପୁତ୍ର ରାମଚନ୍ଦ୍ର ; ସୁମିତ୍ରାଙ୍କର ପୁତ୍ର ଲକ୍ଷ୍ମଣ ଓ ଶତ୍ରୁଘ୍ନ ; କୈକେୟୀଙ୍କର ପୁତ୍ର ଭରତ ଏପରି ଚାରିକୁମାର ଅଛନ୍ତି ।

ରାଣୀ ।—ଚାରିହେଁ ଅମର ସର୍ବଗୁଣରେ ଭୂଷିତ । ରୂପରେ, ବୁଦ୍ଧିରେ

Digitized by srujanika@gmail.com

ସାରଲ୍ୟରେ ସବୁଥିରେ ସମାନ । ସମସ୍ତ ଗୁଣ ଏକତ୍ରିତ କରୁବାକୁ ବିଧାତାର ମାନସ ହେଲା କିପରି ?

ରାଜା ।—ଜଣେ, ସେହିପରି ଜନ୍ମ ନ ହେଲେ ପୃଥିବୀ ଚଳନ୍ତା ନାହିଁ—

ରାଣୀ ।—ଆଉ ଦେଖ, କେହି ଜଣେ ଥଟ୍ଟିରେ ତାଙ୍କର ମନ କରୁ ନାହାନ୍ତି । ସମସ୍ତେ ତାଙ୍କୁ ଅଚ୍ଛା କରୁଅଛନ୍ତି ।

ରାଜା ।—ମତେ ସେ ଧନୁସମ୍ପାଦନ ବଳବତୀ ଲଜ୍ଜାରୁ ରକ୍ଷା କରୁଅଛନ୍ତି । ଯେତେବେଳେ ଦେଖିଲି କେହି ଜଣେ ତହିଁରେ ସମର୍ଥ ହେଲେ ନାହିଁ ମୋର ଅନ୍ତଃକରଣ ନିମଗ୍ନ ପ୍ରାୟ ହୋଇଗଲା । ଈଶ୍ୱରେଚ୍ଛାରୁ ରାମଚନ୍ଦ୍ର ଧନୁ ନିକଟକୁ ଅଗମନ କଲେ । ପୁଣି କି ସାରଲ୍ୟ ! ସାମାନ୍ୟ ଗୋଟିଏ ଖେଳନା ପଦାର୍ଥ ପରି ସେ ଧନୁର୍ଭଙ୍ଗ କରିଥିଲେ ! ଆଜ ପର୍ଯ୍ୟନ୍ତ ସେ ଦୃଶ୍ୟ ମୋ ଚକ୍ଷୁରେ ନୂତନ ।

ରାଣୀ ।—ଦୈବ ଏହିପରି ଘଟାଏ । ଯ.ହାଙ୍କୁ ଆମ୍ଭେମାନେ ଖୋଜୁଥିଲେ ସେ ଏକାକୀ ଧନୁ ଭଗ୍ନ କରେ । ଯାହା କୁହ ସୀତାଟି ମୋର୍ ରାମଚନ୍ଦ୍ରଙ୍କ ବ୍ୟତୀତ ଆଉ କାହାର ହସ୍ତ ଧରିଥିଲେ ମୋ ମନ ସ୍ଥିର ହୋଇ ନଥାନ୍ତା ।

ରାଜା ।—ମୋର ବି ସେହି କଥା ।

ରାଣୀ ।—ରାମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟତ କେହି ପଣ ରକ୍ଷା କରିପାରି ନ' ଥାନ୍ତେ ?

ରାଜା ।—ଅନ୍ୟ କେହି ପାରି ନଥାନ୍ତେ ; ବିଧାତା ଯେ ଯାହାର ତାକୁ ଅଗରୁ ଯୋଗାଡ଼ୁ କରିଥାଏ ।

ରାଣୀ ।— ମୁଁ ଯାଏ, ଅଳଙ୍କାର ଭଣ୍ଡାର ଖୋଲିବି, ସ୍ନେହ କରୁଥିଲି ପ୍ରତ୍ୟେକ ଦିନ ସୀତାକୁ ନୂଆ ନୂଆ ଆଭରଣ ପିନ୍ଧେଇବି ।

Digitized by srujanika@gmail.com

ହୋଇନ୍ତୁ ତାର ଯା ଇଚ୍ଛା ତାହା କରୁ—ଆଗୋ ! ଝିଅଲାଗି 'ଆଉ ନୂଆ ଅଳଙ୍କାର କରିବା କି ?

ରାଜା ।— ( ଅନ୍ୟମନସ୍କ ହୋଇ ) ହୁଁ ।

ରାଣୀ ।— ମୁଁ କହୁଥିଲି ପଚାଶ ପ୍ରକାର ଥିଲେ ଭଲ । ଆମରତ ହୀରା ନୀଳାର ଅଭାବ ନାହିଁ । ପୁଣି ଜଣକ ଘରକୁ ବୋଉ ହେଲେ, କେତେବେଳେ କଥା କଥା କରବାକୁ ଇଚ୍ଛାହେବ, ପାଖରେ ଅନେକ ରତ୍ନ ଅଳଙ୍କାର ଥିଲେ ଯଉ କଣ୍ ?

ରାଜା ।— ( ଅନ୍ୟମନସ୍କ ହୋଇ ) ହୁଁ ।

ରାଣୀ ।—ଘରେ ଯେତେ ଅଳଙ୍କାର ଅଛି ସବୁ ଦେବ । ଆଉ କଏ ଅଛି ମୋର ତାକୁ ଭୋଗ କରବ ?

ରାଜା ।— ( ପୂର୍ବବତ୍ ) ହୁଁ ।

ରାଣୀ ।—ତୁମେତ କଛି ଶୁଣୁନା ! ଖାଲି ହୁଁ—

ରାଜା ।— ହଁ ମୁଁ କହୁଥିଲି ବଧାତା ଆମଣ ଘର ଲାଗି ଦଶରଥଙ୍କୁ ଚାରପୁତ୍ର ଦେଇଛି । ରାମଚନ୍ଦ୍ରଙ୍କରତ ସୀତା । ଲକ୍ଷ୍ମଣଙ୍କୁତ ଉର୍ମିଳା ଦାନକରବା । ଆଉ କନ୍ୟା ଦଉଟି କାହିଁକ ବାକ ରହବେ ? କଣ କହୁଚ ?

ରାଣୀ ।—( ହସି ହସି ) ଆଉ ପାରବ ନାହିଁ, ତୁମେ କହୁଚ ଏକା ଗୋଳମାଳରେ ସବୁ କଟିଯିବ ।

ରାଜା ।— ହଁ ତାହା ହେଲେ ଭଲ ହେବ । କନ୍ୟା ଜନ୍ମହେଲେ ସଙ୍ଗେ ୨ ଚନ୍ତା ଜନ୍ମ ହୋଇଥାଏ ; ପୁଣି ସେ ଦୁହିଙ୍କ ଲାଗି ଚନ୍ତାତ ହେବା କାହିଁକ ; ଭରତ ଶତ୍ରୁଘ୍ନଙ୍କ ହସ୍ତରେ ସମର୍ପଣ କର ନଶ୍ଚିନ୍ତ ହେବା

ରାଣୀ ।—ଅଚ୍ଛା ହୋଉ—ଏବେ ଯିବା ଚାଲ । ଦଶରଥ ମହାରାଜା

Digitized by srujanika@gmail.com

ଆସିଲେ ସବୁ କଥା ବାର୍ତ୍ତା । ବର୍ତ୍ତମାନ ତୁମ୍ଭର ଭୋଜନ-
ବେଳା ଉତ୍ତୀର୍ଣ୍ଣ ହେଉଛି

ସୀତା ।— ହଁ ଯିବା [ ଉଭୟ ପ୍ରସ୍ଥାନ ]

—॰◡॰—

## ଦ୍ୱିତୀୟ ଦୃଶ୍ୟ ।

### ଶୟନାଗାର ।

[ ରାମଚନ୍ଦ୍ର ପଲ୍ୟଙ୍କୋପରି ଆସୀନ, ସୀତା ସମ୍ମୁଖରେ ଅଧୋବଦନରେ ଦଣ୍ଡାୟମାନା ]

ରାମ ।—(ଅସଙ୍କୋଚ ଉଠି ମୃଦୁହାସ୍ୟରେ) ପ୍ରିୟେ ! ଲଜ୍ଜାରେ ଶଯ୍ୟାତ୍ୟାଗ କଲେ ମନେ କରୁଛ ପରା ମୁ ଅଧର ଚୁମ୍ବନରୁ ନିବୃତ୍ତ ହେବି ? ଚୁମ୍ବନ କଲେ ଯେ ସୁଖ ହୁଅନ୍ତା, ତୁମେ ମୁହଁକୁ ଲୁଚେଇ ନେଲାବେଳେ ତୁମ୍ଭର ମୁଖ ଶୋଭା ଦେଖି ମୋର ଠିକ ସେହିପରି ସୁଖ ହୁଏ । ଆଲିଙ୍ଗନ କରିବାକୁ ଗଲେ ସ୍ତନରେ ଯତ୍ନପୂର୍ବକ ବସ୍ତ୍ରଦେଇ ହାତ ଦୁଇଟି ବକ୍ଷରେ ରଖି ସଙ୍କୁଚିତ ହୁଅ । ସେହି ଶୋଭା ଦେଖିଲେ ମୁ ଆଲିଙ୍ଗନ ସୁଖ ଅନୁଭବକରେଁ । ଲଜ୍ଜାରେ ଏଠାରେ ଠିଆ ହୋଇଛ ତୁମ୍ଭର ମୁଖ ଶୋଭା ମତେ ଦ୍ୱିଗୁଣ ପ୍ରୀତି ଜନକ ବୋଧ ହେଉଛି ।

ସୀତା ।— ତାହା ହେଲେ ମୁ ଠିଆ ହେବନାହିଁ , ଯାଉଚି ବସିବି ।
( ଭୂମିରେ ଉପବେଶନ )

ରାମ ।— ତାହାହେଲେ ମୁ ବି ବସିବି—

ସୀତା ।—ନା, ନା, ତୁମେ କାହିଁକି ବସିବ ? ନା

ରାମ ।— ଅଚ୍ଛା, ତେବେ ଆସ ପଲଙ୍କରେ ଏକାଠି ବସିବା । ( ସୀତାଙ୍କର ହସ୍ତ ଧାରଣ )

Digitized by srujanika@gmail.com

ସୀତା ।— ନା ମୁଁ ଯିବି ନାହିଁ , ତୁମେ ବସିବ ଯା—
ମୁହେଁ ଗରମ ହେଉଛି—

ରାମ । — ତେବେ ମୁଁ ବିଞ୍ଚିଦେବି ।

ସୀତା ।— ନା, ନା, ଏହିକ୍ଷଣି ସ୍ୱେଦଲତା ଆସିବ, ତୁମେ ଯା,
ଚଞ୍ଚଳ ଯା —

ରାମ ।— ( ସୀତାଙ୍କ ପ୍ରତି ବୀଜନ କରନ୍ତି )

ସୀତା ।— ( ହସି ହସି ଠିଆହୋଇ ) ନା, ନା, ତୁମେ କାହିଁକି ବିଞ୍ଚିବ ?
ମୁଁ ନିଜେ ବିଞ୍ଚିହେବି ( ରାମଚନ୍ଦ୍ରଙ୍କ ହସ୍ତରୁ ବ୍ୟଜନ ଆକର୍ଷଣ
ଏବଂ କ୍ଷଣକାଳପରେ ଗ୍ରହଣ କରି )
ତୁମେ ବସ, ମୁଁ ବିଞ୍ଚିଦେବି—

ରାମ ।— ( ହସି ହସି ) ମନୋଭବତାପ ଗ୍ରୀଷ୍ମଠାରୁ ଭୟଙ୍କର;
ମଳୟପବନ ଯଦି ଲେପିବ ଚନ୍ଦନ,
ସୁଧାକର ସ୍ୱୟଂ ଯଦି ଧରିବେ ବ୍ୟଜନ,
ପ୍ରଶମନେ ଅସମର୍ଥ ହୋଇବେ ନିଶ୍ଚୟ ;
ଆରୋଗ୍ୟ ବିଷୟେ ପ୍ରିୟେ ତୁମ୍ଭେ ବୈଦ୍ୟରାଜ,
ଔଷଧ ଅଧର ମଧୁ ହୃଦୟ ଚନ୍ଦନ ।

ସୀତା ।— ( ଅଧୋବଦନେ ମୌନ )

ରାମ ।— ତୁମେ ମତେ ଭଲପାଅନା, ସେଥିପାଇଁ ମୋକଥା ଶୁଣନା

ସୀତା ।— ( ପୂର୍ବପରି ମୌନ )

ରାମ ।— ମତେ କଣ ଅଭିମାନ କର ଅପେ ନାହିଁ ? ଏହି ଦେଖ
ଅଭିମାନ କରନ୍ତି ( ହସି ହସି ପଲଙ୍କରେ ଉପବେଶନ )

ସୀତା ।— ( ରାମଚନ୍ଦ୍ରଙ୍କ ପ୍ରତି ବ୍ୟଜନ ଚାଳନ )

ରାମ ।— ହିଁ ବେଶ୍ । ସୀତା ଆମର ସୁନାନାଲକ୍ଷ୍ମୀଏ ।
( ସୀତାଙ୍କର ଅଞ୍ଚଳ ଆକର୍ଷଣ )

ସୀତା — ନା—ନା—ନା ( ତଥାପି ପଲଙ୍କରେ ଉପବେଶନ )

Digitized by srujanika@gmail.com

ରାମ । — ଅଚ୍ଛା ମୁଁ କଣ ନିର୍ଲଜ୍ଜ । ତୁମ୍ଭର ଯେତେ ଲଜ୍ଜା ଅଛି ।
ଅଚ୍ଛା ମୁଁ କାହିଁକି ତୁମ୍ଭର ପରି ଅଭିମାନ କରିବି ନାହିଁ ?

ସୀତା । — ( ମୁଖରେ ଅଞ୍ଚଳ ଦେଇ ଶେଯ ନିକଟରେ ଦଣ୍ଡାୟ)

ରାମ । — ମୁଁ ଦେହରେ ହାତ ଦେଲେ ଦଶହାତରେ ଠିଆ ହେବ,
ଆଉ ତୁମେ ମୋ ଦେହରେ ହାତ ଦେବ ନାହିଁ । ଦେଲେ
ମଧ୍ୟ ମୁଁ ଦୁଃଖିବି ନାହିଁ ।

ସୀତା । — ( ମୃଦୁ ମନ୍ଦ ହାସ୍ୟ ଓ ବିନମ୍ର ପୂର୍ବକ ) ମୁଁ ଯାଉଛି ଏଠି ବସିବି
ନାହିଁ ନ ବସିବାର କାରଣ ଅଛି ( ଶଯ୍ୟାତ୍ୟାଗ )

ରାମ । — ମତେ ସେ କଥାର ଉତ୍ତର ଦେଇଗଲ ନାହିଁ ?

ସୀତା । — କହିବିନା ? କହିବି ? — ନା ତୁମେ ସବୁଜାଣି ମତେ
ଚିଡ଼ାଉଛ ।

ରାମ । — ନା ନା କଣ କୁହ, କହିବାକୁ ହେବ ।

ସୀତା । — ଫୁଲ ପାଖକୁ ଭ୍ରମର ଯାଏ ନା ଭ୍ରମର ପାଖକୁ ଫୁଲ ଯାଏ—
ଏଇ ତାର ଉତ୍ତର ।

ରାମ । — ଅଚ୍ଛା ବେଶ୍ । ଭ୍ରମର ଫୁଲ ଏକତ୍ର ବସିଲେ ଫୁଲ କଣ୍
ପଳାୟନ କରେ ।

ସୀତା । — ନା ନା ମତେ କିଛି କହି ଆସେ ନାହିଁ ମୁଁ କହି ପାରିବିନାହିଁ ।

ରାମ । — ଉତ୍ତର ନ ଦେଲେ ମୁଁ ସହଜରେ ଛାଡ଼ିବି ନାହିଁ — ମୁଁ
ନିର୍ଲଜ୍ଜ ।

( ଶଯ୍ୟାରୁ ଉଠି ସୀତାଙ୍କର କର ଗ୍ରହଣ )

ସୀତା । — ନା ଫୁଲ ପଳାଏ ନାହିଁ ।

ରାମ । — ତେବେ ତୁମେ କାହିଁକି ପଳେଇବ ?

ସୀତା । — ଓ ଯେତେବେଳେ ସ୍ନେହଲତା ଆସିବ ଥିଲୁ କରିବ ।

ରାମ । — କାହିଁକି, ଶଯ୍ୟାରେ ବସିଲେ କଣ୍ ଦୋଷ ?

ସୀତା । — ସେ କହିବ ସ୍ୱାମୀ ସ୍ତ୍ରୀ ଏକାଠି ବସି କଥାବାର୍ତ୍ତା ହେଉ-
ଥିଲେ ଟି ?

Digitized by srujanika@gmail.com

ରାମ ।— ଆଜ୍ ଯେବେ ତୁମେ ଏଠି ଠିଆ ହେବ ତାହାହେଲେ ମଁ କେବେ କହିବ ହିତଏ ଧୈର୍ଯ୍ୟ ଧରି ପାରନ୍ତି ନାହିଁ ଏଥି ମଧ୍ୟରେ ସୀତାଙ୍କୁ କଣ କହନ୍ତୁ ସେ ତୁଠି ଭୂମିରେ ଠିଆ ହୋଇଛୁ । ଆସ ଆସ ( ସୀତା ଙ୍କର ବଚନର ଅବର୍ଷଣ ଦୃଷ୍ଟି ମଧ୍ୟରେ ଉପବେଶନ ସୀତା ଭୂମିରେ ସ୍ଥିତା )

[ ସ୍ନେହଲତା ଓ କୁଞ୍ଜଲତା ପ୍ରବେଶ ]

ସ୍ନେହ ।— ଦେଖ୍‌ଲୋ ଭୋଉଣି ଦେଖ୍ ! ଏ କପର ବରହିଏ ତ ! ମୁ ବଣ୍ଡେ ଘଡ଼ଗଲି ଅସିବା ବେଳକୁ ଠଣା ଓଠବ ଲାଗି-ଛନ୍ତି, ଆଉ ହବନାହିଁ ହବନାହିଁ । ( ସୀତାଙ୍କପ୍ରତି ) କଗୋ ତୁମେ ଏଠି ଠିଆ ହୋଇଛ କାହିଁକ ?

କୁଞ୍ଜ ।— ହଁ ତୁମେ କାହିଁକ ଠିଆ ହୋଇଚ ?

ସ୍ନେହ ।— ମ ! ତାଙ୍କୁ କଣ କହୁଥିବ । ଅଗୋ ବର, ଅମ ସୀତାଙ୍କୁ ଏଠି ଠିଆ କରେଇଛ କାହିଁକ ?

ରାମ ।— ତୁମର ଲାଗି ।

ସ୍ନେହ ।— ମୋରଲାଗି । ମୁ କଣ କରବ କ ?

ରାମ ।— କଣେଇବ ।

( ସ୍ନେହ ଓ କୁଞ୍ଜ ମୁଖରେ ଅଞ୍ଚଳ ଦେଇ ହାସ୍ୟ )

ସ୍ନେହ ।— ମୁ ପସ୍ତ କାଣେଇବା ବ୍ୟକ୍ତି । ହୋଉ ଆସ ଗୋ ଅସ ଏଇଠ ବସିବା

( ସୀତାଙ୍କ ଅଙ୍ଗୁଷ୍ଠ )

ସୀତା ।— ( ସ୍ନେହ ହସ୍ତ ହସ୍ତାଭେଦର ପୂର୍ବପର ସ୍ଥିତା )

ସ୍ନେହ ।— ନା ଲୋ ମା ସେ ମୋ କୋଉକୁ ଅସିବ ନାହିଁ—

କୁଞ୍ଜ ।— ଅଚ୍ଛା ବର, ତୁମେ ଜାଣିଲ ?

ସ୍ନେହ ।— ନା ସେ ଲାଜୁଆ ବ୍ୟକ୍ତି, ତାଙ୍କୁ କଥା କହୁଅସେ ନାହିଁ ।

କୁଞ୍ଜ ।—( ସୀତାଙ୍କୁ ଧରି ) ଅସ ଗୋ ଅସ ଅମେ ବସିବା ।

Digitized by srujanika@gmail.com

( ପଲ୍ୟଙ୍କରେ ଉତ୍ସବ ଉପବେଶନ, କୁଞ୍ଜମଧ୍ୟରେ )

ସ୍ନେହ ।— କିଗୋ ଘୁମୁଅଛ ( କୁଞ୍ଜଙ୍କୁ ଘନ ଜଳକୁ ଅବର୍ତ୍ତେ )।

କୁଞ୍ଜ ।— ଅଉ କେତେ ଘୁମୁବନି ?

ସ୍ନେହ ।— ଅଉ ଟିକିଏ ।

କୁଞ୍ଜ ।— ମୁଁ କଣ୍ ଉପରେ ପଡ଼ିବିକି ? ନା ନା ଯାଉଛି ଉଠିଯିବି ।

( ପଲ୍ୟଙ୍କରୁ ଅବରୋହଣ )

ସ୍ନେହ ।— ଆଁ ଗୋ ବଉ, ଗୀତ ଶୁଣିବ ପରା ।

ରାମ ।— ହୁଁ — ଗା

ସ୍ନେହ ।— ମୁଁ ଗାଇବି ? ମତେ କୁଆଡ଼ୁ ଗୀତ ଆସିବ ?

( ନେପଥ୍ୟାଭିମୁଖେ ) ଡକେଲି ଅସୁନା ? ଲାଜ ମାଡ଼ୁଛିକି ?

[ ଗାୟିକାଗଣ ପ୍ରବେଶ ଓ ପ୍ରଣାମପୂର୍ବକ ଉପବେଶନ ]

ଏମାନେ ସମସ୍ତେ ରାଣୀଙ୍କ ପାଖରେ ଗାଉଣୀ କରନ୍ତି; ଏଠି ସଦା ସର୍ବଦା ଥାଆନ୍ତି ( ଗାୟିକାପ୍ରତି ) ଗୋଟିଏ ଗୀତ ବୋଲ, ବର ଶୁଣିବେ ।

୧ମ ଗାୟିକା ।— କି ଗୀତ ବୋଲିବୁଁ ?

ସ୍ନେହ ।— କଣ୍ ? କି ଗୀତ ? ତୁମକୁ କଣ୍ ଦେଖାଯାଉ ନାହିଁ କି ସ୍ଥାନ କି ବ୍ୟକ୍ତି କି ସମୟ ?

ଗାୟିକାଗଣ ।— [ ନୃତ୍ୟସହ ଗୀତ ]

ନାଚେ ଶ୍ୟାମ ବିପିନ ଦେଖି ମୟୂରୀ
କାନନେ ନାହିଁ ସହୁ କରୁଣା ବାରୁ ।
ଝାସେ ଶୃତକଣା ହରଷେ
ଘନ ଉଦୟ ଦେଖି ଆକାଶେ
ହୋଇ ଉଦାସୀନ
ପର ସମାନ
ନୀଳଘନ
କରେ ଗମନ
ଜିଜେ ଯାତନା ଲୋଡ଼ିଗଲେ ବ୍ୟଥା ନାହିଁ ତାହାର । ୧ ।

Digitized by srujanika@gmail.com

କାମୀ ମଧୁକର ଯତନେ
ନାଚ ବୁଲଇ କୁସୁମବନେ
ବୃଥା ଅଭିଳାଷେ
ମଦ ଅଳସେ
କାମବଶେ
ନାଚେ ହରଷେ
ସରେ ଭ୍ରମର ଗୁଞ୍ଜନ ଶୁଣି ନଳିନୀ ନାସ୍ତି । ୨ ।

ସ୍ନେହ ।— ( ହସି ) ଜେମାଙ୍କଠୁଁ ଏଇ ଗୀତ ଶିଖିଥିଲ ବଲେ ?
ଅଚ୍ଛା ହୋଉ, ଆଉ ଗୋଟିଏ ଗା—
[ ନୃତ୍ୟସହ ଗୀତ ]
ଯପ୍‌ ଅପ୍‌ ଶରଦ ଶଶୀ,
ଗଲେଣି ନିଜସଦନେ ବାଉଦସ୍ୱଶି ।
କେତେ କଥା ଅଛି ମୋ ମନେ
ଥଈ ହୋଲେ ଧର ସଯତନେ
ଶୁଣାଇବ ପ୍ରେମଗାନେ ବିଜନେ ବସି । ୧ ।
ଧୀରେ ଧୀରେ ନଦ ଅଳସେ
ନିଶୀ ଯେବେ ଧରା ପ୍ରୀତିବଶେ
କୁମୁଦନୀ ସରେ ଭାସେ ହୃଦବିକାସି । ୨ ।

ସ୍ନେହ ।—ହଁ, ଏଉପରୁ ଆଉ ଗୋଟିଏ ଗା ।
[ ପୁନର୍ବାର ନୃତ୍ୟସହ ଗୀତ ]
କୁମୁଦନୀ ଅଧରେ ଭଲ ହସୁଛି କେତେ
ମଧୁଲୋଭୀ ମଧୁପସୁଧା ପିଏ ନିରବେ ।
ଘଉଁରାହିଁ ମଧୁର ଆଶା  ମଧୁପାନେ ବଢ଼େ ପିପାସା
କମ୍ପାଇ ଅଧର ପଲ୍ଲବ— ଉଡ଼ପଡ଼ ହୋଇ ନୀରବ—
କମ୍ପାଇ ଅଧର ପଲ୍ଲବ  ପ୍ରୀତି ମାଗୁଛେ । ୧ ।

Digitized by srujanika@gmail.com

ସ୍ନେହ ।—( ରାମଚନ୍ଦ୍ରଙ୍କପ୍ରତି ) ଏବେ ଗୀତ ଶୁଣିଲ ? ଆଉ ଶୁଣିବନା ଏତେକ ?

ଭୃଙ୍ଗ ।—ହଁ, ସେ ଗୀତରେ କହିପାରୁ ନାହାନ୍ତି ; ତାଙ୍କୁ ନିଦ ଝାଙ୍କି-ଲାଣି—

ସ୍ନେହ ।—( ଗାୟିକାଗଣପ୍ରତି ) ହୋଉଚ୍ଛଲେ, ତେବେ ତୁମେ ଯା, ଫେର କାଲି ଆସିବ [ ଗାୟିକାଗଣ ପ୍ରସ୍ଥାନ

ଭୃଙ୍ଗ ।—ରାତ ଅନେକ ହେଲାଣି ଶୁଇ ଯିବା ।

ସ୍ନେହ ।—ଅଚ୍ଛା ହୋଉ [ ଉଭୟ ପ୍ରସ୍ଥାନ ପ୍ରାପ୍ତ

( ଫେରଆସି ) ସୀତାଙ୍କୁ ସାଙ୍ଗରେ ନେଇଯିବୁଁ ନା ଥିବେ ? ରାତ ବେଶି ହେଲାଣି ଟିକିଏ ଶୁଅ ।

ଭୃଙ୍ଗ ।—ନା ଗୋ ଆସ ତେବେ ଝାଉଁଳ ଦିଶୁଚି ।

[ ସ୍ନେହଙ୍କୁ ଆକର୍ଷଣ କରି ପ୍ରସ୍ଥାନ

—*—

ତୃତୀୟଦୃଶ୍ୟ ।

ବନ ।

ରାଜା ଓ ଲକ୍ଷ୍ମଣ ।

ରାଜା ।—ତଦନନ୍ତର ତାଡ଼କାର ପ୍ରାଣ ନାଶ ହେଲା କିପରି ?

ଲକ୍ଷ୍ମଣ ।—ବହୁତ କଷ୍ଟରେ ; ପ୍ରଥମରେ ଆମ୍ଭେମାନେ ମନେ କରି-ଥିଲୁଁ ସାମାନ୍ୟ ଅସ୍ତ୍ରରେ ତାର ପ୍ରାଣ ନାଶ ହେବ । କିନ୍ତୁ ତାର ମାୟା ଦେଖି ଆମ୍ଭେମାନେ ପ୍ରାୟ ନିରୁପାୟ ହୋଇଥିଲୁଁ ।

ରାଜା ।—ପୂର୍ବରୁ ମୁଁ ଋଷିମାନଙ୍କ ମୁଖରୁ ତାଡକାର ଭୟାନକ ମାୟା ବିଷୟ ଶୁଣିଥିଲି ।

ଲକ୍ଷ୍ମଣ ।—ସେ ଆକାଶରେ ଉଡ଼ିପାରେ, ଅଦୃଶ୍ୟ ହୋଇ ପାରେ ମାର୍ଜ୍ଜାର, ଶୃଗାଳ ପ୍ରଭୃତି ନାନାବିଧ ରୂପଧାରଣ କରିପାରେ । ଆମ୍ଭମାନଙ୍କୁ ଦେଖି ସେ ଏପରି ଏକ ଭୟାନକ ହାସ୍ୟ

Digitized by srujanika@gmail.com

କରୁଥିଲା ଯେ ଝନ୍ତୁଂ ଝନ୍ତୁଂ ଭୂମିକମ୍ପ ଉପସ୍ଥିତ ହେଲା, ଝଁନ୍ତୁଂ ଝନ୍ତୁଂ ନିର୍ମଳ ଆକାଶରେ କୃଷ୍ଣବର୍ଣ୍ଣ ଅତି ଦୁର୍ଗନ୍ଧ ଧୂମପୁଞ୍ଜ ଉତ୍ଥିତ ହୋଇ, ଦ୍ୱିପ୍ରହର ଦିବସକୁ ଅମାବାସ୍ୟା ରଜନୀ ପ୍ରାପ୍ତ କରୁଥିଲା ; ଚତୁର୍ଦ୍ଦିଗରୁ ରକ୍ତ ଅସ୍ଥି ମଳ ପ୍ରଭୃତି ଶ୍ରାବଣମାସର ଜଳଧାରା ପରି ବୃଷ୍ଟି ହୋଉଥିଲା ; ବିକଟ ଗର୍ଜ୍ଜନ କରି ରାକ୍ଷସୀମାନେ ବିଷଧର ସର୍ପାକୃତିରେ ଏପରି ପ୍ରବଳବେଗରେ ଭୂମିରେ ସଞ୍ଚରଣ କଲେ ଯେ ଭୂମିରେ ପାଦ ନିକ୍ଷେପ କରିବାକୁ ସ୍ଥାନାଭାବ । କିନ୍ତୁ ମହାରାଜ ! ଆର୍ଯ୍ୟଙ୍କର ପ୍ରଚଣ୍ଡ ବାଣ ପ୍ରତାପରେ ଆମ୍ଭମାନଙ୍କର ଲେଶମାତ୍ର କ୍ଷତି ହୋଇନାହିଁ । ଆମ୍ଭେମାନେ ପରସ୍ପରକୁ ରକ୍ଷା କରି ରାକ୍ଷସୀକୁ ଅତିଶୟ ବ୍ୟତିବ୍ୟସ୍ତ କଲୁଁ ।

ରାଜା – ତଦନନ୍ତରେ କଣ୍ ହେଲା ?

ଲକ୍ଷ୍ମଣ ।— ଶେଷରେ ରାକ୍ଷସୀ କ୍ରୁଦ୍ଧ ହୋଇ ତିନି ଚାରି ଯୋଜନ ଊର୍ଦ୍ଧ୍ୱକୁ ଉଠିଗଲା । ସେହି ଉଚ୍ଚ ପ୍ରଦେଶରେ ଊର୍ଦ୍ଧ୍ୱକୁ ପଦ ଓ ନିମ୍ନକୁ ମୁଖ ରଖି ଗେରଗୃଧ୍ରା ପରି ମୁଖ ବ୍ୟାଦାନ କରି ଆର୍ଯ୍ୟଙ୍କ ଉପରକୁ ବିଦ୍ୟୁତ୍ ପ୍ରାୟ ଧାବିତ ହେଲା । ମହାରାଜ ! ସେହିଦିନ ଆପଣ ଭାଇଙ୍କ ନିକଟରେ ଥିଲେ ସହସ୍ର ବାର ଆଲିଙ୍ଗନ କରି ଥାଆନ୍ତେ । ଏପରି ଲଘୁହସ୍ତ ଏପରି ପ୍ରତ୍ୟୁତ୍ପନ୍ନମତିତ୍ୱ, ଏପରି ବୀରତ୍ୱ ! ଚକ୍ଷୁରେ ପଲକ ପଡ଼ିବା ପୂର୍ବରୁ ରାକ୍ଷସୀ ମୂର୍ଚ୍ଛିତା ହୋଇ ଭୂମିରେ ଶଯ୍ୟାକଲା—

ରାଜା ।— ବୋଧହୁଏ, ସେହି ମୁହୂର୍ତ୍ତରେ ପ୍ରାଣତ୍ୟାଗକଲା ?

ଲକ୍ଷ୍ମଣ ।— ନା; ସହସ୍ରବାର କର୍ତ୍ତିତହୋଇ ମୂର୍ଚ୍ଛିତ ହୋଇ, ଇତସ୍ତତ ବିକ୍ଷିପ୍ତ ହୋଇ, ଖଡ୍ଗରେ, ବାଣରେ ଶୂଳରେ ଶକ୍ତିରେ- କୌଣସି ଉପାୟରେ ତାହାର ଦୁଷ୍ଟ ଜୀବନ ବିନଷ୍ଟ ହୋଇ ନ ଥିଲା । ପୂର୍ବରୁ ବିଶ୍ୱାମିତ୍ର ମହର୍ଷି ତାଡ଼କା ପ୍ରାଣସଂହାର

Digitized by srujanika@gmail.com

କରିବାର ଉପାୟ କହୁଥିଲେ । ରାକ୍ଷସୀ ଆକାଶରେ ଅବସ୍ଥାନ କରିବାରୁ ଶରରେ ଅର୍ଦ୍ଧ ମନ୍ତ୍ରପୂତକର ଶର ପ୍ରୟୋଗ କଲେ । ତଦ୍ୱାରା ସୁମାନ ଦୂରଭାଗରେ ବରଞ୍ଚ ହୋଇ ରାକ୍ଷସୀ ପ୍ରାଣତ୍ୟାଗକଲେ ।

ରାଜା ।— ବତ୍ସ ! ପୂର୍ବ ସୁକୃତ ବଳରେ ମୁଁ ତୁମ୍ଭମାନଙ୍କୁ ଲାଭ କରି ସୁଖୀ ହୋଇଅଛୁ ।

ଲକ୍ଷ୍ମଣ ।— ଆପଣଙ୍କର ଚରଣ ଦର୍ଶନ କରିବାକୁ ଆମ୍ଭମାନଙ୍କର ପୂର୍ବରୁ କାମନା ଥିଲା । ଦୈବଯୋଗରେ ତାହା ପରିପୂର୍ଣ୍ଣ ହୋଇଅଛି ।

ରାଜା ।— ଆମ୍ଭମାନଙ୍କର ଏହି ମଙ୍ଗଳମିଳନର ସମସ୍ତ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପନ୍ନ ହୋଇନାହିଁ; ମୋର ଊର୍ମିଳା ନାମ୍ନୀ କନ୍ୟାକୁ ତୁମ୍ଭହସ୍ତରେ ସମର୍ପଣ କରି ନିଶ୍ଚିନ୍ତହେବ ।

ଲକ୍ଷ୍ମଣ ।— (ଅଧୋବଦନେ ମୌନ)

ରାଜା ।— ପୁନଶ୍ଚ ମୁଁ ଦେଖୁଛି ଦଶରଥମହାରାଜାଙ୍କର ଗୃହପୂର୍ଣ୍ଣ । ଆମ ଘରେ ମଧ୍ୟ ଗୃହ କନ୍ୟା । ତେଣୁ ବନ୍ଧୁତା ଅଧିକ ଦୃଢ଼ କରିବା ଲାଗି ଅବଶିଷ୍ଟ କନ୍ୟାଦ୍ୱୟ ଭରତ ଓ ଶତ୍ରୁଘ୍ନଙ୍କୁ ସମର୍ପଣ କରିବ । ଦଶରଥମହାରାଜା ଏଠାରେ ପହଞ୍ଚିଲେ ସକଳ କାର୍ଯ୍ୟ ନିଷ୍ପତ୍ତିହେବ । ସମ୍ଭବତଃ ମହାରାଜା ଅସମ୍ମତ ହେବେନାହିଁ ? —

[ ବଶିଷ୍ଠଙ୍କ ପ୍ରବେଶ ]

ବ ।— ହେ ମହାରାଜ ! ଲକ୍ଷ୍ମଣଙ୍କୁ କଣ ବୁଝାଉଅଛନ୍ତି ?

ରାଜା ।— (ପଦଧୂଳିଗ୍ରହଣ କରି) ଗତ କଲ୍ୟ ଆପଣଙ୍କ ସହିତ ପ୍ରସ୍ତାବିତ ବିଷୟ ଲକ୍ଷ୍ମଣଙ୍କଠାରେ ବ୍ୟକ୍ତ କରୁଥିଲି ।

ବ ।— ଉତ୍ତମ କଥା ; ମୁଁ ଏ ବିଷୟରେ ଅତ୍ୟନ୍ତ ଆନନ୍ଦିତହେବ । ମୋ ନିମିତ୍ତ ରାଜକୁମାରଦ୍ୱୟ ଗୃହ ତ୍ୟାଗ କରି ଏସ୍ଥାନ

Digitized by srujanika@gmail.com

ପର୍ଯ୍ୟନ୍ତ ଅସିଥିଲେ, ଗୃହକୁ ଫେରଯିବା ସମୟରେ ସସ୍ତ୍ରୀକ
ହୋଇ ଗମନ କଲେ ମୋର ହୃଦୟ ପୁଲକିତ ହେବ ।

ରାଜା ।— ମୁନିଶ୍ରେଷ୍ଠ ! ଜଗତରେ କାହାଂ ସୃଷ୍ଟି ସ୍ୱର୍ଗ—
ହେମଦ୍ୱାର ପରିଶ୍ରାନ୍ତ ପୁରୁଷ କଣ୍ଠରେ,—
ଶୀତଳ ନିର୍ଝର ମାଳା, ଜୀବନ ସନ୍ତାପେ
ଉତ୍ତପ୍ତ ମାନବ ହୃଦେ,—ଅମୂଲ୍ୟ ତାରକା—
ପୂର୍ଣ୍ଣ ଶୂନ୍ୟହୃଦେ—କିନ୍ତୁ ବତ୍ସେ ! କନ୍ୟା ସୃଷ୍ଟି
ଜନକ ଜନନୀ ପକ୍ଷେ ଚିନ୍ତାଗୌର ପଥ—
ବ୍ୟସ୍ତ ଅମୂଲ୍ୟ ରତନ, ଅନିଶ୍ଚିତ ଧନ ;
କନ୍ୟାଜନ୍ମେ ଜନମଇ ବିଚ୍ଛେଦ ଭାବନା
ହୁଅନ୍ତି ପରିତାପ ଲଭି ଦୁହେଁ ସଙ୍ଗେ ସଙ୍ଗେ

ବ ।— ଏହିପରି ଚିନ୍ତା ସ୍ରୋତ ସର୍ବଦା ବହୁଛି ,—
ନବପଲ୍ଲବଶଯ୍ୟାରେ, ଶୀତଳ ଚନ୍ଦନେ,
କାନ୍ତାନବକିଶଳୟ-ଅଧର-ଅମୃତେ,
ସର୍ବଦା ପୀଡ଼ିତ ନୃପ ! ଭାବନା କଣ୍ଟକ:
ଭବକାର୍ଯ୍ୟେ ଔଦାସିନ୍ୟ-ସନ୍ତୋଷ-କୁଠାରେ
ନିର୍ମୂଳିତ ହୁଏ ଚିନ୍ତା; ମହାରାଜ ! ପୁତ୍ରି
ଅମିଶ୍ର ସୁଖ ବା ଦୁଃଖ ଜଗତରେ ନାହିଁ;
ଜନହିତପାଇଁ ସଦା ଯତ୍ନବାନ ହୋଇ,—
ମନୁଷ୍ୟ କର୍ମ ଅଧୀନ —ଈଶ୍ୱର ଯଦ୍ୟପି,
ଆଶା ବୈଫଲ୍ୟେ,ମାନବ ସନ୍ତୋଷେ ରହିବ,
ସଂସାରେ ସନ୍ନ୍ୟାସୀ ହୋଇ ସେ ଜନ ମହର୍ଷି ।

[ ଦୂତ ପ୍ରବେଶ ]

ଦୂତ ।— ମହାରାଜ ! ଅଯୋଧ୍ୟାପତି ନଗର ସୀମାନ୍ତର୍ଗତ ଉଦ୍ଧ୍ୱା-
ଉଦ୍ୟାନରେ ଉପସ୍ଥିତ ହେଲେଣି —

Digitized by srujanika@gmail.com

ରାଜା ।— କଣ କରିଛ ?

ମନ୍ତ୍ରୀ ।— ଚନ୍ଦ୍ରିକା ଉଦ୍ୟାନଠାରୁ କାଞ୍ଚନ ପ୍ରାସାଦ ପର୍ଯ୍ୟନ୍ତ ଗୋଟିଏ ଲତାକୁଞ୍ଜ ପ୍ରସ୍ତୁତ ହୋଇଅଛି । ଦୁଇ ପାର୍ଶ୍ୱରେ ଯୁବତୀମାନେ ମସ୍ତକରେ ସୁବର୍ଣ୍ଣ କଳସ ବହନକରି ଦଣ୍ଡାୟମାନ ହୋଇଅଛନ୍ତି । ମାର୍ଗରେ ମହାର୍ଘ ଶାଲର ଶଯ୍ୟା ବିସ୍ତୃତ ହୋଇଅଛି । ନାନାବିଧ ସୁବାସିତ ଜଳରେ ଯୁବତୀମାନଙ୍କର ବସନ ସିକ୍ତ ହେବାରୁ ସମସ୍ତ ମାର୍ଗ ସୁବାସିତ ହୋଇଅଛି । ଲତାକୁଞ୍ଜର ସ୍ତମ୍ଭ ନାନାର ରତ୍ନମାଳାରେ ଛନ୍ଦିତ ହେବାରୁ ଅପୂର୍ବ ଶୋଭା ଧାରଣ କରିଅଛି । ଊର୍ଦ୍ଧ୍ୱରେ ସ୍ଥାନେ ସ୍ଥାନେ ସୂର୍ଯ୍ୟଦେବଙ୍କର କିରଣରାଶି ଅବରୁଦ୍ଧ ଏବଂ ସ୍ଥାନେ ସ୍ଥାନେ ସୂର୍ଯ୍ୟଦେବ ଲତିକା ମଧ୍ୟଦେଇ ଶ୍ୟାମବର୍ଣ୍ଣ ଶାଲ ଉପରେ ସୁବର୍ଣ୍ଣ କିରଣ ବର୍ଷଣ କରିବାରୁ ପବନଦେବ କୌତୁକରେ ନବପଲ୍ଲବ ସମୂହ ସହିତ କ୍ରୀଡ଼ା କରୁଅଛନ୍ତି । ଚତୁର୍ଦ୍ଦିଗରେ ବାଦ୍ୟକରମାନେ, ସଙ୍ଗୀତଜ୍ଞ ବ୍ୟକ୍ତିମାନେ, ପଶୁଶିକ୍ଷା-ବିଶାରଦ ବ୍ୟକ୍ତିଗଣ, ମଲ୍ଲଶ୍ରେଣୀ ପ୍ରଭୃତି ରାଜାଙ୍କର ଏବଂ ଅନୁଚରମାନଙ୍କର ଆନନ୍ଦ ନିମିତ୍ତ ନିଜ ନିଜ ବିଦ୍ୟାର ପରିଚୟ ଦେବାଲାଗି ପ୍ରସ୍ତୁତ ହୋଇଅଛନ୍ତି । ଏହା ବ୍ୟତୀତ ସୀତା ଦେବୀଙ୍କର ବିବାହ କାଳୀନ ନଗରମଣ୍ଡନ ପୂର୍ବପରି ରହିଅଛି ।

ରାଜା ।— ଉତ୍ତମ କଥା- ମୁଁ ଏଥିଲାଗି ଅତିଶୟ ପ୍ରୀତ ହେଲି ।

ମନ୍ତ୍ରୀ ।— ଦଶରଥ ମହାରାଜା ରାଣୀମାନଙ୍କ ସହିତ କାଞ୍ଚନ ପ୍ରାସାଦରେ ରହିଲେ ଭଲ ହୁଅନ୍ତା ।

ରାଜା ।— ହଁ ଉତ୍ତମ ହେବ ।

ମନ୍ତ୍ରୀ ।— ତାହାହେଲେ ବର୍ତ୍ତମାନ ତାହା ସୁସଜ୍ଜିତ ହେଉଅଛି । ନୋହି-ଥିଲେ ତ ଆମ୍ଭମାନଙ୍କର ଅନେକ ସ୍ଥାନ ପ୍ରସ୍ତୁତ ଥିଲା ।

Digitized by srujanika@gmail.com

ରାଜା ।— ସେ ବଣପୂରେ ଚନ୍ଦ୍ରା ନାହିଁ । ବର୍ତ୍ତମାନ ଆମ୍ଭେମାନେ ସମସ୍ତେ ଯାଇ ମହାରାଜାଙ୍କୁ ଅଭ୍ୟର୍ଥନା କରିବା—

ମନ୍ତ୍ରୀ ।— ଅନୁଗ୍ରହପୂର୍ବକ ସେଠାରୁ ଭୁଞ୍ଜି ଦେଖି ଗଲେ ଭଲ ହେବ ।

ରାଜା ।—ଅଚ୍ଛା ହେଉ । [ ସର୍ବେ ପ୍ରସ୍ଥାନ

—•※⌒※•—

ପଞ୍ଚମଦୃଶ୍ୟ ।

ପ୍ରାସାଦ ମଣ୍ଡପ ।

[ ସୀତା ଓ ସ୍ନେହଲତା ପ୍ରବେଶ ]

ସୀତା ।— ସେ ଦିନ ଯେଉଁ ଗୀତଟି ଗାଉଥିଲ ସେଥିକୁ ଗାଇଲ ?

ସ୍ନେହ ।—( ହସି ) କାହିଁକି ? ସେ ଗୀତରେ ଏବେ ମନ ଲାଗିଛି କାହିଁକି ?

ସୀତା ।— ବର୍ତ୍ତମାନ ସମୟ ଦେଖି ଗାଇବାକୁ କହୁଛି । ନୀଳ ଆକାଶରେ ଉଜ୍ଜ୍ୱଳ ଚନ୍ଦ୍ରମା ବିରାଜମାନ ହୋଇଅଛନ୍ତି । ଏଇ ଦେଖ, ଚନ୍ଦ୍ରଙ୍କ ଉପରେ କପରି ମେଘମାଳା ଖଣ୍ଡ ଖଣ୍ଡ ହୋଇ ଭାସି ଯାଉଛି । ପ୍ରକୃତରେ ଚନ୍ଦ୍ର ସ୍ଥିରଭାବରେ ରହିଅଛନ୍ତି କିନ୍ତୁ ମନେ ହେଉଛି ଯେପରି ସେ ମେଘ ସଙ୍ଗରେ ଖେଳା କରୁଅଛନ୍ତି । କେତେବେଳେ ଲୁଚି ଯିବାରୁ ଶ୍ୟାମବର୍ଣ୍ଣ ମେଘ ଉଜ୍ଜ୍ୱଳ ହେମବର୍ଣ୍ଣରେ ରଞ୍ଜିତ ହେଉଅଛି । ଏଇ ଦେଖୁଛ ? ମେଘଖଣ୍ଡ ଚନ୍ଦ୍ରଙ୍କ ଉପରୁ ବାହାରିଗଲା, ଚନ୍ଦ୍ର ଆକାଶରେ ଏକାକୀ, ପୁଣି ଦେଖ କପରି ଆଉ ଖଣ୍ଡେ ମେଘ ସେଇ ସ୍ଥାନକୁ ଉଡ଼ି ଆସୁଛି । ତୁମ ଗୀତରେ ଏଇ ସୁନ୍ଦର ଦୃଶ୍ୟଟି ରସିକଭାବରେ ବର୍ଣ୍ଣିତ ହୋଇଅଛି— ତଥା ଏଥି ।

ସ୍ନେହ ।— ( ହସି ) ଅଚ୍ଛା, ତେବେ ଗାଉଛି—

Digitized by srujanika@gmail.com

[ ଗୀତ ]

( ସଖି ) ଘନ ତୋଳରେ

ଲୁଚୁଛି ଗଗନ ଚନ୍ଦ୍ର, ମଧ୍ୟ ନିଶାରେ ।
ନୂତନ ଜଳଦ ଅଙ୍ଗେ      ଆଲିଙ୍ଗନ କରି ରଙ୍ଗେ
ତେଜାଏ ଅତୁଳ ମନ ମୃଗ ତୃଷାରେ । ୧ ।
ଜୟ ଗୋ ଜୟ ସଜନି      ଦର୍ଶାଇ ସେ ଚନ୍ଦ୍ର ପୁଣି
ଆକାଶରେ ଏକାକିନୀ ଅଭିମାନରେ । ୨ ।
ପୀରତି ଜଗତ ମାନ      ସନ୍ଧିଲେ ରେଖା ସମାନ
ଚୁମ୍ବନେ ହୁଅଇ ପୁନ ମିଳନ କ୍ଷଣରେ । ୩ ।

ଚ ? କଣ ଭାବୁଛ ?

ସୀତା ।—ଭାବୁଥିଲି, ଏହି ଚନ୍ଦ୍ରକୁ ଯେବେ ଅଯୋଧ୍ୟା'ରେ ଦେଖିବ— ମୋ ଶ୍ୱଶୁର ଆସିଛନ୍ତି, ଦେଖିଛ'ନା ?

ସ୍ନେହ ।—ହଁ ଦେଖିଛୁ—ଅନ୍ଧ ଲୋକ, ଦେଖିଲେ ଭକ୍ତି ହୁଏ ।

ସୀତା ।— ଅଜ ପ୍ରଣାମ କଲାବେଳେ ମତେ ଯେଉଁ ଆଦର ବଚନ କହିଲେ, ଜନ୍ମରେ ଭୁଲିବି ନାହିଁ । ବିଧାତା ମୋ ପ୍ରତି ଟିକିଏ ସଦୟ ଅଛି ।

ସ୍ନେହ ।—କଣ୍ ନୋହିଲା କି ? ସବୁ ଭଲ ହୋଇଛି । ଅଯୋଧ୍ୟାର ରାଣୀହେବ, ରାମଚନ୍ଦ୍ରଙ୍କପରି ପୁରୁଷର ହାତ ଧରିଲ । ପୁତ୍ରୀ ଭୋହୁଣୀ ଛଟୋଟି ଯା ହେଲେ, ଯାଠୁଁ ସୁଖ କଣ ?

[ ଦାସୀଦ୍ୱୟ ସହିତ ଊର୍ମିଳା ପ୍ରବେଶ ଓ ସୀତାଙ୍କର ଆସନ ନିକଟକୁ ଗମନ ]

ପ୍ରଥମାଦାସୀ ।—ଭୂମତ ପାଖରୁ ଆସିବେ ବୋଲି ଉଚ୍ଛନ୍ନ ହେଉଥିଲେ ।

ସୀତା ।— ହଁ ବେଶ ହେଲା ।

ପ୍ର, ଦାସୀ ।—ବର୍ତ୍ତମାନ ତାହାଙ୍କର ବିବାହ ନିମିତ୍ତ ବେଶ କଲେ ଭଲ ହୁଅନ୍ତା ।

Digitized by srujanika@gmail.com

[ ବେଶ ସାମଗ୍ରୀ ଘେନି ରାଣୀ, ସ୍ନେହଲତା ଓ ଦାମିନୀ ପ୍ରବେଶ ]

ରାଣୀ ।— ନେ ଲୋ ମାଁ, ତୋର ପାଖରେ ଏ ସବୁ ଥାଉ । ସେ ତୋର ପାଖରେ ବସି ଦେଖି ଦେବ ।

ସୀତା ।— ଅଚ୍ଛା ମା ମୁଁ ବେଶକରେଁ ?

ରାଣୀ ।— କ କଲେ ଯଭ ଜଣ ?

ସ୍ନେହ ।— ( ଊର୍ମିଳାଙ୍କ ପ୍ରତି ) ନୋହିଲେ ବହିକୁ ଡାକଥିଲେ ବେଶ-କରିବ ( ଊର୍ମିଳା ଠେଲି ଦେବାରୁ ) ଦେଖ ଲୋ ମା, ମତେ ମାରୁଛ ଦେଖ, ଝିଅଙ୍କର ଗୁଣତ ଏପରି ଜୋଇମାନଙ୍କର ଗୁଣ ଫେର ତତୋଧିକ ।

ଦାମି ।— ଏତଥର ଜୋଇଁ ମେଳା୨ ହେଲେ ?

ରାଣୀ ।— ହଁ, ଜୋଇଁବୋଲି ଗୃହିଣୀ, ସେଥିଲାଗି ମେଳା୨ । ମୁଁ ଯାଉଛି ଲୋ ମା ଯାଉଛି, ସ୍ନୁଷା ଠାକୁର କେତେ ଶୁଣିବ ।

ଦାମି ।— ଯାହା ହେଉ ଜୋଇଁଗୁଡ଼ାକ ତଙ୍କତ୨ ଥିଲେ ଅମମାନଙ୍କୁ ଗଢ଼ଣା ସାଢ଼ି ମିଳନ୍ତା— ମା ! ଆଜ କଣ ଭାରି ଶୁଭଲଗ୍ନ ?

ରାଣୀ ।— ଜାଣନାହିଁ ମା— ମୋର ଇଚ୍ଛା ଥିଲା ବଡ଼ଜୋଇଁ କିଛି ଦିନ ଏଠାରେ ରହନ୍ତେ, ଧୀରେ ଧୀରେ ଝିଅମାନଙ୍କୁ ବାହା କରନ୍ତି । ଶଶୁର ବୁଢ଼ାଙ୍କର ମନ ଥାଇ ସ୍ଥିର ହେଲା ନାହିଁ । ତାଙ୍କର ଇଚ୍ଛା ହଠାତ୍ ହଠାତ୍ ପୁଅ ବୋହୂ ଘେନି ଅଯୋଧ୍ୟାକୁ ଫେରିଯିବେ— ଯାଉନ୍ତୁ ମୁଁ ତାହାଙ୍କୁ ବାନ୍ଧିରଖି ନାହିଁ ? ଗଣ୍ଠିରେ ଚଢ଼େଇ ଗୁଡ଼ିକ ବସିଥିଲେ ଉଡ଼ିଯିବେ—ଯାଉନ୍ତୁ, ଥାଆନ୍ତେ ମା ଯାଉଛି କେତେବେଳ ଅଛି ।

[ ଦାସୀଦ୍ୱୟ ସହିତ ପ୍ରସ୍ଥାନ

ସ୍ନେହ ।— ମାଙ୍କରତ ଭାରି ଇଚ୍ଛା ବଡ଼ଜୋଇଁ ଏଇଠି ରହିବେ, ଅମ ସୀତାଙ୍କର ଇଚ୍ଛା କଣ ?

Digitized by srujanika@gmail.com

ସୀତା ।— (ଦାମିନୀ ପ୍ରତି) ଅଗୋ ସେଇ ହଳଦିଆ ପାଟଶାଢ଼ିଖଣ୍ଡ ଆଣି-
ଥିଲେ କିନା ଭଲ ହୋଇଥାଆନ୍ତା ?

ଦାମି ।— ମତେ ଯାହା ଦେଲେ ସେଥି ଆଣିଲି — ମୁଁ କଣ କରିବି ?

ସୀତା ।— ନା ନା ସେ ଭଲ ଦେଖାଉ ନାହିଁ ତୁମେ ଯାଇ ମାଗି ଆଣିବ ।

[ ଦାମିନୀ ପ୍ରସ୍ଥାନପ୍ରାୟା

ସ୍ନେହ ।— ଅଗୋ ! କଥାରେ ଗୋଳେଇଛ କାହିଁକି ?

ସୀତା ।— (ଦାମିନୀ ପ୍ରତି) ଶୁଣ ଗୋ ଶୁଣି ଯା, ମୋ ସିନ୍ଦୁକ ଉପରୁ ସେଇ
ପାଟଥି ଖଣ୍ଡ ଆଣିବ ।

ସ୍ନେହ ।— (ଦାମିନୀ ପ୍ରତି) ଶୁଣ ଗୋ ଶୁଣ ; ଆଉ ଗୋଟିଏ କଥା ;
ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ କହିବ ବୋହୂମାନେ ଏଇଠି ଅଛନ୍ତି—

[ ଦାମିନୀ ପ୍ରସ୍ଥାନ

ସୀତା ।— (ହସି) ଅଗୋ, ତୁମର ମରଣ କେବେ ହେବ ? ସାନ
ବୋହୂଣୀ ମୋର ବସିଛି ତୁମେ ଯା ଲଜ୍ଜା କରୁଥାଉଛ !

ସ୍ନେହ ।— ହଁ ବସିଛି ସାନ, କିନ୍ତୁ କହୁନାହିଁ ବୋଲି, ନହେଲେ ତୁମକୁ
ପାଠ ପଢ଼େଇ ପାରେ (ଊର୍ମିଳାକୁ ଠେଲିଦେଇ) ଅଗୋ କିନ୍ତୁ
କହୁ ନା ମତେ ଲାଜ ଦେଉଛ ?

ସୀତା ।— (ହସି) ଆଉ ତୁମକୁ ମୁଁ ପାରିବି ନାହିଁ ।

ସ୍ନେହ ।— ମତେ କିଏ ପାରେ ଯେ ତୁମେ ପାରିବ ।

[ ଦାମିନୀ ପୁନଃ ପ୍ରବେଶ ]

ସୀତା ।— (ଦାମିନୀ ପ୍ରତି) ସହି ! ଆଉ ଟିକିଏ କଷ୍ଟ କରିବ ।
ସେନାପତିଙ୍କ ପୁଅ ଆଗରେ କହିବ ସ୍ନେହ କହୁଥିଲେ—
କହିଦେବ ନା ?

ସ୍ନେହ ।— ଅଁ ଘରରେ ତାଙ୍କୁ କହିବ ଏ ସବୁ ମିଛ ।

ସୀତା ।— ଅଚ୍ଛା ହେଉ, ମୋର ପରି ଆଉ କିଛି ଉପାୟ ନାହିଁ ?
ବର୍ତ୍ତମାନ ଥାଉ ; ତୁମେ ଆସ ମୁଁ ବେଶ କରିବି—

Digitized by srujanika@gmail.com

[ ସମସ୍ତଙ୍କର ଭୂମିରେ ଉପବେଶନ; ସୀତା ଚକ୍ରଭଦ୍ରା ଯେନ
ଉର୍ମିଳାଙ୍କର ବେଶ କଣ୍ଠସୂତ୍ର ହାତରେ ପଠସେପଣ ]

—*○*—

ଷଷ୍ଠଦୃଶ୍ୟ ।

ରାଜପଥ ।

ବିଦୂ ।— ମତେ ବୋଧହୁଏ ବିଧାତାର ବୁଦ୍ଧି ଠିକ ମୋର ବୁଦ୍ଧିପରି ମୋଟା । କାହିଁକି? କାରଣ କଣ ? ସାଙ୍ଗେ ସାଙ୍ଗେ ପ୍ରମାଣ । ଦଶରଥ ମହାରାଜା ଚାରି ପୁଅଙ୍କୁ ବିବାହ କରାଇଲେ ବୋଲି ପ୍ରତ୍ୟେକ ଦିବସ ଲୋକମାନଙ୍କୁ ଚାରିଥର ଭୋଜନ ଦେଉଅଛନ୍ତି , ଜନକରାଜାଙ୍କର ଚାରିକନ୍ୟା ବିବାହ ହେଲେ ବୋଲି ସେ ବି ପ୍ରତ୍ୟେକଦିନ ଚାରିଥର ଖୋଉ ଅଛନ୍ତି । ଏବେ କରିବା କଣ ? ମନୁଷ୍ୟର ପେଟ ଏକ । ଗୋଟିଏ ପେଟରେ ଅଠଥର ଦିନରେ କିପରି ଖିଅଯିବ ? ପାଞ୍ଚଥର କଷ୍ଟେ ଖାଇଲେ ଅଜୀର୍ଣ୍ଣ ବଡ଼ ଦରକାର ହେବ । ସେଥିଲାଗି କହୁଚି ବିଧାତା ମନୁଷ୍ୟକୁ ଅନ୍ତ ଗୋଟିଏ ଗୋଟିଏ ପେଟ ଦେଇଥିଲେ ସୁବୁଦ୍ଧିର ପରିଚୟ ଦେଇ ଥାଆନ୍ତା । ଏଇ ପିଠି ପାଖକୁ ଦେଇଥିଲେ ଭଲ ହୋଇ ଥାଆନ୍ତା । ତାହାର ଗୃହ ମୂହ ଚାରିପେଟ, ମନୁଷ୍ୟମାନଙ୍କୁ ଦୁଇପେଟ ଦେଇଥିଲେ ଷଡ଼ ନ ଥିଲା । ହୋଉ ପେଟ ତ ଦେଲା ନାହିଁ , ଅଜୀର୍ଣ୍ଣ ନ ହୁଅନ୍ତା ତ । ଏବେ ଚାରିଅଡ଼ୁ ଅସୁବିଧା ବାଣ, ଖାଉଟି ଲୋକ କରିବ କଣ୍ ? ବିନ୍ଦୁ ରାଜାମାନଙ୍କୁ ଅଷ୍ଟ ଯୋଗ ପଡ଼ୁଛି । ପଇସା ବଞ୍ଚୁଛି, ଏଣେ ଖୁବ ଖୋଉଛନ୍ତି ବୋଲି ନାମ ବଢ଼ୁଛି । ଏ ଛକଉପରେ ଖଣ୍ଡ ରଟି ମୋ ଜମା । ହେଲେ କଣ୍ ହେବ, ମୁ ଭଲକରି ଖାଇପାରୁ ନାହିଁ ।

Digitized by srujanika@gmail.com

ତଥାପି ଅଧଘଣ୍ଟାକ ପର ପେଟ ପୁର ଅଙ୍ଗୁଳ ବସିଲେ ପୁନର୍ବାର ପୂର୍ଣ୍ଣହୁଏ । ଏ କିବ ଯାଉଚ ଲୋ ?

ଜନୈକଥାଇଭିକାରୁଣୀ ।—କଲୋ ମା, କେତେ ଖାଇବ କି ? ମୁଁ ଆଉ ଖାଇବ ନାହିଁ ଯାଉଚ—

ବଟୁ ।— ଲୋ ଶୁଣି ଯା, ଶୁଣି ଯା ।

[ ଭିକାରୁଣୀ ପ୍ରବେଶ ]

ସଂସାରରେ ଖାଇବାଠୁଁ ବଳ ଆଉ କଥା ମିଛ । କହନ୍ତି ଧନବଡ଼, ମାନବଡ଼, ଯଶ ବଡ଼ । କିନ୍ତୁ ଜାଣିବୁ ଭୋଜନ ତଳେ ସବୁ । ଗୋଟିଦିନ ନଖା ଦେଖିବୁ ଯଶ, ମାନ, ଧର୍ମ ସବୁ ଖାଁ ଖାଁ ହୋଇ ଛାଡ଼ି ପଳେଇବେ—

ଭି ।— ମୁ ଆଜ ହଜମାନ୍ ପାଞ୍ଚବେଳ ଖାଇଲିଣି, ଆଉ ଖାଇ ପାରିବି ନାହିଁ [ ପ୍ରସ୍ଥାନ

ବଟୁ — ଏବେ କରିବି କଣ ? ଏହିକ୍ଷଣି ସନ୍ଧ୍ୟାହେବ, ଆଜ ସମସ୍ତ ଦିନ ଜମା ଦଶ ବାର ଜଣ ବ୍ୟକ୍ତିଙ୍କୁ ଖୋଇଲି । ଅଉତ କେହି ଖାଇଲେ ନାହିଁ ? ନ ଖାଇଲେ ମନେ ବଡ଼ ବିରକ୍ତ ବୋଧହୁଏ । ଖାଉଟି ଲୋକଙ୍କୁ ମୁ ବାବଚୌବସାଏଁ ନକ୍ଷୀବ ଦରମଲା ଲୋକଙ୍କୁ ଦେଖିଲେ ମୋ ହାଡ଼ ଜଳେ; ଯାହା ହେଉ ଅଜ ଜଣଙ୍କୁ ଅବଶ୍ୟ ଭୋଜନ ନ ଦେଇ ମୁଁ ଏଠୁଁ ଯାଉ ନାହିଁ । ସେ ମରୁ ବା ବଞ୍ଚୁ ମୋର ଯିବ ନାହିଁ । ରେ ରେ ଶୁଣି ଯା ଶୁଣି ଯା ।

[ ବାଳକ ପ୍ରବେଶ ]

ତୁ ଆଜ କେତେବେଳ ଖାଇଚୁ ?

ବାଳକ ।—ତିନବେଳ । ମୁଁ ଆଉ ସେ ଖାଇବ ।

ବଟୁ ।— ଦେଖେଁ ତୋ ପେଟ ଦେଖେଁ (ଦେଖିସାର) ତୋ ପେଟ ଢେର ବସି ଗଲାଣି, ତୁ ବୁଝିପାରୁ ନାହିଁ ।'

Digitized by srujanika@gmail.com

ବାଳକ ।—ମତେ ଭୋକ ନାହିଁ ଖାଇବି କପରି ?

ବଟୁ ।—ହେଉ ବସ୍ ଅଳ୍ପଟିକଏ ଗଲେ ଖାଇବୁ—

ବାଳକ ।—ମତେ ମା କହିଥିଲେ,ଚଞ୍ଚଳ ଘରକୁ ଯିବ । ଦଶରଥମହାରାଜାଙ୍କ ପୁତ୍ରମାନେ ନୂଆ ଯାହାହେବ, ମୁଁ ଯିବି । ଭାଇଝିଅ ସାଙ୍ଗରେ ଯାଇ ଥାଆନ୍ତି, ସେ ଘରେନାହିଁ ଭୁଅଛେ ଯାଉଛୁ । ହଁ, ଆଜ କେତେବେଳକୁ ଯାହା ହେବ ?

ବଟୁ ।— ହେବ ରାତ ପହରକ ବେଳକୁ । ତୁ ଖାଇସାରି ଟିକଏ ଶୋଇ ପଡ଼ିବୁ ଡେରି କରିବୁ ନାହିଁଟି । ତାହା ହେଲେ ଭଲଯାଗା ପାଇବୁ ନାହିଁ ।

ବାଳକ ।—ଅଚ୍ଛା ମୁଁ ଆଜ ଘରକୁ ଯିବନାହିଁ ଏଇଠି ଥିବି ।

ବଟୁ ।— ସନ୍ଧ୍ୟାହେଲେ ମୁଁ ଭଣ୍ଡାରଘର ବନ୍ଦ କରିବି। ଅଚ୍ଛା ହେଉ; ବର୍ତ୍ତମାନ ତୁ ଭୋଜନକର ।

ବାଳକ ।— ନା ମତେ ଭୋକ ନାହିଁ ।

ବଟୁ ।—ଅଳ୍ପଟିକଏ ପଣାପି । ତତେ ଭୋକଅଚ୍ଛି ତୁ ବୁଝିପାରୁ ନାହୁଁ—

[ ପଣା ଓ ଅନ୍ୟାନ୍ୟ ଭୋଜନ ସାମଗ୍ରୀ ବାଳକକୁ ଦେଇ ସ୍ୱୟଂ ଗ୍ରହଣକାଳରେ ପୃଷ୍ଠଦେଶରୁ ୨ୟମନ୍ତ୍ରୀ ପ୍ରବେଶ ଓ ବଟୁକଙ୍କର ଗଳା ବସନଦ୍ୱାରା ଆକର୍ଷଣ ] —

୨ୟ ମନ୍ତ୍ରୀ ।— ଏଇଥରେ ବ୍ରାହ୍ମଣଟିର ପ୍ରାଣଗଲା ।

ବଟୁ ।— ଛାଡ଼ନ ଯାଉ ପଛକେ, ଆଗେ ରସଗୋଲ୍ଲା ପେଟକୁ ଯାଉ—

୨ୟ ମନ୍ତ୍ରୀ ।— ରସଗୋଲ୍ଲା କଣ ଏତେ ବଡ଼ ?

ବଟୁ ।—ହଁ ରେ ବାବୁ ହଁ ଯଜ ଯଡ଼ ?

୨ୟ ମନ୍ତ୍ରୀ ।— ( ଗଳଦେଶ ତ୍ୟାଗକରି ) ଆପଣଙ୍କର କଣ କ୍ଷୁଧା ନିବୃତ୍ତି ହୋଇ ନାହିଁ ?

ବଟୁ ।— ଏଜନ୍ମରେ ହେବ ନାହିଁ—

ବାଳକ ।— ମୁଁ ଯାଉଚି କାଲି ଖାଇବି, ଆଜ ଭୋକ ନାହିଁ [ ପ୍ରସ୍ଥାନ

Digitized by srujanika@gmail.com

ବଟୁ ।— ଗଲାତ ପଳେଇଗଲାତ !

୨ୟ ମନ୍ତ୍ରୀ ।—ଆପଣ ବାଲ୍ୟବୟସରେ ମୋ ଝୁଁଥକୁ ଉଡେଇଲେ, ଅଦ୍ୟ ତାର ଦେହ ସୁସ୍ଥ ନାହିଁ ।

ବଟୁ ।— ସ୍ନେହଲତା କଥା କହୁଚ ନା ? (ଉଚ୍ଚହାସ୍ୟ) ଗଛରେ ବାଜି-ମୁଣ୍ଡ ଫାଟିଗଲେ ଗଛର ଦୋଷ ! ଆପଣ ସମୂଳ ବୃତ୍ତାନ୍ତ ଶୁଣି ନାହାନ୍ତି ପରା ?

୨ୟ ମନ୍ତ୍ରୀ ।—କଣ ମୁଁ ଭଲକରି ଶୁଣି ନାହିଁ । ଯାହାହେଉ ପଡିଯିବାରୁ ତାର କନିଷ୍ଠାଙ୍ଗୁଳିରେ ବ୍ୟଥା ହୋଇଅଛି ।

ବଟୁ ।— ମୁଁ କଣ କରିବି ମୋର ଆଦୌ ଦୋଷନାହିଁ । ମୁଁ ସେନା-ପତିଙ୍କ ପିଣ୍ଡାରେ ଶୟନ କରିଥିଲି ସେଠି ଟିକିଏ ଭଲ ପବନ ଦେଉଥିଲା । କେତେବେଳେ—ଆପଣତ ଜାଣନ୍ତି— ମୋର ନାସାଦେଇ ପବନ ଦେବ କ୍ରୀଡ଼ା କରନ୍ତି । ତଥାପି ସେ ପିଣ୍ଡାରେ ଗର୍ଜ୍ଜନକାରୀ ଜନ୍ତୁଟିଏ କେବେ ଶୋଇ-ନାହିଁ । ସ୍ନେହଲତା ଆସିଲାବେଳକୁ ପ୍ରାୟ ଦଶଘଡି ରାତ୍ର । ସାଙ୍ଗରେ ଜଣେମାତ୍ର ଦାସୀଥିଲା । ମୁଁ ସେହି ସମୟରେ ବଡ ମୋଡ଼ିଲି— ଆଉ କଣ କାହିଁକି କପାଳକଥା— ଗର୍ଜ୍ଜନକରି ଖଟଉପରୁ ଗଡ଼ି ପଡ଼ିଲି । ସେ ପିଲାଟାତ ଭୟ ପାଇ ପଳାୟନ କଲା କଣ୍ଟଉ ପଡିଲା । ଆଉ ମୋ ଦୁଃଖ କେହି ଶୁଣିଲ ନାହିଁ । ଦାସୀବଗୃଣୀ ଅଗତ୍ୟା ମୋ ମୁଣ୍ଡ ଉପରକୁ ଗହଣା ପେଡ଼ିଟିଏ ଫୋପାଡ଼ି ଦେଲେ । ଏକଥା ମୁଁ କାହାର ଆଗରେ କହି ନାହିଁ ।

୨ୟ ମନ୍ତ୍ରୀ ।— ଆପଣ ପ୍ରକୃତ ଗୋଟିଏ ଜଥଲ୍ୟାଭୂତ ।

ବଟୁ ।— ହୋଉ ଯାହା କହିବ କହି ଯା ।

୨ୟମନ୍ତ୍ରୀ । —ଏବେ ଯିବା ଚାଲ । ଦଶରଥମହାରାଜାଙ୍କୁ ବିଦାୟଁଅଭ୍ୟ-

ର୍ଥନା କରାଯିବ । ନାନା ଦେଶରୁ ଉତ୍କୃଷ୍ଟ ଗାୟକମାନେ ଆସିଅଛନ୍ତି ।

ବଦୁ ।— ହଁ ଆପଣ ଟିକଏ ବସନ୍ତୁ ମୋର ଗୋଟିଏ ପ୍ରାର୍ଥନା ଅଛି ।

୨ୟ ମନ୍ତ୍ରୀ ।— କି ପ୍ରାର୍ଥନା ?

ବଦୁ ।— ମୁଁ ଆଦୌ ଗୀତଗାଇ ଜାଣେ ନାହିଁ । ଆପଣ ଅଚ୍ଛା ଗାଇ ଜାଣନ୍ତି ମତେ ପଦେ ଶିଖେଇ ଦଅନ୍ତୁ । ମୁଁ କାହାର ସାଙ୍ଗରେ ଏକସ୍ୱରେ ଗାଇପାରେ ନାହିଁ । କେତେବେଳେ ଆଗରୁ ଦୌଡ଼ିଯାଏଁ କେତେବେଳେ ପଛରୁ ପଡ଼ିଯାଏ ମତେ ବୋଧହୁଏ କଣ୍ଠ ମନ୍ଦ ଅଛି । ତା ନ ହେଲେ ଏକସ୍ୱରେ ଦୁଇଜଣ ଗାଇବା ଅସମ୍ଭବ କଣ କହୁଛନ୍ତି ?

୨ୟ ମନ୍ତ୍ରୀ ।—ମନ୍ଦ କଣ୍ଠ ନାହିଁ ଉପାୟ ଅଛି ; ଆପଣ କଚ୍ଛାଦନ ଅଳ୍ପ୨ ଭୋଜନ କରିବେ ।

ବଦୁ ।— ( ସ୍ୱଗତଉକ୍ତି ) କ ଅମର ଗୀତ ନ ହେଲା ? ଗୀତଲାଗି ମତେ ମାରିବ କଣ ।

୨ୟ ମନ୍ତ୍ରୀ ।—ନା ନା ବସନ୍ତୁ, ମୁଁ ଯେପରି ଗାଇବି ସେହିପରି ଆପଣ ଗାଇବାକୁ ଚେଷ୍ଟା କରିବେ ( ଗୀତ )

ହରନାମେ ଯାଏ ମାୟା କୃଷ୍ଠ ଜନିତ ପିପାସା

ବଦୁ ।— ( ତଦ୍ରୂପଅନୁକରଣ )

୨ୟ ମନ୍ତ୍ରୀ ।—ଅଚ୍ଛା, ମୋ ସଙ୍ଗରେ ଆପଣ ବୋଲନ୍ତୁ । ମୁଁ ଯାହା କହି-ବି ଆପଣ ସେୟା କହିବେ ( "ହରନାମେଯାଏ" ଇତ୍ୟାଦି )

ବଦୁ ।— ( ବେତାଳରେ ତାଳଦେଇ ଅଗପଛକୁ ଯାଇ ଗାୟନ )

୨ୟ ମନ୍ତ୍ରୀ ।—ଆପଣଙ୍କର ତ ତାଳଜ୍ଞାନ ନାହିଁ !

ବଦୁ ।— ନା, ମୋର ତାଳଜ୍ଞାନ ନାହିଁ କି ଚେନୁଜ୍ଞାନ ନାହିଁ, ମତେ ଶିଖେଇ ଦଅ ।

Digitized by srujanika@gmail.com

୨ୟ ମନ୍ତ୍ରୀ ।—ଅଚ୍ଛା ତାଙ୍କୁ ଶିଖିବେ । ଅଙ୍କ ଏଥର ଥାଉ ।
ବନ୍ଧୁ ।— ହୋଉ                                        [ ଉଭୟ ପ୍ରସ୍ଥାନ

[ ପଟକ୍ଷେପଣ ]

—•○✱○•—

# ପଞ୍ଚମ ଅଙ୍କ ।

## ପ୍ରଥମଦୃଶ୍ୟ ।

ଅନ୍ତଃପୁର

ଜନକ ଦଣ୍ଡାୟମାନ

ଜନକ ।— ( ଶୋକସ୍ୱରେ )

ଋଷି ମହର୍ଷି ପଣ୍ଡିତ ବହୁବ୍ୟକ୍ତି ସହ
କରନ୍ତୁ ଅନେକ ତର୍କ; ନାନା ବିଷୟରେ,
ଯାହା ଉପଦେଶ ଦେଇ ସ୍ୱୟଂକାର୍ଯ୍ୟ କରି
ପଥ ପ୍ରଦର୍ଶକ ହୁଏ ; କିନ୍ତୁ କି ହୋଇଲ।
ଆଜ ! ସାମାନ୍ୟ ମମତା ସୂତ୍ର ନ ପାରଇ
ଛେଦ ! ଅହା ! ସୁଖସିନ୍ଧୁ-ସୁଧାକର-ସୀତା
ଜୀବନ ମୋହର , ଯିବ ଅଯୋଧ୍ୟାକୁ ବୋଲି
ଏବେ ସ୍ୱରେ ନ ଜାଣଇ, ତାହାର ଧୈର୍ଯ୍ୟ—
ସ୍ତମ୍ଭ କମ୍ପିତ ନ ହେଲା ଆଜ, ଇନ୍ଦୀବର—
କାନ୍ତିଜିତ-ସୁକୁମାର ସୀତାନେତ୍ରେ ଦେଖି
ଲୋତକ ପ୍ରବାହ ; ବହୁକ୍ଷଣ ଲୌହପ୍ରାୟ
କରିଲି ହୃଦୟ , କିନ୍ତୁ କି ହୋଇଲା ଅହା ।
ଅଶ୍ୱାସ ବଚନେ ବାରି ପୋଛିବା କାଳରେ
ସୀତା ନେତ୍ରୁଁ , ନିଜେ ମୁହିଁ ଧୈର୍ଯ୍ୟ ଶୂନ୍ୟ ହେଲି,
କଠିନ ହୃଦୟ ତରଳଇ ଶୋକ ରସେ ।

Digitized by srujanika@gmail.com

ପଡ଼ୁଅଛୁ ମନେ ସୀତାଶୈଶବ ଅବସ୍ଥା ;
ପଡ଼ୁଅଛୁ ମନେ, ତାର ଅସ୍ପଷ୍ଟ ବଚନ
ତୃତୀୟ ବରଷେ ; ମନେ ପଡ଼େ କି ଉଲ୍ଲାସେ
ପ୍ରଫୁଲ୍ଲନୟନେ ମା ମା ବୋଲି ଧାଇଁଯାଏ
ଜନନୀ କୋଳକୁ , ମନେ ପଡ଼େ କି ମଧୁରେ
ବସି ମୋ କୋଳରେ ପରିହାସକଳ୍ପ ପ୍ରାୟେ
କରଇ ଅନୁକରଣ ଉଦ୍ୟାନ କୋକିଳ—
ଗୀତ , ଆଜ ସୀତା ମୋର କାନ୍ଦଇ କାତରେ !
ହାୟ ! ହାୟ ! ଦମ୍ଭ ଧର କପଟ ପାଷାଣ-
ପ୍ରାୟେ କରିବ ହୃଦୟ ? ପଡ଼ିଲେ ମନରେ
ବାରେ ସୀତା ଗୁଣମାନ ଦ୍ରବୀଭୂତ ହୁଏ
ମୋର କଠିନ ହୃଦୟ , ଉଷ୍ଣୋଦକେ ଯଥା
ତରଳେ ତୁଷାରଖଣ୍ଡ ; ସ୍ୱାମୀସହବାସ,
ଶ୍ୱଶୁରାଳୟବସତି କଷ୍ଟପ୍ରଦ ନୁହେ
କିନ୍ତୁ ସୁକୁମାରୀକନ୍ୟା ସହି ପାରୁନାହିଁ
ବିଚ୍ଛେଦ ଅନଳତାପ ; ଜନକ ଜନନୀ—
ସ୍ନେହ ଦୁର୍ଲଭ ହୋଇବ , ଜନନୀ ଆଦର
ଛକା କଏ ଦେଖାଇବ ବୋଲି କାନ୍ଦୁଅଛୁ
ଅହର୍ନିଶ ; ଭବିଷ୍ୟତଚିନ୍ତା ପୁଣି ମୁଖେ
ଉଚ୍ଚାରଇ ଆଜଠାରୁ ସୁଖ ତାର ହେଲା
ସମାପତ, ଆଜଠାରୁ ନୟନରୁ ତପ୍ତ—
ଅଶ୍ରୁଧାରା ନିରନ୍ତର ବହୁଥିବ ; ହାୟ !
ନୃପତି ଜନକ ହୋଇ ସହିବ ଏ ବାଣୀ—
ସୀତା ମୋର ଭବିଷ୍ୟତେ ଦୁଃଖିନୀ ହୋଇବ —
ବାତୁଳ ବଚନ ସତ୍ୟ , କିନ୍ତୁ ମାନସରେ

Digitized by srujanika@gmail.com

ଉଠିଲେ ଏ ବିଷବାଣୀ , ପାଷାଣ ହୃଦୟ
ହୁଏ ଶତଧା ବିଦୀର୍ଣ୍ଣ—

( ଆସନରେ ବସି କିଛିକାଳ ମୌନ )

ଓଃ ! ଚିନ୍ତା ବୃଥାରେ
ଅଛି ପୀଡ଼ାର ପରାଣ ! କିଏ ବା କାହାର ?
ସଂସାର ନିର୍ଜନ ! ଜନ୍ମକାଳୁ ମୃତ୍ୟୁଯାଏ
ମନୁଷ୍ୟ ଏକାକୀ, ଏକା ଆସିଅଛି ପୁଣି
ଏକାକୀ ଅଦୃଶ୍ୟ ହେବ ; ଦେଖିଲିତ ମୁହିଁ
ମୋର ବୋଲି ଯେଉଁ ରତ୍ନ ଧରିଥିଲି ହୃଦେ
ନୁହେଁ ସେ ମୋହର ; ବାତୁଳ ପରାଏ କର
ମଣଇ ମାୟାସୂତ୍ରକୁ ନିଜ ପରିବାର—

[ ରାଣୀ ପ୍ରବେଶ ]

(ଗମ୍ଭୀରସ୍ୱରେ) ବସ । ଆଜ ବିଳମ୍ବ କାହିଁକି ? ସମସ୍ତ ପ୍ରସ୍ତୁତ ହୋଇଛିତ ?

ରାଣୀ ।— (ମ୍ଳାନସ୍ୱରରେ) ଆଜ୍ଞା କଣ ଅଛି, କହନ୍ତୁ —

ରାଜା ।— ସୀତା ବର୍ତ୍ତମାନ କଣ କରୁଛି ?

ରାଣୀ ।— ଉଦ୍ୟାନରେ ଥାନ୍ତି । ସଖୀମାନଙ୍କୁ କହୁଛନ୍ତି ଆଜଠାରୁ ଉଦ୍ୟାନକ୍ରୀଡ଼ା ଶେଷ ହେଲା, ଏବେ ମୁଁ ବିଷାଦ ଅରଣ୍ୟରେ ନିମଗ୍ନ ହେବି (ଅଞ୍ଚଳରେ ମୁଖଦେଇ ରୋଦନ)

ରାଜା ।— ସେ ବାୟାଣୀ କଥା ଶୁଣନା । ଦଶରଥ ମହାରାଜାଙ୍କପରି ଶ୍ୱଶୁର , ରାମଚନ୍ଦ୍ରଙ୍କ ପରି ସ୍ୱାମୀ ଲକ୍ଷ୍ମଣଙ୍କପରି ଦେବର ଥାଉଁ , ତାହାର ଲେଶମାତ୍ର ଚିନ୍ତା ନାହିଁ । ତୁମେକି ବାୟାଣୀପରି କାନ୍ଦୁଛ । ସ୍ୱାମୀଘରକୁ ଝିଅ ଯାଉଛି, ଅରଣ୍ୟକୁତ ଯାଉନାହିଁ , ଚିନ୍ତା କାହିଁକି ? ତେବେ ଆଦର ପଦାର୍ଥଟି ବିଚ୍ଛିନ୍ନ ହେଲା ବୋଲି କଷ୍ଟ । ହେଉ ଧୈର୍ଯ୍ୟଧର

Digitized by srujanika@gmail.com

ତଏ କାହାର ? ବୃଥାମାୟାରେ ସିନା ଅମ୍ଭେମାନେ ଭୁଲି ଯାଉଛନ୍ତି ?

ରାଣୀ ।— (ଶୋକସ୍ୱରେ) ହଁ ଠିକ କଥା —କେହି କାହାର ନୁହନ୍ତି —ମୁଁ ଥରେ ସୁଦ୍ଧା ଭାବି ନ ଥିଲି ଯେ ସୀତା ମୋହର ନୁହେ ।

ରାଜା ।— (ସ୍ୱଗତ)

ଏକୈକ ମୋହ ସୂତ୍ରରେ ମନୁଷ୍ୟ ଅବଦ୍ଧ,
ଆସକ୍ତି କରଇ ପୁଣି ଦ୍ୱିଗୁଣ ସେ ସୂତ୍ର ;
ସାଂସାରିକ ସୁଖ କେବେଁ ନିର୍ମଳ ନୁହଇ
ଭବିଷ୍ୟତ ଭୂତଚିନ୍ତା ବର୍ତ୍ତମାନ ସୁଖେ,
କୀଟପ୍ରାୟେ ଲୁକ୍କାୟିତ ଥାଏ; ଭବିଷ୍ୟତେ
ଦୃଷ୍ଟି ରଖି, ଯେଉଁ ବ୍ୟକ୍ତି, ନିର୍ଲିପ୍ତ ଭାବରେ
ଭୁଞ୍ଜେ, ବର୍ତ୍ତମାନ ସୁଖ, ବିଚ୍ଛେଦ ତହିଁରୁ
ତାକୁ ଅଳପ ଲାଗଇ, ଅଳପ ପୀଡ଼ଇ ।

ରାଣୀ ।—ହଜାର ହେଉ ମନ ସମାଳ ହେଉନାହିଁ । ଆଜି ସବୁବେଳେ କାନ୍ଦୁଛି, କାନ୍ଦି୨ ତାର ଚକ୍ଷି ପଡ଼ିଲାଣି, ବିଛଣାରେ ଶୋଇ କରି ମଧ୍ୟ ଶୁଁ ଶୁଁ ହେଉଥିଲା ।

ରାଜା ।—ହଁ ଆଉ କରିବା କଣ ? ତୁମେ ତାକୁ ଆଶ୍ୱାସ କରୁଥିବ ନିଜେ କାନ୍ଦିଲେ ତାକୁ ବୁଝେଇବ କିଏ ? ଅଛୁ ଛାଡ଼, ସେ କଥା ଛାଡ଼ ।—

ରାଣୀ ।—ଆଉ କଣ ଅଛି ? ସକଳ ସାମଗ୍ରିତ ପ୍ରସ୍ତୁତ ହୋଇଅଛି । ଯାତ୍ରା ସମୟର ନିକଟ ହୋଇ ଆସିଲା (ଅନ୍ତଲମୁଖରେ ବେଦନ)

ରାଜା ।—ଅଚ୍ଛାହୋଉ ଶୁଣ, ଫେର କାନ୍ଦିଲ କାହିଁକି ଶୁଣ, ଆମ୍ଭ-ମାନଙ୍କର ଯୌତୁକ ସମ୍ବନ୍ଧରେ ଦଶରଥ ମହାରାଜାଙ୍କର ରାଣୀମାନେ କଛି କହିଥିଲେ କି ?

Digitized by srujanika@gmail.com

ରାଣୀ ।—ଆଜି ଦଣ୍ଡକେ ଗୃହଟି ଶୂନ୍ୟ ହୋଇଯିବ । ସୀତାର କୋକିଳସ୍ୱନ ଆଉ କିଏ ଶୁଣିବ ? ( ରୋଦନ ପ୍ରାୟ )

ରାଜା ।— ତା ଅବଶ୍ୟ । ସେ ସବୁ କଥାରେ କେବଳ ମନଃତାପ ବ୍ୟତୀତ ଆଉ କିଛି ଫଳ ନାହିଁ । ହଁ, ରାଣୀମାନେ କଣ କହୁଥିଲେ ?

ରାଣୀ — ସମସ୍ତେ କହିଲେ ଲକ୍ଷ୍ମୀତୁଲ୍ୟ ଝିଅ ଗୋଟି କନ୍ୟା ଦାନକରି ଆଉ ଯୌତୁକର ପ୍ରୟୋଜନ ନ ଥିଲା ।

ରାଜା ।— ଆମ୍ଭେମାନେ ତ ବେଶି ଦେଇ ନାହାନ୍ତି ।

ରାଣୀ ।— କଣ ଦତ୍ତ ହୋଇଅଛି ମୁଁ ଆଜି ତାହାର ସମ୍ବାଦ ରଖି ନାହିଁ ।

ରାଜା ।— ପ୍ରାୟ ୧୦୦୦ ରତ୍ନଭୂଷିତ ରଥ, ୮୦୦୦ ହସ୍ତି, ଏବ ୮୦୦୦ ଘୋଟକ ଦତ୍ତ ହୋଇଅଛି । ଅଧିକ ମଧ୍ୟ ଏକଲକ୍ଷ ଧେନୁ ସ୍ୱର୍ଣ୍ଣ ଶୃଙ୍ଗରେ ମଣ୍ଡିତ ହୋଇ ପ୍ରଦତ୍ତ ହୋଇଅଛନ୍ତି । ଗଙ୍ଗାର ଉତ୍ତରକୁ ଆମ୍ଭମାନଙ୍କର ରାଜ୍ୟ ଶ୍ରେଣିକ ମଧ୍ୟ ଭୂମି ଦାନ ସ୍ୱରୂପ ପ୍ରଦତ୍ତ ହୋଇଅଛି, ଦାସ ଦାସୀଙ୍କର ସଂଖ୍ୟା ମଧ୍ୟ ଏକଲକ୍ଷ । ଏତେକ ପ୍ରଧାନ; ଏହାଛଡ଼ା ଅଳଙ୍କାର ବସନ ପ୍ରଭୃତି ଅନେକ ଦତ୍ତ ହୋଇଅଛି ।

ରାଣୀ ।— କେହି କିଛି ଆପତ୍ତି କରୁଥିଲେ କି ?

ରାଜା ।—ଦଶରଥ ମହାରାଜା କେବଳ ବୋହୂମାନଙ୍କୁ ଘେନି ଅଯୋଧ୍ୟାକୁ ଯିବାଲାଗି ବ୍ୟସ୍ତ । ତାଙ୍କର ଯୌତୁକ ପ୍ରତି ଭ୍ରୂକ୍ଷେପ ନାହିଁ, ମନ୍ତ୍ରୀମାନେ ମଧ୍ୟ ତଦ୍ରୂପ ।

[ ଦାସୀ ପ୍ରବେଶ । ]

ଦାସୀ ।— ସାରଥି କହିଲେ ସୀତାଦେବୀଙ୍କର ରଥ ପ୍ରସ୍ତୁତ ହୋଇଅଛି

ରାଜା ।—ଆଜି କିଛିକ୍ଷଣ ଠିଆ ହେବାକୁ କୁହ ।

[ ଦାସୀ ପ୍ରସ୍ଥାନ

Digitized by srujanika@gmail.com

ଅଧିକ ବିଳମ୍ବରେ ପ୍ରୟୋଜନ ନାହିଁ । ଗମନବେଳା ଅତି-
କ୍ରମ କରିବା ଉଚିତ ନୁହେ ( ନେପଥ୍ୟକୁ ଚାହିଁ ) ବୋଧହୁଏ
ସୀତା ଆସୁଛି ? —

[ ସଖିମାନଙ୍କ ସହିତ ସୀତା ପ୍ରବେଶ, କୋଳ କରିବା ପାଇଁ ରାଣୀଙ୍କର ହସ୍ତ ପ୍ରସାରଣ । ମାତାଙ୍କୁ ଆଲିଙ୍ଗନ କରି ତାହାଙ୍କ ବକ୍ଷୋଦେଶରେ ମୁଖ ରଖି ସୀତା ରୋଦନ ପ୍ରାପ୍ତା ]

ରାଣୀ ।—ମା ମୋର ଆଉ କାନ୍ଦନା, କାନ୍ଦି୨ ଦୁର୍ବଳ ହୋଇଗଲୁଣି
ଆଉ କାନ୍ଦନା ମା, ଛି ଆଉ କାନ୍ଦନା ( ସ୍ୱୟଂ ରୋଦନ ପ୍ରାପ୍ତା )

ସୀତା — ( ଶୋକରେ ଗୀତ )
ଜାଣି ନ ଥିଲି ମୁଁ ବିଚ୍ଛେଦ କଷଣ
ବାଣସମ ଲାଗେ ମରମେ ଗୋ ।

ରାଜା ।— ଏ ହେବ ଗୋ ସୀତେ ବିଚ୍ଛେଦ ହୋଇଲେ

ରାଣୀ ।— ଜୀବନେ କି କେବେ ଭୁଲିବି ମା

ସୀତା ।— କେ କହିବ କାଲ ବିଷମ ବିଗ୍ରହ
ଅଛି ଏବେ ମୋର କରମେ ଗୋ । ୧ ।

ରାଜା ।— ( ନିଜ ଚକ୍ଷୁରୁ ଲୋତକ ପୋଛି )
କାନ୍ଦନା କାନ୍ଦନା କାନ୍ଦନା ଗୋ ସୀତେ

ରାଣୀ ।— କାନ୍ଦିଲେ ଦେହରୁ ପରାଣ ଯାଉ

ସୀତା ।— ( ପିତାଙ୍କ ଚରଣ ଧରି )
ବୋଲ ବୋଲ ତାତ ମୋର ଭବିଷ୍ୟତ
କି ଯାତନା ଅଛି ଜୀବନେ ଗୋ । ୨ ।

ରାଜା ।— ( ସୀତାଙ୍କୁ ଉଠେଇ )
ବାତୁଳ ପରାଏ କାନ୍ଦନା ଜାନକି

ରାଣୀ ।— ଭବିଷ୍ୟତେ ସୁଖେ ରହିବୁ ମା

ସୀତା ।— ସତେକି ଜନନୀ ଦେଖିବି ଗୋ ପୁଣି
ମିଥିଳା ନଗର ଜନମେ ଗୋ । ୩ ।

Digitized by srujanika@gmail.com

ରାଜା ।— ଅଛୁ ଜାନକୀ ମା । ବର୍ତ୍ତମାନ ଠିକ ଗମନ ବେଳା ଏହି ସମୟରେ ପ୍ରସ୍ଥାନକଲେ ଭଲହବ । ତେଣେ ସମସ୍ତେ ଅପେକ୍ଷାକରି ଠିଆହୋଇଛନ୍ତି

ସୀତା ।— [ ସଖିମାନଙ୍କୁ ଧରି ପୁନରାୟ ଶୋକସ୍ୱରେ ଗୀତ ]

ସବେ ଏ ସଜନ ମନେ ରଖିଥିବ

ସଖୀଗଣ ।— ଜାଗୁଥିବ ସହି ହୃଦୟେ ଗୋ

ରାଜା ।—( ସୀତା କାନ୍ଦୁ କାନ୍ଦୁ ) ଏବେ ସମସ୍ତେ ଆସ । ସୀତାଙ୍କୁ ରଥରେ ଆରୋହଣ କରାଇ ଫେରି ଆସିବା ।

ସୀତା ।— ( ଗୀତ ) ସ୍ମରୁଥାଅ ସହି ଯାଉଛି ଗୋ ମୁହିଁ

ଭୁଲନା ଭୁଲନା ଜୀବନେ ଗୋ—

[ କାନ୍ଦୁ ୨ ସମସ୍ତଙ୍କସହ ପ୍ରସ୍ଥାନ ନେପଥ୍ୟେ ଘଣ୍ଟାଇ ରୋଦନ ]

—x—

## ଦ୍ୱିତୀୟ ଦୃଶ୍ୟ ।

### ପଥ ।

[ ଏକଦଳ ଖଡ୍ଗଧାରୀ ପଦାତି ପ୍ରବେଶ କରି ଅନ୍ୟଦିଗରେ ପ୍ରସ୍ଥାନ । ତଦନନ୍ତର ରାମ ଲକ୍ଷ୍ମଣ ପ୍ରବେଶ ]

ଲକ୍ଷ୍ମଣ ।—ଆର୍ଯ୍ୟ ! ଆସିଲା ବେଳେତ ଅମ୍ଭେମାନେ ଏହି ମାର୍ଗ ଦେଇ ଯାଇ ନ ଥିଲେ ?

ରାମ ।—ନା ଏ ମାର୍ଗ ନୂତନ । ସ୍ଥାନଟି ଅତ୍ୟନ୍ତ ନିର୍ଜ୍ଜନ ବୋଧ ହେଉଅଛି । କିଛିକ୍ଷଣ ଏଠାରେ ଭ୍ରମଣ କରିବା ।

ଲକ୍ଷ୍ମଣ ।—ଆଜ୍ଞା ହିଁ; ଅମ୍ଭମାନଙ୍କର ଅନେକ ରଥ ବର୍ତ୍ତମାନ ପଛରେ ଅଛି । ସେ ସବୁ ପହଞ୍ଚିଲେ ଅମ୍ଭେମାନେ ଯିବା ।

ରାମ ।—ଏହିପରି ଗୋଟିଏ ତରୁଶ୍ରେଣୀପରିବେଷ୍ଟିତ ଶୀତଳପବନସେ-

Digitized by srujanika@gmail.com

ବତ ନିର୍ଜନ ସ୍ଥାନ ଦେଖିଲେ ମୋ ମନରେ ବ୍ରାହ୍ମଣମାନଙ୍କର ପବିତ୍ର ନିର୍ମଳ ସ୍ୱଭାବ ମନେ ପଡ଼େ ।

ଲକ୍ଷ୍ମଣ ।—ତାର କାରଣ ଏହି,ଯେ ବ୍ରାହ୍ମଣମାନେ ପବିତ୍ର ହୋଇ ସର୍ବଦା ନିର୍ଜନ ସ୍ଥାନରେ ରହିବାକୁ ପ୍ରୟାସୀ ( ନେପଥ୍ୟର ସଙ୍ଗତମେ ଗହିଁ ) ଆର୍ଯ୍ୟ ! ସାବଧାନ ହୋଇ ଧନୁରେ ଗୁଣ ପ୍ରୟୋଗ କରନ୍ତୁ । ଏଇ ଦେଖନ୍ତୁ ଜଣେ ଉଗ୍ରମୂର୍ତ୍ତିଧାରୀ ବୀରପୁରୁଷ, ପ୍ରଚଣ୍ଡ ବହ୍ନି ଶିଖାପରି ଆମ୍ଭମାନଙ୍କ ନିକଟକୁ ଧାବିତ ହେଉଅଛି ! ପଦକ୍ଷେପରେ ଭୂମିକମ୍ପ ହେଲା ପରି ବୋଧହେଉଅଛି । ଅଗ୍ନେଇସହିତ କ୍ରୀଡ଼ା କରି ଦେଖନ୍ତୁ ତାହାର ପରଶୁ ଉପରି ଆକାଶରେ ନୃତ୍ୟ କରୁଛି ( ଖଡ୍ଗନିସ୍ତେଷ )

ରାମ ।—ଭୟ ନାହିଁ ଧୈର୍ଯ୍ୟଧର । ଆମ୍ଭେମାନେ କାହାର ଅନିଷ୍ଟ କରି ନାହାନ୍ତି । କେହି କିଛି କରି ପାରିବ ନାହିଁ ।

ଲକ୍ଷ୍ମଣ ।—ତଥାପି ଦେଖନ୍ତୁ ଉପରି ପ୍ରଚଣ୍ଡବେଗରେ ଆମ୍ଭମାନଙ୍କୁ ଉଦ୍ଦେଶ୍ୟ କରି କ୍ଷିପ୍ର ବଜ୍ରପ୍ରାୟ ସେହି ଉଗ୍ର ପୁରୁଷ ପ୍ରଧାବିତ ହେଉଅଛି !

ରାମ ।—( ଦର୍ଶି ) କି ଆଶ୍ଚର୍ଯ୍ୟ । ଏ ଯେ ବ୍ରାହ୍ମଣ ମୂର୍ତ୍ତି ! ବଲ୍କଲ ଭୂଷିତ ବକ୍ଷୋଦେଶରେ ପବିତ୍ର ଯଜ୍ଞୋପବୀତ ବିରାଜମାନ, ଗୈରିକ ବସନରେ ସର୍ବାଙ୍ଗ ଆଚ୍ଛନ୍ନ । ଊର୍ଦ୍ଧ୍ୱପୁଣ୍ଡ୍ର ଭାଲଦେଶରେ ଉପରି ପବିତ୍ର ଶୋଭା ଧାରଣ କରିଅଛି । ଏହି ବିପ୍ରମୂର୍ତ୍ତି ଦେଖି ମୋ ମନରେ ଭକ୍ତି ଉଦୟ ହେଉଅଛି, ତୁମର ଭୟ କାହିଁକି ? କୌଣସି କାରଣବଶତଃ କ୍ରୁଦ୍ଧ ହୋଇଅଛନ୍ତି ବର୍ତ୍ତମାନ ଶାନ୍ତ ହୋଇ ଯିବେ । ଓହୋ ! ଚିହ୍ନିଲି ଚିହ୍ନିଲି, ବୀରବେଶରେ ବୋଧହୁଏ ପର୍ଶୁରାମ ଆସୁଅଛନ୍ତି—

Digitized by srujanika@gmail.com

[ ପର୍ଶୁରାମ ପ୍ରବେଶ ]

ପର୍ଶୁରାମ ।—( ସ୍ୱଗତରେ )

ତୁହି ତରେ ସୂର୍ଯ୍ୟବଂଶେ ଅଦ୍ୱିତୀୟ ରଥ,
ଧନ୍ୱଧାମେ ରଘୁ ବୋଲି ଜଗତେ ବୋଲାଉ,
କ୍ଷତ୍ରିୟ କୁଳ ଉଜ୍ଜ୍ୱଳ କରିବାକୁ ପୁଣି
ହୋଇଛୁ କୃତ ସଂକଳ୍ପ ? ରେରେ ଅହଂକାରୀ
ଦୁର୍ଦ୍ଦାନ୍ତ ରାଘବ ! ମନେ କି କରୁଛୁ ତୁହି
ଶୌର୍ଯ୍ୟ ବୀର୍ଯ୍ୟେ ବ୍ରହ୍ମାଣ୍ଡରେ ଏକମାତ୍ର ବୀର,
ସଂହାର ତାଡ଼କା ପ୍ରାଣ ବୀଙ୍ଗୁଣୁ ଯେ ଥିଲୁ ?
ରେରେ ଜଘନ୍ୟଖଦ୍ୟୋତ ! କି ଗର୍ବରେ ତୁହି
ପ୍ରଚଣ୍ଡ ମାର୍ତ୍ତଣ୍ଡ ପ୍ରଭା ମଳିନ କରିବୁ ?
( ସ୍ୱଗତ ) କି ଆଶ୍ଚର୍ଯ୍ୟ ! ଲୁଣ୍ଠିଭୂତ କ୍ଷତ୍ରିକୁଳ, ରକ୍ତ—
ଧୌତ ହୋଇ ସୁଦ୍ଧା ସଞ୍ଚୁଥିଲା ଅଗ୍ନି ବିନ୍ଦୁ ,
ଦାବାନଳ ହୋଇ ଯାହା ଜ୍ୱଳିବ ସିଂହଲୁ ?
ରାମ ।—ମୁହିଁ ପ୍ରଭୋ ! ସୂର୍ଯ୍ୟବଂଶେ ନର୍ଜ୍ଜୀବ ସନ୍ତାନ,
ତବଦାସ ବୋଲି ମୋର ଅଛୁ ଯାହା ଗର୍ବ;
ନିରନ୍ତର ବିପ୍ର ପଦେ ଶରଣ ମୋହର;
ଦୟାକର ଦେବ ପ୍ରଭୋ ! କିଦୋଷ କରିଛୁ
ପବିତ୍ର ଚରଣେ ତବ, ପ୍ରଶାନ୍ତ ମାନସ
ଆଜ ଉଦ୍‌ବେଳିତ ହେଉଅଛି, ଉପୂଙ୍କର .
ନିଦାରୁଣ କ୍ରୋଧ ଝଂଝାବାତେ—ପ୍ରଳୟ ପବନେ !
ପ ।—( ସ୍ୱଗତରେ )
ଜାଣି କି ନ ଥିଲୁ ଅରେ ଜଘନ୍ୟ ମୂଷିକ !
ପର୍ଶୁରାମ-କ୍ଷତ୍ରକୁଳ- କାଳାନ୍ତକ-ନାମେ,
ହାହାକାର ଧ୍ୱନି ଉଠେ କ୍ଷତ୍ରିୟ କୁଳରେ,

Digitized by srujanika@gmail.com

ଭୂମିକମ୍ପ ହୃତ୍କମ୍ପ ପରଶୁ ଗର୍ଜନେ,
ସୁଖର ଧମନୀ'ରକ୍ତ ଶୀତଳ ହୁଅଇ ?
ତ୍ରିଗୁଣ ସପତବାର କ୍ଷତ୍ରିୟ ଜଗତ
ବିଧ୍ୱଂସିତ ହୋଇଥିଲା ଯାହାର ପ୍ରତାପେ
ଜୀବନ୍ତ ସେ ଥାଉଁ ଥାଉଁ କି ଗର୍ବରେ ଥରେ
ବର୍ବର ! ତୁଷାର-ଶକ୍ତ-ରଘୁକୁଳ-କୀଟ !
ଦେଖାଇଲୁ ଖରପଣ ଜନକ ମନ୍ଦିରେ,
କୀଟ-ଭୁକ୍ତ ଶିବଧନୁ ନିର୍ଭୀକ ଚିତ୍ତରେ
ଭାଙ୍ଗି, ବପଇଁରେ ନିଦ୍ରାଗତ ପରଶୁକୁ
କମ୍ପିତ କରିଲୁ ?

ରାମ ।— ଅଜ୍ଞାନ ପୂର୍ବକ ଯଦି
କରିଅଛି ଦୋଷ, ନତ ମସ୍ତକରେ ମୁହିଁ
ମାଗୁଅଛି କ୍ଷମା—

( ପଦଧାରଣ କରୁ ପଦାଘାତ ପାଇ ଉଠବ )

ଲକ୍ଷ୍ମଣ ।—( ସ୍ୱଗତରେ ) ଧୈର୍ଯ୍ୟ ଲୁପ୍ତ ହେଲା ମୋର ;
( ରଙ୍ଗରେ ଅଗାଡ଼ ବଢ଼ )
ବିଦୀର୍ଣ୍ଣ ନ ହୋଇ ବକ୍ଷ କିପରିରେ ତୁହି,
ସହିଲୁ ମୁହୂର୍ତ୍ତେ ହାୟ ! ଏ ଘୋର ଲାଞ୍ଛନା—
କ୍ଷତ୍ରକୁଳ-କୁଳାଙ୍ଗାର ଅହଂକାରୀ ଜଣେ
ନିର୍ଦ୍ଦୋଷୀ ଆର୍ଯ୍ୟଙ୍କୁ ଅଙ୍ଗେ ପଦାଘାତ କଲା !
ଯାଉ ଲକ୍ଷ୍ମଣ ପଷ୍ଣ—ଏଥର ଜୀବନ—
କୁଳରେ କଳଙ୍କ ଲାଗୁ, ଲୁପ୍ତ ହେଉ କୀର୍ତ୍ତି,
ଦଶରଥ ପୁତ୍ର ବୋଲି କେହି ନ କହନ୍ତୁ,
ରାମଚନ୍ଦ୍ର ଭ୍ରାତା ବୋଲି କେହି ନ ଚିହ୍ନନ୍ତୁ,
ନିଷ୍ପନ୍ଦ ନିସ୍ପନ୍ଦ ଅଛି ଏହି ଖଡ୍ଗଧାରେ,

Digitized by srujanika@gmail.com

ବଧିବ ଏ ଦୁଷ୍ଟଦ୍ୱିଜ ଦୁର୍ଦାନ୍ତ ବର୍ବର !

ପ ।—(ଉଚ୍ଚହାସ୍ୟ କରି)

ମୃତ୍ୟୁ ନିକଟ ହୋଇଲେ ଏହିପରି ଲୋକେ
ପ୍ରଳାପ କରନ୍ତି; ରେ ରେ ଅଜ୍ଞାନ ଅର୍ଭକ !
କ୍ଷତ୍ରିୟ-କୁଳ-କାମିନୀ-ମଣ୍ଡଳ ମଧ୍ୟରେ
ଅଦ୍ୟାପି କରୁଛୁ ବୋଲି ଏଗର୍ବ ବଚନ,
ମନେ କି କରୁଛୁ ତୁହି ଉତ୍ତରିବୁ ମତେ,
ଯାର ନାମେ ଡରେ ପୃଥ୍ୱୀ ? କ୍ଷଣକାଳ ରହ,
କ୍ଷତ୍ରିୟ-ରକ୍ତପିପାସୁ ଏହି ପର୍ଶୁ ମୋର,
ଲମ୍ବିତ ହୋଇବ ତୋର ସୁକୁମାର କଣ୍ଠେ;

ଲକ୍ଷ୍ମଣ ।—ରେ ରେ ବୃଥା ଅହଂକାରୀ ! ଅଧମ ବ୍ରାହ୍ମଣ !
ସାମାନ୍ୟ ଖଡ୍ଗରେ ଅଛି ଦେଖିବୁ ତୋ ଗୁଣ;
(ଅତି କରୁଣସ୍ୱରେ) ନୁହେ ମୁଁ କ୍ଷତ୍ରିୟ, ବିପ୍ର, ବୈଶ୍ୟ ଅବା ଶୂଦ୍ର
ବର୍ବର ନୁହଇ ମୁହିଁ ବର୍ବରଠୁଁ ହୀନ,
ଏବେ କାଳ ରହିଅଛି ଧୈର୍ଯ୍ୟଧର ହୃଦେ
ଦେଖିଏ ପାପ ନୟନେ ଆର୍ଯ୍ୟ ଅପମାନ !
ନର୍କ ଯନ୍ତ୍ରଣାକୁ ମୋର ନାହିଁ ତିଳ ଭୟ,—
ଏ ହୀନ ପରାଣ ନଷ୍ଟେ ନରକେ ପଡ଼ିବ,—
(ଗର୍ବରେ) ଯେପର୍ଯ୍ୟନ୍ତ ପଡ଼ି ନାହିଁ କଳଙ୍କ ବୋଳିତ
ତୋର ସରସ ମସ୍ତକ ଧରାଦେବଙ୍କ କୋଳେ !
ଏତେକ ଗର୍ବିତ ତୁହି ବୃଥା ଅହଂକାରୀ
ଶୀଘ୍ର ଅସ୍ତ୍ର ମୋର ପାଶ ଦେଖିବୁ ବୀରତ୍ୱ !

ରାମ ।—(କରଯୋଡ଼ି କାତର ସ୍ୱରେ)

କ୍ଷମାକର କ୍ଷମାକର ଦ୍ୱିଜକୁଳମଣି !
ସ୍ୱାଭାବିକ ଦୟାସ୍ରୋତ ବହୁ ତବ ହୃଦେ,

Digitized by srujanika@gmail.com

ସୁକୁମାର ଭାଇଁ ମୋର ଅଜ୍ଞାନେ ହୋଇଛନ୍ତି
କ୍ରୋଧୀ, ବାତୁଳ ବଚନ ତାର କ୍ଷମାକର
ପଦ ଭେଣ୍ଟି ଦେଇ— (ଲକ୍ଷ୍ମଣ ପ୍ରତି)

ରାଘବରେ ! କ୍ଷତ୍ରିୟ—
କୁଳନନ୍ଦନ, ବ୍ରାହ୍ମଣକିଙ୍କର, ବିନୀତ
ତରୁଣ ବୟସେ ଜନମ ହୋଇଣ, କପର
ଧରୁଛ ଖଡ୍ଗ ବ୍ରାହ୍ମଣ ସମ୍ମୁଖେ !
ଅଜ୍ଞାନେ କହୁଛ ଦୋଷ କ୍ରୋଧବଶ ହୋଇ
ବଧୋଚିତ ହୋଇବ ପାପ କ୍ଷମା ଭିକ୍ଷା କଲେ;

ଲକ୍ଷ୍ମଣ ।—କି ଶାସ୍ତ୍ର ପ୍ରମାଣେ ଅଜ୍ଞ ବୁଝିବ ହେ ଆର୍ଯ୍ୟ !
ବ୍ରାହ୍ମଣ ପଙ୍କ୍ତିରେ ଏହି ଦୁଷ୍ଟ ଜନ୍ତୁ ଅଛି !
କ୍ଷମାକର ପଦଧରି ମାଗୁଛି ଏତେକ,
ଆଜ୍ଞାଦେଲେ ମୁହୂର୍ତ୍ତକେ କାଟିବି ତା ଶିର,

ପ ।— (ସକ୍ରୋଧରେ)

ଅସହ୍ୟ ହେଉଛି କ୍ରମେ ତୋ କଟୁ ବଚନ,
ସ୍ୱୟଂ ଚତୁର୍ମୁଖ ଧାତା, ଲକ୍ଷ୍ମୀପତି, ଇନ୍ଦ୍ର,
ଦଶଦିଗପାଳ ଯଦି ଆସିବେ ଏ ସ୍ଥାନେ
କାହାର ବଚନ ଆଜ ନ ଶୁଣିବି କର୍ଣ୍ଣେ,
ଏହିକ୍ଷଣି ଶିର ତୋର ଭୂମିରେ ଲୋଟିବ ;
ବିନା ଯୁଦ୍ଧେ ଶିଶୁ ପ୍ରାଣ ସଂହାରିବି ନାହିଁ,
ସଂଗ୍ରାମେ କ୍ଷମତା ଥିଲେ ଅସ୍ତ୍ରରେ ପଚର,
କ୍ରମଶଃ ଜ୍ୱଳଇ କ୍ରୋଧ, ଅଉ ରକ୍ଷା ନାହିଁ ;—
ଏତେବାର କ୍ଷତ୍ରକୁଳ କଲି ନିକ୍ଷତ୍ରିୟ
ତୋପରି ନିର୍ବୋଧ ଜଣେ ଦେଖି ନାହିଁ କେବେ ।

ଲକ୍ଷ୍ମଣ ।—ସେବେ ଅହଂକାରୀ ବିପ୍ର । ପାଷଣ୍ଡ । ଧୂର୍ତ୍ତ !

Digitized by srujanika@gmail.com

ଏତେବାର ଋଷିକୁଳ ବିନାଶିଛୁ ବୋଲି
ଏତେ ଗର୍ବ ଯଦି, ତବ ତଦର୍ଥେ ମୋ ଆଗେ
କେତେ ଲକ୍ଷ୍ମଣ ପରଣ ପ୍ରହାର କରନ୍ତୁ ?
କେତେ ଲକ୍ଷ୍ମଣ ସ୍ୱରୂପ ଦେଖିବୁ ନୟନେ ?
କେତେ ଲକ୍ଷ୍ମଣ ଶୀରଭ୍ର କଳନ୍ତୁ ବାହୁରେ !

ପ ।—ଜାଣିଲି ତୁ ବାକ୍ୟଯୁଦ୍ଧେ ଅତ୍ୟନ୍ତ ନିପୁଣ
ଶସ୍ତ୍ରଯୁଦ୍ଧେ ଯୁଝିବାକୁ ଶକ୍ତି ନାହିଁ ତୋର;
ପିତୃ ପିତାମହ ନାମ ସ୍ମରଣ ତୁ କର
ଦଣ୍ଡେମାତ୍ର— (ଏମନ୍ତେ କହନ୍ତେ) ଶିବଧନୁ ଭଗ୍ନକାରୀ ରେରେ
ରାମଚନ୍ଦ୍ର ! ପ୍ରଥମରେ ତୋହର ପରାଣ
ଯୁଦ୍ଧେ ସଂହାର କରିବ, ବନ୍ଧୁଦନ ଭଣ—
ଅଗ୍ନି ନିର୍ବାପିତ ଅର୍ଣ୍ଣ, ଜାଳିକୁ ଯଦ୍ୟପି
ତାହା ହୃଦୟେ ମୋହର, ସନ୍ତୁଷ୍ଟ କରିବ
ତାକୁ ତୋ କଣ୍ଠ ଶୋଣିତେ,—

ରାମ ।—(କରଯୋଡ଼ି)                    କ୍ଷମା କର ଦ୍ୱିଜ !
ବ୍ରାହ୍ମଣ ପରମଗୁରୁ, ଦେବତା ଅବଧ୍ୟ,
ସକଳତୀର୍ଥଆଧାର, ପବିତ୍ରତାମୟ,
କିପରି ତବବିରୁଦ୍ଧେ ଅସ୍ତ୍ର ମୁଁ ଧରିବ ?
ଦୂରେ ଥାଉ ଯୁଦ୍ଧଚେଷ୍ଟା, ତବ ସମ୍ମୁଖରେ
ମୁହିଁ ତେଜିବ ଶସ୍ତ୍ରାଦି—(ଧନୁଃଶର ପ୍ରକୃତ ଭୂମିରେ ନିକ୍ଷେପ ଓ
ଜାନୁପାତ ପୂର୍ବକ)                    ବ୍ରାହ୍ମଣ ଚରଣ
ତଳେ, ଶରଣ ଲଭିଲେ, ପ୍ରୟୋଜନ ନାହିଁ
ଅସ୍ତ୍ରେ; ଏକାନ୍ତ ବାସନା ଯଦି ଅଛି ତବ
ସଂହାରିବ ଅପରାଧୀ ପାପିଜନ ପ୍ରାଣ,
ବଳୀକଲ୍ପବରେ ପ୍ରଭୋ ! ଦେଖାଉଛି ଶିର,

Digitized by srujanika@gmail.com

ଇଚ୍ଛାହେଲେ ପରଶୁରେ ଦୁଇଖଣ୍ଡ କର;
ହୋଇଥାନ୍ତା ଅଯୋଧ୍ୟାରେ ବିବାହ ଉତ୍ସବ,
କୌଶଲ୍ୟା ଜନନୀ ମୋର ବର ବଧୂ ଦେଖି
ନବ ବିଧୁ ପୂର୍ଣ୍ଣ ଶଶୀ ହୃଦୟେ ପୋଷନ୍ତେ,
ନ ହେଲା,— ଦଇବବଳେ କାର ବଳଅଛି ? —
ଅଗତ୍ୟା ବହିବେ ହୃଦେ ବିଷାଦ-ପାବକ;
ଜାନକୀର ସୁକୁମାର ବାହୁଯୁଗ୍ମ ଅଜ,
ମଣ୍ଡିଥାନ୍ତା ସ୍କନ୍ଧଦେଶ— ନ ହେଲା ! ନ ହେଲା !
ଦାରୁଣ ପରଶୁ ଆଜ ମଣ୍ଡିବ ମୋ ଶିର;
ପ୍ରକୃତରେ ଅପରାଧ କରିଛି ଯଦ୍ୟପି
ମରଣ ଅହ୍ଲାଦ ମତେ ଦ୍ୱିଗୁଣ ଲୁଟିବ;

ପ ।—( ସ୍ୱଗତ ) ସହସା କିପାଇଁ ମୋର ପ୍ରଜ୍ୱଳିତ ମନଃ
ପ୍ରଶାନ୍ତ ହୋଇ ଆସୁଛି ଏ ମୃଦୁ ବଚନେ ?
ସୁକୁମାର ନୃପଶିଶୁ ପରାଣ ବଧିଲେ
କି ଲାଭ ମୋହୋର ? ମୃଗଶିଶୁ ବିନାଶିଲେ
କି ନାମ ଲଭଇ ସିଂହ ? ତଥାପି ଯଦ୍ୟପି
ଆଜ, ଏ ଦୁଷ୍ଟବାଳକ ଜୀବନ ପାଇବ,
ଅହଂକାର ଚୂର୍ଣ୍ଣିକରି ଲଜ୍ଜା ଦେବି ତାକୁ,
( ରାମଚନ୍ଦ୍ରଙ୍କ ପ୍ରତି )
ନବବିବାହିତ ବୋଲି ଜୀବନେ ଯଦ୍ୟପି
ଏଦୃଶ ମମତା ଅଛି, ନ ନେବି ପରାଣ;
କହୁରେ ଯଦ୍ୟପି ପାରୁ ! ବୃଥା ଅହଂକାରୀ !
କହ କହରେ କିପାଇଁ ଅବଜ୍ଞା କରିଲୁ ?
ସାମାନ୍ୟ ଶଙ୍କର ଧନୁ ଭଗ୍ନକରି ଯଦି
ଗର୍ବ ପର୍ବତେ ତୋହର ପକ୍ଷ ଲାଗିଅଛି,

Digitized by srujanika@gmail.com

ଅଟେ ଛେଦକ ତାହାକୁ , ତତ୍ପରେ କଦାପି
ହେବ: ଏହୁ ଧନୁ ତେବେ ଭୂଷଣ ବ୍ୟବହୃତ
ହୋଇ, କାଠିନ୍ୟ ଲଭନ୍ତି, ଦେଖିବ ବପର
ଭୂହୁ ଗୁଣ ଦେବୁ ତହିଁ, କୋମଳ ମୃଣାଳ—
ଦଣ୍ଡ ବକ୍ରୀଭୂତ କର, ମୂଷିକ ଦକାଗ୍ରେ
ଅଷ୍ଟଯାବଂ ଭେହୁଚଣେ ଖର ହୋଇବାହିଁ ;

ରାମ ।—( ଧଣ୍ଡାପ୍ରମାଣ ହେଉ )

ବନ୍ଧୁଦନ୍ ଶିବଧନୁ ଜନକ ମନ୍ଦିରେ
ଜୀର୍ଣ୍ଣ ହୋଇ ପଡ଼ିଥିଲା, ଖଣ୍ଡଭଗ୍ନ ହେଲା,
ତେଣୁ ପ୍ରଭୋ ! ଅଲ୍ପମାତ୍ର ଅବନତ ହୋଇ
ନଜେ ନଜେ ଭାଙ୍ଗିଗଲା ହସ୍ତ ଦେଲାକ୍ଷଣି;
ବପର ଏଷଣି ବଭୋ ! ବଜ୍ରସମଧନୁ—
ହମଗିର ଉତ୍ତୋଳନେ ସମର୍ଥ ଯେ ହେବ,
ଯାହାର କାଠିନ୍ୟ ଗୁଣ ଦ୍ୱିଗୁଣ ବଢ଼ିଛି,
ପର୍ଶୁରାମ ସ୍ୱପବଣ ହସ୍ତଆଣ୍ଟା ଲଭି ,—
ମୋ ହସ୍ତେ ସହିବ ? ଭଗ୍ନକାହିଁ ଲେଶ ନାହିଁ;
ପବଣ ବ୍ରାହ୍ମଣ ପଦ ଶରଣ ଯାହାର,
ପର୍ଶୁରାମ ପଦ ରେଣୁ ଲଭନ୍ତି ଯେ ଜନ,
କଣ୍ଠ ଚନ୍ତା କାହିଁ ତାର କଷ୍ଟ ଭୟ କାହିଁ;

( ଧନୁ ସ୍ପର୍ଶ କରି ଗୁଣ ଯୋଡ଼ା ଖାଲରେ ରଖି )

ପ ।—( ସ୍ୱଗତ, ଉଦ୍ୱେଗେ ଅଧୀର ହୋଇ ) ଈଶ୍ୱର ଐଶ୍ୱର୍ଯ୍ୟ ! ଏକଣ ସ୍ୱପ୍ନ
ନା ମାୟା ! ଏ କଦାପି ମନୁଷ୍ୟ ଶରୀର ନୁହେ । ଗର୍ବରେ
ଅନ୍ଧହୋଇ ମୁଁ ନାରାୟଣଙ୍କୁ ମନୁଷ୍ୟ ଜ୍ଞାନ କରିଥିଲି ।
ଘୋର ଅପରାଧ କରିଅଛି, ବପର କାହିଁ ଯାଇବ ?

Digitized by srujanika@gmail.com

(ସ୍ତୋତ୍ରପାଠ ପୂର୍ବକ ।)

ନମୋ ଅନାଦି ଅନନ୍ତ ତ୍ରିଭୁବନ ନାଥ ମାୟାମୟ ବିଶ୍ୱମୋହନ ।
ତୁହି ସନାତନ ନିରଞ୍ଜନ ହରି, ତୁହି ସବୁ ଶକ୍ତି ପ୍ରକୃତି ପୁରୁଷେଶ
ଅଧେୟ ଆଧାର ତୁହି ହେ ଜୀବର ଚରାଚର ବିଶ୍ୱଜୀବନ ।୧।
ସତ୍ୱଗୁଣମୟ ତୁହି ଜ୍ଞାନ-ଜ୍ୟୋତି ତୁହି ହେ ଅଜ୍ଞାନ ସୁଗାଢ଼ ଅଗାଧ
ତୁ ଅଟୁ କାମୁକ ଜୀବ ହେଉ ତୁହି—ତମମୟ ଏହି ଭୁବନ ।୨।
ସବୁଠି ରହିଛୁ ପ୍ରତିବିମ୍ବ ପରି ତୁ ପୁଣି ଭ୍ରମକୁ ନାନାରୂପ ଧରି
ରୂପ ରସ ଆଦି ତୁହି ହେ ଅନାଦି ତୁହି କାର୍ଯ୍ୟ କର୍ମ କାରଣ ।୩।

ପ୍ରଭୋ ! ଘୋର ଅହଂକାର ବଶତଃ ମୋର ବିଷ୍ଣୁକଳା ବିଲୁପ୍ତ ହୋଇଅଛି । ବର୍ତ୍ତମାନ କ କାର୍ଯ୍ୟରେ ନିଯୁକ୍ତ ହେବ ଆଜ୍ଞା କରନ୍ତୁ ।

ରାମ ।—ହିମାଳୟରେ ଆଶ୍ରମ କରି ବିଶୁଦ୍ଧ ଚିତ୍ତରେ ଭଗବଚ୍ଚିନ୍ତା କର । ତୁମ୍ଭେ ସଂସାର ପାଇଁ ଅନେକ ହିତ କାର୍ଯ୍ୟ-ସାଧନ କରିଅଛ । ବର୍ତ୍ତମାନ ବିଶ୍ରାମ କର [ ପର୍ଶୁରାମ ପ୍ରସ୍ଥାନ] ( ଲକ୍ଷ୍ମଣଙ୍କ ପ୍ରତି ) ଆମ୍ଭେମାନେ ଚାଲ ଶୀଘ୍ର ରଥ ଆରୋହଣ କରି ଗୃହକୁ ପ୍ରସ୍ଥାନ କରିବା [ଉଭୟ ପ୍ରସ୍ଥାନ

—○✻✻✻○—

ତୃତୀୟ ଦୃଶ୍ୟ ।

ଅଯୋଧ୍ୟା ପ୍ରାସାଦ ତୋରଣ ।

[ କେତେକ ସ୍ତ୍ରୀ ଲୋକ ହୁଳହୁଳି ଓ ଶଙ୍ଖଧ୍ୱନି ସହିତ ରାମ ଏବଂ ସୀତାଙ୍କୁ ସପ୍ତ ଦୀପରେ ବନ୍ଦାପନା କରି ପୁର ମଧ୍ୟକୁ ଆନୟନ ।

କ୍ଷଣକାଳପରେ ପଟ ପରିବର୍ତ୍ତନ

ଅନ୍ତଃପୁର ଦୃଶ୍ୟ

Digitized by srujanika@gmail.com

ସିଂହାସନରେ ପଟ୍ଟେଶ୍ୱର ଅଙ୍ଗଲୁ ଉଜ୍ଜ ସୀତା ଓ ରାମ ଅଁଶୀନ, ସମ୍ମୁଖରେ ସଖୀଗଣ ଦୁଇ ଶ୍ରେଣୀରେ ହସ୍ତହୋଇ ମଧ୍ୟେ ପଦନୂପୁର ଝଙ୍କୃତ ଏକତାନରେ

ଗୀତ ]

ଶାନ୍ତିଧାମ ରାମନାମ ଗାଅ ତରୁଲତା କୁଞ୍ଜ କାନନେ
ଥାଏ ଯଦି କାର ମାନବ ନୟନ
ଦେଖିଯାଉ ଆଜି ଏ ଶୁଭ ମିଳନ
ଯୋଷାମଣି ସ୍ୱାମୀ ତପନୀୟ ଶୋଭା ଉଜ୍ଜଳନ୍ତୁ ଜାନକୀ ପଦ୍ମଅପଘନେ ।
ବଜାଅ ଦୁନ୍ଦୁଭି ତୋଳ
ଶରଧ ଭୁକ୍ତି ବେଳ
ଭେଟିବା ସ୍ୱଜନେ ସଜନ ସୀତା ରାମ ଚରଣେ
ଧାଇଁବ ମନ ମଧୁପ ସୀତା ରାମ ଚରଣେ । ୧ ।

[ ଯବନିକା ପତନ ]

ସମାପ୍ତ ।

Digitized by srujanika@gmail.com

# ଶୁଦ୍ଧିପତ୍ର । ॰

| ଅଶୁଦ୍ଧ | ଶୁଦ୍ଧ | ପୃଷ୍ଠା | ପଂକ୍ତି |
|---|---|---|---|
| ଅମ୍ଳାଙ୍କଳ | ଅମ୍ଳଙ୍କଳ | ୧୦ | ୧ |
| ଥଯୋଜବ | ଅଯୋଜନ | ୧୨ | ୧୭ |
| ଚଘବ | ଢଉବ | ୧୫ | ୨ |
| ସଦନେ ; | ସଦନେ, | ୧୫ | ୧୪ |
| ପୂଲ | ଫୂଲ | ୨୦ | ୧୩ |
| ସବ | ସବୁ | ୨୧ | ୧୬ |
| ମାଳଟି | ମାଲଟି | ୨୬ | ୮ |
| ପ୍ରଦାଶ୍ରିତ | ପଦାଶ୍ରିତ | ୨୮ | ୧୪ |
| ପୁଣ୍ୟମ୍ବ | ପୁଣ୍ୟାତ୍ମା | ୩୨ | ୧୩ |
| ତରସ୍ୱିନୀ | ତପସ୍ୱିନୀ | ୩୫ | ୫ |
| ତଦନ୍ତର | ତଦନନ୍ତର | ୩୫ | ୬ |
| ଅନ୍ତ୍ରମେ | ଅନ୍ତ୍ରମେ | ୩୯ | ୧୮ |
| ଦେବ । | ଦେବ ! | ୪୦ | ୧୪ |
| ସ୍ନଳା | ସୂନା | ୪୬ | ୬ |
| ଗୃଥିବୀ | ପୃଥିବୀ | ୪୮ | ୨୩ |
| ନୃପତୀ | ନୃପତି | ୫୯ | ୨୨ |
| ବୂଲ | ଭୁଲ | ୬୬ | ୧୦ |
| ଝଥଲୁ | ଝେଥଲୁ | ୯୯ | ୨ |
| ଓହେ ! | ଓହୋ । | ୧୦୮ | ୨୪ |

Digitized by srujanika@gmail.com

ଛେଟେ ଅବାଦ ( । ) ଛଁଠକାହିଁ ପାଠକେ ସହଜରେ ବୁଝିପାରିବେ, ଯଥା :—

| ଅଶୁଦ୍ଧ | ଶୁଦ୍ଧ | ପୃଷ୍ଠା | ପଂକ୍ତି |
|---|---|---|---|
| ଦସ୍ତୁ | ଦସ୍ୟୁ | ୧ | ୨୮ |
| ବାପ | ବାପା | ୧୨ | ୧୫ |
| ମଙ୍କି | ମାଙ୍କି | ୧୧ | ୧୧ |
| ପପ | ପାପ | ୩୮ | ୪ |
| ଘେଟଛଲ | ଘୋଃଟାଛଲ | ୬୦ | ୧୨ |
| ମେର | ମୋର | ୯୪ | ୨୫ |
| ମଗି | ମାଗି | ୯୫ | ୪ |

ଇତ୍ୟାଦି ।—

Digitized by srujanika@gmail.com